
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୫ ସେପ୍ଟେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 25 September 2024
Vol.No. 35 ■ No.257 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ରୁଷ-ୟୁକ୍ରେନ ଅସ୍ତ୍ରବିରତି ନେଇ ମୋଦୀ-ଜେଲେନସ୍କିଙ୍କ ଆଲୋଚନା



ନୂଆଦିଲ୍ଲୀ, ୨୩/୯ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନ୍ୟୁୟର୍କରେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ସହ କଥା ହୋଇଛନ୍ତି। ୟୁକ୍ରେନ ବିବାଦର ଶୀଘ୍ର ସମାଧାନ ତଥା ଏହି ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ଫେରାଇ ଆଣିବା ପାଇଁ ଭାରତର ସମର୍ଥନକୁ ମେଦୀ ଦୋହରାଇଛନ୍ତି। ତିନି ଦିନିଆ ଆମେରିକା ଗସ୍ତରେ ଥିବା ମୋଦୀ ସୋମବାର ଦିନ ନ୍ୟୁୟର୍କର ଐତିହାସିକ ଜାତିସଂଘ ଶିଖର ସମ୍ମିଳନୀରେ ଜେଲେନସ୍କିଙ୍କୁ ଭେଟିଛନ୍ତି। ପ୍ରାୟ ଏକ ମାସ ମଧ୍ୟରେ ଦୁଇ ନେତାଙ୍କ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ସାକ୍ଷାତ୍। ପ୍ରଧାନମନ୍ତ୍ରୀଙ୍କ ୟୁକ୍ରେନ ଗସ୍ତ ସମୟରେ ସେମାନେ ଅଗଷ୍ଟ ୨୩ରେ ୟୁକ୍ରେନର ରାଜଧାନୀ କିଭ୍‌ରେ ପରସ୍ପରକୁ ଭେଟିଥିଲେ। ମୋଦୀ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ 'ଏକ୍ସ'ରେ ଏନେଇ ପୋଷ୍ଟ କରିଛନ୍ତି। ସେ କହିଛନ୍ତି ନ୍ୟୁୟର୍କରେ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କ ସହିତ ଭେଟ ହୋଇଛି। ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବା ପାଇଁ ଗତ ମାସରେ ମୋର ୟୁକ୍ରେନ ଗସ୍ତର ଫଳାଫଳକୁ କାର୍ଯ୍ୟକାରୀ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ବିବାଦର ଶୀଘ୍ର ସମାଧାନ ତଥା ୟୁକ୍ରେନରେ ଶାନ୍ତି ଏବଂ ସ୍ଥିରତାର ପୁନରୁଦ୍ଧାର ପାଇଁ ଭାରତର ସମର୍ଥନକୁ ମୋଦୀ ଦୋହରାଇଛନ୍ତି। ଏହି ବୈଠକରେ ଜେଲେନସ୍କି ୟୁକ୍ରେନ ବିବାଦକୁ ନେଇ ଭାରତର ପ୍ରୟାସକୁ ପ୍ରଶଂସା କରିଛନ୍ତି। ଏହି ସ୍ଥିତିରୁ ମୁକ୍ତି ପାଇବା ପାଇଁ ପ୍ରୟାସ କରିଥିବାରୁ ଜେଲେନସ୍କି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଦେଇଛନ୍ତି ବୋଲି ବୈଦେଶିକ ସଚିବ ବିକ୍ରମ ମିଶ୍ରୀ ଏଠାରେ ଏକ ସ୍ୱତନ୍ତ୍ର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ବିକ୍ରମ କହିଛନ୍ତି ଯେ ଦୁଇ ନେତା ପରସ୍ପର ମଧ୍ୟରେ ଘନିଷ୍ଠ ସମ୍ପର୍କ ଜାରି ରଖିବାକୁ ସହମତି ପ୍ରକାଶ କରିଛନ୍ତି। ବୈଦେଶିକ ମନ୍ତ୍ରଣାଳୟ 'ଏକ୍ସ'ରେ ପୋଷ୍ଟ କରି କହିଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୟୁକ୍ରେନର ରାଷ୍ଟ୍ରପତି ଜେଲେନସ୍କିଙ୍କୁ ନ୍ୟୁୟର୍କରେ ମିଳିତ ଜାତିସଂଘ ସାଧାରଣ ସଭା (ୟୁଏନଜିଏ) ବୈଠକରେ ଭେଟିଛନ୍ତି। ଦ୍ୱିପାକ୍ଷିକ ସମ୍ପର୍କ ଉପରେ ଦୁଇ ନେତା ମତ ରଖିଥିଲେ। ସେମାନେ ୟୁକ୍ରେନର ପରିସ୍ଥିତି ଉପରେ ମଧ୍ୟ ଆଲୋଚନା କରିଥିଲେ। ସଂଳାପ ଏବଂ କୂଟନୀତି ମାଧ୍ୟମରେ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଏକ ଗଠନମୂଳକ ଭୂମିକା ଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ଭାରତର ଇଚ୍ଛାକୁ ଦୋହରାଇଛନ୍ତି।

## ସରକାରଙ୍କ ନାଲି ଆଖିକୁ ଡରିଲେନି ନର୍ସିଂ ଅଫିସର



ଭୁବନେଶ୍ୱର, ୨୪/୯ (ନି.ପ୍ର): ଆନ୍ଦୋଳନ କଲେ କାର୍ଯ୍ୟାନୁଷ୍ଠାନ ହେବ। ଆସନ୍ତାକାଲିଠୁ ଆନ୍ଦୋଳନ ପାଇଁ ଅଣ୍ଟା ଭିଡିଥିବା ନର୍ସିଂ ଅଫିସର ଓ କର୍ମଚାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ନର୍ସିଂ ନିର୍ଦ୍ଦେଶକ। ସବୁ ସରକାରୀ ହସ୍ପିଟାଲ ନିର୍ଦ୍ଦେଶକ ଓ ଅଧୀକ୍ଷକଙ୍କୁ ଲେଖାଯାଇଥିବା ଚିଠିରେ ଉଲ୍ଲେଖ ରହିଛି ଯେ, ଗତ ଅଗଷ୍ଟ ୭ ତାରିଖରୁ ନର୍ସିଂ ଅଫିସରଙ୍କ ବିରୋଧରେ ୬ ମାସ ପାଇଁ ଏସମା ଲାଗୁ ହୋଇଛି। ଏଭଳି ସ୍ଥିତିରେ ଯଦି ନର୍ସିଂ କର୍ମଚାରୀ ସଂଘ ଆନ୍ଦୋଳନ କରେ, ତାହାହେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ସେପଟେ ଆନ୍ଦୋଳନ ଜିଦରେ ଅଟଳ ରହିଛି ଅଲ୍ ଓଡ଼ିଶା ନର୍ସିଂ ସଂଘ। ସଂଘ କହିଛି, ରୋଗୀଙ୍କୁ ଦୃଷ୍ଟିରେ ରଖି ୨୫ ଓ ୨୬ ତାରିଖରେ ଜରୁରୀ ସେବା ବ୍ୟାହତ କରିବୁନି। ଆଇସିୟୁ, ଓଟି ଓ ଏମର୍ଜେନ୍ସିରେ ସେବା ଯୋଗାଇବୁ। ତେବେ ଏହି ଦୁଇ ଦିନରେ ଆମ ଦାବି ନ ମାନିଲେ ୨୭ ତାରିଖ ଠାରୁ ସଂପୂର୍ଣ୍ଣ ଭାବେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ସଂଘ କହିଛି।

## ବାଙ୍କୀ ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣା: ୨ ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ

ବାଙ୍କୀ, ୨୪/୯ (ନି.ପ୍ର): ବହୁ ଚର୍ଚ୍ଚିତ ୨୦୧୬ ବାଙ୍କୀ ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲାର ଦୁଇ ଦୋଷୀ ସନ୍ତୋଷ ସାହୁ ଓ ବିଭୂତି ରାଉତଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି କଟକର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ। ତା' ସହିତ ମୃତକଙ୍କ ପରିବାରକୁ ଆଇନ ଅନୁଯାୟୀ କ୍ଷତିପୂରଣ ଦେବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୬ ଅଗଷ୍ଟ ୧ ତାରିଖରେ ସମ୍ପୃକ୍ତ ନାବାଳିକା ଏକ ଘରୋଇ ବସରେ କଟକରୁ ବାଙ୍କୀ ଯାଉଥିଲେ। ବସର ଡ୍ରାଇଭର ସନ୍ତୋଷ ସାହୁ ଓ କଣ୍ଡକ୍ଟର ବିଭୂତି ରାଉତ ନାବାଳିକାଙ୍କୁ ରତାଗଡ଼ ନେଇଯାଇଥିଲେ। ସେଠାରେ ଉଭୟ ନାବାଳିକାଙ୍କୁ ଦୁଷ୍କର୍ମ କରିବା ପରେ ରେଞ୍ଚିରେ ପିଟି ପିଟି ହତ୍ୟା କରିଥିଲେ। ହତ୍ୟା କରିବା ପରେ ନାବାଳିକାଙ୍କ ମୃତଦେହକୁ ଜାତ ମୁଣ୍ଡିଆ ବ୍ରିଜରୁ ମହାନଦୀ ମଧ୍ୟକୁ ପକାଇ ଦେଇଥିଲେ ସନ୍ତୋଷ ଓ ବିଭୂତି। ପରଦିନ ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ପୁଲିସ ତଦନ୍ତ କରି ସନ୍ତୋଷ ଓ ବିଭୂତିଙ୍କୁ ଗିରଫ କରିଥିଲା। ମୋଟ ୪୪ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରାୟ ୬୦ଟି ଦଲିଲକୁ ବିଚାରକୁ ନେଇ କୋର୍ଟ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି।

## ବନ୍ୟାରେ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଘର ମରାମତି ପାଇଁ ମିଳିବ ୧.୨୦ ଲକ୍ଷ ଟଙ୍କା: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୪/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ଗତ ସପ୍ତାହରେ ହୋଇଥିବା ବନ୍ୟାଜନିତ କ୍ଷୟକ୍ଷତି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ସହାୟତା ଘୋଷଣା କରିଛନ୍ତି। ଏକ ଉଚ୍ଚସ୍ତରୀୟ ସମୀକ୍ଷା ପରେ ଶ୍ରୀ ମାଝୀ ଭାଙ୍ଗି ଯାଇଥିବା କୁଡ଼ିଆ ଘର ପାଇଁ ୮ ହଜାର ଓ ଗୁହାଳ ପାଇଁ ୩ ହଜାର ଟଙ୍କା ଘୋଷଣା କରିଛନ୍ତି। ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଘର ମରାମତି ପାଇଁ ମିଳିବ ୧ ଲକ୍ଷ ୨୦ ହଜାର ଟଙ୍କା। ପକ୍କା ଘର ଆଂଶିକ ଭାଙ୍ଗିଥିଲେ ମିଳିବ ୬ ହଜାର ୫୦୦ ଟଙ୍କା। କଚ୍ଚା ଘର ଆଂଶିକ ଭାଙ୍ଗିଥିଲେ ମିଳିବ ୪ ହଜାର ଟଙ୍କା। ସେହିପରି ସେ କ୍ଷତିଗ୍ରସ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ସହାୟତା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁସାରେ ଅଣଜଳସେଚିତ ଅଞ୍ଚଳ ପାଇଁ ହେକ୍ଟର ପିଛା ୮ ହଜାର ୫୦୦ ଟଙ୍କା ମିଳିବ। ସେହିପରି ଚାଷୀ ପରିବାର ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୧୭ ହଜାର ଟଙ୍କା ପାଇବେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗତ ୧୮ ତାରିଖ ଦିନ ବାଲେଶ୍ୱର ଜିଲ୍ଲାର ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ବସ୍ତା ବ୍ଲକର ବନ୍ୟା ସ୍ଥିତି ଆକାଶ ମାର୍ଗରୁ ନିରୀକ୍ଷଣ କରିଥିଲେ। ପରେ ବାଲେଶ୍ୱର ପାଛୋଡ଼ିଆସ୍ଥିତ ପଦ୍ମାବତୀ ପାର୍କ ପରିସରରେ ବାଲେଶ୍ୱର ବନ୍ୟା ସ୍ଥିତିର ସମୀକ୍ଷା କରିଥିଲେ। ବନ୍ୟା ନେଇ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର କହିଥିଲେ ସୁବର୍ଣ୍ଣରେଖା ନଦୀରେ ଭୟଙ୍କର ବନ୍ୟା ପ୍ରଭାବରେ ୩୫ ପଞ୍ଚାୟତ କ୍ଷତିଗ୍ରସ୍ତ ହେବା ସହ ୧୫ ପଞ୍ଚାୟତରୁ ୨ ହଜାର ଲୋକଙ୍କୁ ଅସ୍ଥାୟୀ ସ୍ଥାନାନ୍ତର କରାଯାଇଛି। ପ୍ରଶାସନ ପକ୍ଷରୁ ଜଳ ଘେରରେ ଥିବା ସମସ୍ତ ଲୋକଙ୍କୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର କାର୍ଯ୍ୟରେ ୮ଫାୟାର ଟିମ, ୩ ଓଡ୍ରାଫ ସାଙ୍ଗକୁ ଗୋଟିଏ ଏନଡିଆରଏଫ ଟିମ୍ ମୁତୟନ କରାଯାଇଛି ବୋଲି କହିଥିଲେ।

## ହରିୟାଣା ନିର୍ବାଚନ: ଶାହାରୁଖଙ୍କ 'ଡଙ୍କି'କୁ ପ୍ରସଙ୍ଗ କଲେ ରାହୁଲ: ଭିଡିଓ ଭାଇରାଲ



ନୂଆଦିଲ୍ଲୀ, ୨୩/୯ : ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ହରିୟାଣା ନିର୍ବାଚନରେ ଶାହାରୁଖ ଖାନଙ୍କ ଫିଲ୍ମ 'ଡଙ୍କି'କୁ ଏକ ପ୍ରସଙ୍ଗ କରିଛନ୍ତି। ଏହି ପ୍ରସଙ୍ଗରେ କଂଗ୍ରେସ ନେତା ବିଜେପିକୁ ଟାର୍ଗେଟ କରିଛନ୍ତି। ମଙ୍ଗଳବାର ରାହୁଲ ଗାନ୍ଧୀ ହରିୟାଣାର ବେକାରୀ ସମସ୍ୟା ସମ୍ପର୍କରେ ବିଜେପିକୁ ପ୍ରଶ୍ନ କରିଛନ୍ତି। ସେ ପ୍ରଶ୍ନ ପଚାରିଛନ୍ତି, ରାଜ୍ୟର ଯୁବବର୍ଗମାନେ କାହିଁକି ମୂର୍ଖ ହେବାକୁ ବାଧ୍ୟ ହେଉଛନ୍ତି ? ସେ ଆହୁରି ମଧ୍ୟ କହିଛନ୍ତି ଯେ ହରିୟାଣାରେ କଂଗ୍ରେସ ସରକାର ଗଠନ ହେବା ମାତ୍ରେ ଏପରି ଏକ ବ୍ୟବସ୍ଥା ସୃଷ୍ଟି ହେବ ଯେଉଁଥିରେ ଯୁବବର୍ଗମାନଙ୍କୁ ସେମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସେମାନଙ୍କ ପ୍ରିୟଜନଙ୍କଠାରୁ ଦୂରରେ ରହିବାକୁ ପଡ଼ିବ ନାହିଁ। ନିକଟରେ ତାଙ୍କର ଆମେରିକା ଗସ୍ତ ସମୟରେ ରାହୁଲ ଗାନ୍ଧୀ ଭାରତରୁ ଆମେରିକା ଯାତ୍ରା କରୁଥିବା କିଛି ଲୋକଙ୍କୁ ଭେଟିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଅମିତ ନାମକ ଜଣେ ଯୁବକ ଥିଲେ। ଯାହାଙ୍କର ପରିବାରଙ୍କୁ ରାହୁଲ ଗତ ଶୁକ୍ରବାର ଦିନ କର୍ଣ୍ଣଲରେ ସାକ୍ଷାତ କରିଥିଲେ। ରାହୁଲ ଗାନ୍ଧୀ ସାକ୍ଷାତ ସମୟର ଭିଡିଓ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ସେୟାର କରିଛନ୍ତି। ରାହୁଲ ଗାନ୍ଧୀ ଆହୁରି ଲେଖିଛନ୍ତି, ଲକ୍ଷ ଲକ୍ଷ ପରିବାର ନିଜ ପ୍ରିୟଜନଙ୍କଠାରୁ ଅଲଗା ହୋଇ ବିଜେପି ଦ୍ୱାରା ପ୍ରସାରିତ ବେକାରୀ ରୋଗର ମୂଲ୍ୟ ଦେଉଛନ୍ତି । ରାହୁଲ କହିଛନ୍ତି ଯେ ଆମେରିକା ଗସ୍ତ ସମୟରେ ସେ ହରିୟାଣାର ଯୁବବର୍ଗମାନଙ୍କୁ ▶▶ପୃଷ୍ଠା ୭

## ଭରତପୁର ଥାନା କାଣ୍ଡ: ମେଜରଙ୍କ ବାନ୍ଧବୀଙ୍କୁ ମିଳିଲା ପିଏସଓ

ଭୁବନେଶ୍ୱର, ୨୪/୯ (ନି.ପ୍ର): ଭୁବନେଶ୍ୱରର ଭରତପୁର ଥାନା ମାମଲାକୁ ନେଇ ଚର୍ଚ୍ଚାରେ ଥିବା ଆର୍ମି ମେଜରଙ୍କ ବାନ୍ଧବୀଙ୍କ ପାଇଁ ନିଯୁକ୍ତ ହେଲେ ବ୍ୟକ୍ତିଗତ ସୁରକ୍ଷା କର୍ମୀ ବା ପିଏସ୍‌ଓ। କମିଶନରେଟ୍ ପୁଲିସ ପକ୍ଷରୁ ତାଙ୍କୁ ପିଏସଓ ଯୋଗାଇ ଦିଆଯାଇଛି। ଗତ ୧୪ ତାରିଖ ରାତିରେ ଚନ୍ଦକା ରାସ୍ତାରେ କିଛି ଛାତ୍ର ତାଙ୍କୁ ▶▶ପୃଷ୍ଠା ୭

## ୪୯୫୪ କୋଟି ଟଙ୍କାର ୩୧ଟି ପ୍ରକଳ୍ପକୁ ସିଙ୍ଗଲୱିଣ୍ଡୋ ମଞ୍ଜୁରୀ




ଭୁବନେଶ୍ୱର, ୨୪/୯ (ନି.ପ୍ର): ରାଜ୍ୟରେ ଆଉ ୪୯୫୪.୨୬କୋଟି ଟଙ୍କା ପୁଞ୍ଜିନିବେଶର ୩୧ଟି ଇନୋଭେଟିଭ୍ ପ୍ରକଳ୍ପକୁ ଆଜି ସିଙ୍ଗଲୱିଣ୍ଡୋ ମଞ୍ଜୁରୀ ମିଳିଛି । ୧୪ଟି ଜିଲ୍ଲାରେ ଏହି ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଅତିରିକ୍ତ ୨୪୧୬୨ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ । ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଆଜି ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ ବୈଠକରେ ମେକାନିକାଲ ଓ ଇଲେକ୍ଟ୍ରିକାଲ କ୍ୟାପିଟାଲ ଗୁଡସ୍, ଫୁଡ୍ ପ୍ରୋସେସିଂ,ପ୍ୟାକେଜିଂ, ଟେକ୍ସଟାଇଲ, ବାୟୋଫୁଏଲ, ଗ୍ରୀନ୍ ଏନର୍ଜି ଉପକରଣ,ଷ୍ଟିଲ (ଡାଉନଷ୍ଟ୍ରିମ), ପ୍ଲାଷ୍ଟିକ, ଫୁଡ୍, ମୃଦୁପାନୀୟ, ଆଗ୍ରୋ ପ୍ରୋସେସିଂ, ଅକ୍ଷୟ ଶକ୍ତି,

## ଦଶମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷାକୁ ନେଇ ଦ୍ୱନ୍ଦ୍ୱ ଦୂର କଲା ବୋର୍ଡ

କଟକ, ୨୪/୯ (ନି.ପ୍ର): ଦଶମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷାକୁ ନେଇ ଦ୍ୱନ୍ଦ୍ୱ ଦୂର କଲା ମାଧ୍ୟମିକ ଶିକ୍ଷା ପରିଷଦ (ଇଁଷଁର)। ଷାଣ୍ମାସିକ ପରୀକ୍ଷା କରିବାକୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ଚିଠି ଲେଖିଲା ବୋର୍ଡ। ତେବେ ଗତ ବର୍ଷ ଭଳି ଏଥର ପ୍ରଶ୍ନପତ୍ର ବୋର୍ଡ ଯୋଗାଇବ ନାହିଁ। ସ୍କୁଲ କର୍ତ୍ତୃପକ୍ଷ ନିଜସ୍ୱ ପ୍ରଶ୍ନପତ୍ର ପ୍ରସ୍ତୁତ କରିପାରିବେ ବୋଲି ବୋର୍ଡ ସ୍ପଷ୍ଟ କରି ଦେଇଛି। ବୋର୍ଡ ସଂପାଦକ ଆଜି ସମସ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପଠାଇଥିବା ଚିଠିରେ ଲେଖିଛନ୍ତି ଯେ ୨୦୨୪-୨୫ ଶିକ୍ଷା ବର୍ଷ ପାଇଁ ଦଶମ ଶ୍ରେଣୀର ଷାଣ୍ମାସିକ ପରୀକ୍ଷା କରିବା ନେଇ କିଛି ଦ୍ୱନ୍ଦ୍ୱ ରହିଯାଇଥିବା ଜଣାପଡୁଛି। ଏହି ପରୀକ୍ଷା ପାଇଁ ଗତ ବର୍ଷ (୨୦୨୩-୨୪ ବର୍ଷ ପାଇଁ) ଇଁଷଁର ପ୍ରଶ୍ନପତ୍ର ପ୍ରସ୍ତୁତ କରିଥିଲା। କିନ୍ତୁ ଚଳିତ ବର୍ଷର ଦଶମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷା ପାଇଁ ଇଁଷଁର ପ୍ରଶ୍ନପତ୍ର ପଠାଇବ ନାହିଁ ବୋଲି ସ୍ପଷ୍ଟ କରି ଦେଉଛି। ସମସ୍ତ ସ୍କୁଲ ସେମାନଙ୍କର ନିଜର ପ୍ରଶ୍ନପତ୍ର ପ୍ରସ୍ତୁତ କରିପାରିବେ ଅବା ଧାର୍ଯ୍ୟ ସମୟ ସୀମା ମଧ୍ୟରେ ପରୀକ୍ଷା କରିବା ପାଇଁ ଅଲଗା ବ୍ୟବସ୍ଥା କରିପାରିବେ।

## ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର: ପ୍ରବଳ ବର୍ଷିବ



ଭୁବନେଶ୍ୱର, ୨୪/୯ (ନି.ପ୍ର): କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଗତକାଲିର ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଆଜି ପଶ୍ଚିମକେନ୍ଦ୍ରୀୟ ତଟ-ସଂଲଗ୍ନ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଉତ୍ତର ଆନ୍ଧ୍ର ଏବଂ ଦକ୍ଷିଣ ଓଡ଼ିଶା ଉପକୂଳବର୍ତ୍ତୀ ସମୁଦ୍ର ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ସହ ଜଡ଼ିତ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୭.୬ କିଲୋମିଟର ବ୍ୟାପିଛି। ଏଣେ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ ୨୭ ତାରିଖ ସକାଳ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ। ୨୪ ତାରିଖରେ ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଯାଜପୁରରେ ▶▶ପୃଷ୍ଠା ୭

## ଜମି ଦୁର୍ନୀତି ମାମଲା: ରାଜ୍ୟପାଳଙ୍କ ନିର୍ଦ୍ଦେଶ ବିରୁଦ୍ଧରେ ସିଦ୍ଧରମୈୟା କରିଥିବା ଆବେଦନ ଖାରଜ



ନୂଆଦିଲ୍ଲୀ, ୨୪/୯ : କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଜମି ଦୁର୍ନୀତି ମାମଲା ଉପରେ କରିଥିବା ଆବେଦନ ହାଇକୋର୍ଟରେ ଖାରଜ ହୋଇଯାଇଛି। ନିକଟରେ ଏହି ମାମଲା ଉପରେ ରାଜ୍ୟପାଳ ଥାୱର ଚାନ୍ଦ ଗେହଲଟ ସିଦ୍ଧରମୈୟାଙ୍କ ବିରୁଦ୍ଧରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମୁଖ୍ୟମନ୍ତ୍ରୀ, ଯାହାକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି। ଆଜି ହାଇକୋର୍ଟ ବିଚାରପତି ଜଷ୍ଟିସ ଏମ ନାଗପ୍ରସନ୍ନ ଏହି ମାମଲା ଉପରେ ଶୁଣାଣି କରି ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ଆବେଦନକୁ ଖାରଜ କରି କହିଛନ୍ତି, ଏ ମାମଲା ଉପରେ ନିଷ୍ପତ୍ତି ନେବାପାଇଁ ରାଜ୍ୟପାଳଙ୍କର ସାମ୍ବିଧାନିକ ଅଧିକାର ରହିଛି। ତାଙ୍କ ନିର୍ଦ୍ଦେଶ ଅନୁସାରେ, ଜମି ଦୁର୍ନୀତି ମାମଲାରେ ତଦନ୍ତ ହୋଇପାରିବ, ହାଇକୋର୍ଟ ଏଥିରେ ପ୍ରତିବନ୍ଧକ ଲଗାଇ ପାରିବେ ନାହିଁ ବୋଲି ଜଷ୍ଟିସ ନାଗପ୍ରସନ୍ନ କହିଛନ୍ତି। ପ୍ରକାଶ ଥାଉକି, କର୍ଣ୍ଣାଟକର ଜଣେ ଆରଟିଆଇ କାର୍ଯ୍ୟକର୍ତ୍ତା ଟି.ଜେ ଆବ୍ରାହମ ▶▶ପୃଷ୍ଠା ୭

# ହିସାବ ରକ୍ଷକ ତଥା ତଥ୍ୟ ନିକ୍ଷେପଣ ପରିଚାଳକଙ୍କ ପ୍ରଥମ କାର୍ଯ୍ୟକାରିଣୀ ବୈଠକ

ମାଲକାନଗିରି, ୨୪/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଥିବା ୮୪ ଜଣ ଗ୍ରାମ ରୋଜଗାର ସେବକଙ୍କ ପଦୋନ୍ନତି କରିଛନ୍ତି ରାଜ୍ୟ ସରକାର। ରାଜ୍ୟ ସରକାରଙ୍କ ନିୟମାନୁସାରେ ଉକ୍ତ ୮୪ ଜଣ ଗ୍ରାମ ରୋଜଗାର ସେବକଙ୍କୁ ବର୍ତମାନ ପଦୋନ୍ନତି ପରେ ସେମାନଙ୍କୁ 'ହିସାବ ରକ୍ଷକ ତଥା ତଥ୍ୟ ନିକ୍ଷେପଣ ପରିଚାଳକ' ଭାବରେ ଦାୟିତ୍ୱ ମିଳିଛି। ଆଜି ଏହି ଅବସରରେ ମାଲକାନଗିରି ଜିଲ୍ଲା ସଦରମହକୁମା ହୋଟେଲ ସ୍ୱାଗତ ଠାରେ ସମସ୍ତଙ୍କ ଉପସ୍ଥିତିରେ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ହିସାବ ରକ୍ଷକ ତଥା ତଥ୍ୟ ନିକ୍ଷେପଣ ପରିଚାଳକ' କର୍ମକର୍ତାଙ୍କ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ଯେଉଁଥିରେ ଜିଲ୍ଲା ସଭାପତି ଭାବରେ ସୁଶିଲ କୁମାର ପାଣିଗ୍ରାହୀ, ଜିଲ୍ଲା ସମ୍ପାଦକ ଭାବରେ ତାପସ ସରଦାର, କୋଷାଧକ୍ଷ ବିଶ୍ୱଜିତ ସରକାର, ଉପସଭାପତି କ୍ରିଷ୍ଣା ବାଗଚୀ, କାର୍ଯ୍ୟକାରିଣୀ ସଭାପତି ଏନ୍.ମୋହନ, ପରାମର୍ଶ ଦାତା ଭାବେ ରଘୁନାଥ ଗୌଡ଼ ଏବଂ ଗୌରଚାନ୍ଦ ବିଶ୍ୱାସଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ସେହିପରି ସଂଘର ଗଠନ ହୋଇଥିବା ନୂତନ କମିଟିର ବିଭିନ୍ନ ପଦ ପଦବୀ ଦାୟିତ୍ୱ ରେ ବିପୁଳ ପାଲ,କାଲାଚାନ୍ଦ ମଣ୍ଡଳ, ଶଙ୍କର କର୍ମକାର, ଦେବେନ୍ଦ୍ର ଖେମୁଡୁ, ଡମ୍ବରୁଧର ପୂଜାରୀ, ବସନ୍ତ ମଣ୍ଡଳ ଓ ରାଜେଶ ଦାସ୍ ଙ୍କୁ ଦାଇତ୍ୱ ଦିଆଯାଇଛି। ଏହି ବୈଠକରେ ସମସ୍ତ ପଦୋନ୍ନତି ହିସାବ ରକ୍ଷକ ତଥା ତଥ୍ୟ ନିକ୍ଷେପଣ ପରିଚାଳକ କାର୍ଯ୍ୟକର୍ତା ଉପସ୍ଥିତ ରହିଥିଲେ।

# ରାଇବଣିଆ ଅଞ୍ଚଳରେ ବଣୁଆ ହାତୀର ତାଣ୍ଡବ ଚାଷୀଙ୍କ କ୍ଷେତକୁ କଲାଣି ନଷ୍ଟ



ଜଳେଶ୍ୱର ୨୪/୯(ନୀପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଇଲାକାରେ ଥିବା ଲୁହାପଡା ଜଙ୍ଗଲ ରେ ଏକ ୨୮ ଟିକିଆ ଶିମିଳିପାଳ ହାତୀପଲ ରହିଥିବା ଜଣାପଡିଛି। ଏକା ଥରକେ ୨୮ ଟିକା ହାତୀପଲକୁ ଦେଖି ଖୁଆଡ, କଳମା, ବରଡିହା, ରାଇବଣିଆ, କାଳିକ ଆଦି ପଂଚାୟତର ଆତଙ୍କିତ ହୋଇ ପଡିଛନ୍ତି। ଏହି ୨୮ ଟିକା ଶିମିଳିପାଳ ହାତୀ ପଲ ଗତ ୨୧ ତାରିଖ ରାତି ପାଖାପାଖି ୧୨ ଟା ସମୟରେ ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ରେଞ୍ଜ ଅଧୀନସ୍ଥ ଗାଁ ଅମର୍ଦା ବିଟର ଉଗାଳସାହି ଓ ଦ୍ୱାରଶୁଣି ଜଙ୍ଗଲ ରାସ୍ତାରେ ଲୁହାପଡା ଜଙ୍ଗଲରେ ପ୍ରବେଶ କରିଥିଲେ। ଗତ ୨୧ ତାରିଖ ରାତିରୁ ଏହି ହାତୀପଲ ଲୁହାପଡା ଜଙ୍ଗଲରେ ରହି ଗର୍ଜନ କରୁଥିବାରୁ ପାର୍ଶ୍ୱବର୍ତୀ ଗାଁ ଯଥା ଲୁହାପଡା,ରଙ୍ଗାମାଟିଆ, ଦୁଧୁଆଶୁଳ, ଖୁରକୁଲିସାହି, କେନ୍ଦୁଖୁର୍ମୁ। ଆଦି ଗାଁ ର ଲୋକ ଆଜି ଦିନ ତମାମ ଜଙ୍ଗଲକୁ ଯାଇନାହାନ୍ତି। ସେହିପରି ଆଜି ବାଖୁଡ଼ିପଦାଓ ନୁହାପଡ଼ ଅଞ୍ଚଳର ଚାଷୀ ସନ୍ତୁଷ କୁମାର ମହାନ୍ତି, କାଳୀଚରଣ, ଯୋଗେଶ୍ୱର୍ମହାନ୍ତ, ଦୁର୍ଗାସୋରେନ, ରମେଶ ମହାନ୍ତ, ପୁର୍ଣ୍ଣଚନ୍ଦ୍ର ମହାନ୍ତ, ଟୁଡୁ ସୋରେନ୍, ପନା ସୋରେନ୍, ହୋପଟା ସୋରେନ ମାଇସାମୁର୍ମୁ, ଅନେକ ଚାଷୀଙ୍କ ଧାନଚାଷ ଜମି ନଷ୍ଟ କରିଅଛି ଅହି ସବୁ ଚାଷୀ ମାନଙ୍କୁ କିପରି ସହାୟତା ଯୋଗାଇ ଦେବାକୁ ଚାଷୀ ମାନେ ଦାବି କରିଛନ୍ତି।

# ଟାଇକଣ୍ଡୋ ଖେଳାଳିଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗୀର, ୨୪/୦୯ (ନି.ପ୍ର): ଗତ ୩୦.୦୮.୨୦୨୪ ରୁ ତା.୦୧.୦୯.୨୦୨୪ କଟକର ଜବାହାରଲାଲ ନେହେରୁ ଇନଡୋର ଷ୍ଟାଡିୟମ ଠାରେ ରାଜ୍ୟସ୍ତରୀୟ ଟାଇକଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗିର ଜିଲ୍ଲା ଟାଇକଣ୍ଡୋ ସଂଘ ତରଫରୁ ସିମାଦ୍ରି ଆଦେଶ, ଭାଗ୍ୟଶ୍ରୀ ନାଗ, ଦିପିକା ଭୋଇ, ଜେନିସା ପୋଲ, ଶ୍ରେୟାଂଶ ପତି, ଆଲଫିଆ ସାହୁ, ଦଗସେତ ପଧାନ ଓ ଋତୁସ୍ମିତା ହାତି ଭାଗ ନେଇ ୧୦ ଟି ମେଡାଲ ହାସଲ କରିଛନ୍ତି। ବଲାଙ୍ଗିର ଜିଲ୍ଲା ଟାଇକଣ୍ଡୋ ସଂଘ ତରଫରୁ ଜାତୀୟ କୋଚ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଆଜି ସ୍ଥାନୀୟ ପି.ପି.ଏକାଡେମୀ ହାଇସ୍କୁଲ ସଭାଗୃହରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସଦର ଏସ୍ ?ଡିପିଓ ପ୍ରଦୀପ ସାହୁ ଯୋଗ ଦେଇ ଖେଳାଳିମାନଙ୍କୁ ଉପଢୌକନ ଓ ଫୁଲତୋଡା ସହ ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ଦିନରେ ଏହି ଟାଇକଣ୍ଡୋ ସଂଘର ଭିତିଭୂମିର ବିକାଶ ପାଇଁ ଜିଲ୍ଲାପାଳଙ୍କ ସଙ୍ଗେ କଥା ହେବା ଓ ଏହି ଟାଇକଣ୍ଡୋ ଖେଳକୁ ପୋଲିସ ବିଭାଗରେ ଯେଭଳି ସାମିଲ କରାଯିବ ସେଥିପାଇଁ ଉଦ୍ୟମ କରିବେ ବୋଲି ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ କହିଛନ୍ତି। ଟାଇକଣ୍ଡୋ ସଂଘ ସଭାପତି ତଥା ସୂଚନା କର୍ମୀ ହେମନ୍ତ ପଣ୍ଡା କହିଛନ୍ତି ଯେ ଏହି ଟାଇକଣ୍ଡୋ ଓ କରାଟେ ଖେଳ ପାଇଁ ଆଜି ଦିନରେ ଅସୀମ ଭୋଇ ସହର ଠୁ ଗ୍ରାମାଂଚଳ ପର୍ଯ୍ୟନ୍ତ ସବୁଠି ପରିଚିତ। ଗତ ୩୦ ବର୍ଷ କାଳ ଏହି ମାର୍ସିଲ ଆର୍ଟ ଖେଳ ପାଇଁ ନିଜ ଜିବନର ଅଧା ସମୟ ବିତାଇ ଦେଇଥିବା ସତ୍ୱେ ଶ୍ରୀ ଭୋଇଙ୍କ ଏହି ସଂଗଠନର ବିକାଶ ପାଇଁ ଆଜି ପର୍ଯ୍ୟନ୍ତ ପ୍ରଶାସନ ଠାରୁ କୌଣସି ପ୍ରକାର ସହାୟତା ନ ମିଳିବା ଆଶ୍ଚର୍ଯ୍ୟର ବିଷୟ ବୋଲି କହିଛନ୍ତି। ଆଗାମୀ ଦିନରେ ଏହି ଟାଇକଣ୍ଡୋ ସଂଘର ବିକାଶ ପାଇଁ ସମସ୍ତ ପ୍ରକାର ଚେଷ୍ଟା କରାଯିବ ବୋଲି ଶ୍ରୀ ପଣ୍ଡା ପ୍ରତିଶୃତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ହର୍ଷିତା ମିଶ୍ର ପରିଚାଳନା କରିଥିଲେ।

# ନାଟ୍ୟକାର ହରିହର ମିଶ୍ରଙ୍କ ବିୟୋଗରେ ଶୋକସଭା

ପୁରୀ, ୨୪/୦୯ (ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି ହରିହର ମିଶ୍ରଙ୍କର ଆଜି ସକାଳ ୯ଟା ୫ ମିନିଟରେ ଦେହାନ୍ତ ହୋଇ ଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ହୋଇଥିଲା। କବି, ନାଟ୍ୟକାର, ଔପନ୍ୟାସିକ, ଗାଳ୍ପିକ ତଥା ଗୀତିକାର ସ୍ୱର୍ଗତ ମିଶ୍ରଙ୍କ ଦେହାନ୍ତ ସମୟରେ, ପନ୍ନୀ ରାଜଲକ୍ଷ୍ମୀ ଓ ପୁଅ-ବୋହୂ ଉପସ୍ଥିତ ଥିଲେ। ଚାହାଣି ମଣ୍ଡପ, ପଂଚମ ଦୁଆର, ଶୟନ ପ୍ରତିମା ଭଳି ୩୨ଟି କବିତା ସଂକଳନ, କାଗଜଡଙ୍ଗା, ନିନ୍ଦିତ ଗଜପତି, ରାତି ର ଦୁଇଟି ଡେଣା ଭଳି ୨୨ଟି ନାଟକ, ବନହରିଣୀ ଭଳି ୪ଟି ଉପନ୍ୟାସ, ଇଚ୍ଛା ର ସାମ୍ରାଜ୍ୟ ଭଳି ୫ଟି ଗଳ୍ପ ସଂକଳନ, ବେଳାଭୂମି ଓ ନୀଳ ଉପତ୍ୟକା ଭଳି ଅନେକ ଗୀତିକବିତା ର ସ୍ରଷ୍ଟା ହରିହର ମିଶ୍ର, ଚିଲିକା ତୀରେ ଚଳଚ୍ଚିତ୍ର ର ସହ ନିର୍ଦ୍ଦେଶକ ସହ ଚଳଚ୍ଚିତ୍ର ତପସ୍ୟା ର 'ଢାଳି ଦିଅ ସାରା ଧରଣୀ ରେ ଆଜି ତୁମରି ଆଶିଷ ଧାରା 'ଭଳି ସଂଗୀତ ପାଇଁ ଚର୍ଚ୍ଚିତ ଥିଲେ। ସେ ଓଡ଼ିଶା ସାହିତ୍ୟ ଏକାଡେମୀ ର ସଭାପତି ମଧ ରହିଥିଲେ। ବିଶେଷ କରି ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ପୁରସ୍କାର, ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାର ଓ ଶାରଳା ସମ୍ମାନ ଭଳି ସେ ପାଇଥିଲେ ୫୦୦ରୁ ଉର୍ଦ୍ଧ୍ୱ ସମ୍ମାନ। ତାଙ୍କ ମୃତ୍ୟୁରେ ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ସଚିବ ଦେବପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀ ର ପ୍ରାକ୍ତନ ସଂପାଦକ ବିଜୟାନନ୍ଦ ସିଂହ, ଓଡ଼ିଶା ସଂଗୀତ ଏକାଡେମୀ ସଚିବ ପ୍ରବୋଧ ରଥ, ଓଡ଼ିଶା ସାହିତ୍ୟ ଏକାଡେମୀ ର ସଚିବ ଡକ୍ଟର ସୁବୋଧ ଆଚାର୍ଯ୍ୟ ଓ ସହ -ସଚିବ ସଂଜୟ ଛୁଆଳସିଂହ ପ୍ରମୁଖ ଶୋକ ବ୍ୟକ୍ତ କରିଥିବା ବେଳେ, ସ୍ୱର୍ଗଦ୍ୱାର ଠାରେ ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇ, ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ପକ୍ଷରୁ ଗୀତିକାର ତଥା ସଦସ୍ୟ ଡକ୍ଟର ବଦ୍ରି ମିଶ୍ର, ସାହିତ୍ୟ ଏକାଡେମୀ ପକ୍ଷରୁ ସହ ସଚିବ ସଂଜୟ ଛୁଆଳସିଂହ, ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଶବାଧାରରେ ମାଲ୍ୟାର୍ପଣ କରିଥିଲେ। ଏକ ଭବ୍ୟ ଶବ ଶୋଭାଯାତ୍ରାରେ ତାଙ୍କୁ ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାର ନିଆଯାଇଥିଲା। ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମୁଦ୍ରକୂଳ ଥାନା ଅଧିକାରୀ ମାନସ ରଞ୍ଜନ ଚକ୍ରଙ୍କ ନେତୃତ୍ୱରେ ସ୍ୱର୍ଗତ ମିଶ୍ରଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଏକମାତ୍ର ପୁତ୍ର ସଂଗୀତ ନିର୍ଦ୍ଦେଶକ ରୂପକଳ୍ପ ମିଶ୍ର ମୁଖାଗ୍ନୀ ଦେଇଥିବା ବେଳେ ତିନିକନ୍ୟା ରୀତି ମୁକ୍ତା ରାଜଗୁରୁ, ମୋନାଲିସା ମିଶ୍ର ଓ ବର୍ଣ୍ଣମାଳା ଦାଶ, ଝିଆରୀ ସଂଘମିତ୍ରା ଦାଶ, ଅଧିବକ୍ତା ଚିନ୍ମୟ ଦାଶ, ଶିକ୍ଷାବିତ୍ କୈଳାଶ ଚନ୍ଦ୍ର ଟିକାୟତରାୟ, କବି ଭଗବାନ ଜୟସିଂହ, ପ୍ରତିମା ମିଶ୍ର, ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର, ଶ୍ୟାମାପ୍ରକାଶ ସେନାପତି,ଅଜୟ ପ୍ରଧାନ, ଶିବ ସୁନ୍ଦର ମିଶ୍ର, ବୀରେନ୍ଦ୍ର ମହାନ୍ତି, ଚାରୁବାଳା ଦାଶ, କାମଦେବ ମହାରଣା, ଶ୍ରୀକାନ୍ତ ମହାନ୍ତି, କୃଷ୍ଣଚନ୍ଦ୍ର ରଥ, ରବୀନ୍ଦ୍ର ନାଥ ପଟ୍ଟନାୟକ, ଚକ୍ରଧର ମହାପାତ୍ର, ସଦାଶିବ ମିଶ୍ର,ରବି ତ୍ରିପାଠୀ, ପ୍ରଦୀପ୍ତ ପ୍ରଧାନ, ବିକ୍ରମ ସାହୁ, ସଂଗ୍ରାମ ଦାଶ, ପ୍ରାଣକୃଷ୍ଣ ମହାପାତ୍ର, ସ୍ୱାଧୀନ ପଣ୍ଡା, ସତ୍ୟ ନାରାୟଣ ମିଶ୍ର, ବିଜୟ ପଣ୍ଡା, ସତ୍ୟ ନାରାୟଣ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

# ନାବାଳିକାକୁ ଦୁଷ୍କର୍ମ ମାମଲା : ଅଭିଯୁକ୍ତକୁ ୨୦ ବର୍ଷ ଜେଲ ଓ ୬୦ ହଜାର ଜରିମାନା

କନ୍ଧମାଳ , ୨୪/୦୯ (ନି.ପ୍ର): ଫୁଲବାଣୀ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ରାଜେଶ ଦାଶ, ଆଜି ଏକ ୧୭ ବର୍ଷ ର ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ମାମଲାର ୧୬ ଜଣ ସାକ୍ଷୀ, ଡାକ୍ତରୀ ରିପୋର୍ଟ ଏବଂ ପୀଡିତାଙ୍କ ବୟାନ ଆଧାରରେ ଏହି ମାମଲାର ଅଭିଯୁକ୍ତ ଗୋଛାପଡା ଥାନା ଅଂଚଳର ଦେବରାଜ ଦିଗାଲ (୬୧)କୁ ଦୋଷୀ ସାବ୍ୟସ୍ତ କରି ତାକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୬୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଭିଯୁକ୍ତକୁ ଆଉ ଅଧିକ ୧୦ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ନିଜ ରାୟରେ ଦର୍ଶାଇଛନ୍ତି ବିଚାରପତି। ଏଥି ସହିତ ପୀଡିତାଙ୍କୁ କ୍ଷତିପୂରଣ ନିମନ୍ତେ ୬ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ମଧ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ, ଗତ ୨୦୨୩ ମସିହା ଫେବୃଆରୀ ମାସ ୫ ତାରିଖ ଦିନ ପୀଡିତା ଘରେ ଏକୁଟିଆ ଥିବା ଜାଣି ତାକୁ ଘର ନିକଟସ୍ଥ ଏକ ଜଙ୍ଗଲକୁ ନେଇ ତା ସହିତ ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲା। ଏହି ଘଟଣା ବାବଦରେ କାହାକୁ କହିଲେ ଜୀବନରେ ମାରି ଦେବା ନେଇ ଧମକ ଦେଇଥିଲା। ପୀଡିତା ଘରେ ପହଂଚି ସମସ୍ତ କଥା କହିବା ପରେ ପୀଡିତାର ପରିବାର ଲୋକେ ୧୦ ଫେବୃଆରୀରେ ଗୋଛାପଡା ଥାନାରେ ଏକ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ୍ ଏକ ମାମଲା ୨୬/୨୦୨୩ ରଜ୍ଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ସେହି ମାମଲାରର ବିଚାରଣ କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ମାମଲାକୁ ପୋକ୍ସୋ କୋର୍ଟ ର ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ପରିଚାଳନା କରିଥିଲେ।

# ବୃଦ୍ଧା ଜେଜେମା ଭରସାରେ ୩ ନାବାଳକ ଭାଇ ଭଉଣୀଙ୍କ ଭବିଷ୍ୟତ

ଚମ୍ପୁଆ, ୨୪/୦୯ (ନି.ପ୍ର): ଆଗ ପଛ କରି ବୋହୂ, ପୁଅ ଓ ସ୍ୱାମୀ ଅବେଳରେ ଆର ପାରିକୁ ଚାଲିଯିବା ପରେ କୋହରେ ଫାଟି ପଡୁଛି ଅନ୍ତର। ତଥାପି ତିନି ଅନାଥ ନାତି ନାତୁଣୀଙ୍କ ପାଇଁ ଭାଙ୍ଗି ପଡି ନାହାନ୍ତି ୭୦ ବର୍ଷର ବୃଦ୍ଧା ମୁକ୍ତା ମୁଣ୍ଡା। ପରିଣତି ବୟସରେ ନାତି ନାତୁଣୀଙ୍କ ଗହଣରେ ଖେଳି ବୁଲି ସମୟ କଟାଇବା ବଦଳରେ ତିନି ତିନିଟି ଅନାଥ ନାତି ନାତୁଣୀଙ୍କ ଭାର ତାଙ୍କ ଉପରେ। ପୂର୍ବରୁ ହସ ଖୁସିରେ ଗଡ଼ି ଚାଲିଥିଲା ଜିବନ ଚକ୍ର, ହେଲେ ସତେ ଯେମିତି କାହାର ନଜର ଲାଗିଗଲା ତାଙ୍କ ପରିବାର ଉପରେ। ଦାଉ ସାଧିଲା ଦଇବ। ତିନି ବର୍ଷ ପୂର୍ବେ ହଠାତ୍ ବୋହୂ ତିନି ଛୁଆଙ୍କୁ ଅନାଥ କରି ପ୍ରଥମେ ଆର ପାରିକୁ ଚାଲି ଯାଇଥିବା ବେଳେ ବର୍ଷେ ନ ପୁରୁଣୁ ଆଗ ପଛ ହୋଇ ଚାଲି ଗଲେ ପୁଅ ଓ ସ୍ୱାମୀ। ଏବେ ବୃଦ୍ଧା ବୟସରେ ତିନି ନାବାଳକ ନାତି ନାତୁଣୀଙ୍କ ଭାର ଅସହାୟ ମୁକ୍ତା ମୁଣ୍ଡାର କାନ୍ଧରେ। ବାପା ମାଙ୍କୁ ହରାଇ ସମ୍ପୂର୍ଣ୍ଣ ଅନାଥ ହୋଇ ପଡିଥିବା ଚମ୍ପୁଆ ବ୍ଲକ କୋଦଗାଡିଆ ପଂଚାୟତ ଅନ୍ତର୍ଗତ ଚିମିଳା ଗ୍ରାମର ୩ ଅନାଥ ନାବାଳକ ବିଜୁ ଓ ନାବାଳିକା ଚୁମକି ଓ ଆଶା। ମା ଫୁଲମତି ଗତ ତିନି ବର୍ଷ ପୂର୍ବେ ଯକ୍ଷ୍ମା ରୋଗରେ ପଡି ମୃତ୍ୟୁବରଣ କରିଥିବା ବେଳେ ତାର ବର୍ଷକ ପରେ ସ୍ତ୍ରୀକୁ ଝୁରିଝୁରି ବାପା ଭୀମ ମଧ ଚାଲି ଯାଇଛନ୍ତି ଅଫେରା ରାଇଜକୁ। ବର୍ଷକ ତଳେ ସ୍ୱାମୀ ମଧ ଚାଲିଯିବା ପରେ ଏବେ ସମ୍ପୂର୍ଣ୍ଣ ଅସହାୟ ହୋଇ ପଡିଛନ୍ତି ମୁକ୍ତା। ଏବେ ୩ ଅସହାୟ ନାବାଳକଙ୍କ ଭାର ୭୦ ବର୍ଷିୟା ମୁକ୍ତା ମୁଣ୍ଡାଙ୍କ କାନ୍ଧରେ। ପରିଣତି ବୟସରେ ନାତି ନାତୁଣୀ ଗହଣରେ ସମୟ ବିତାଇବା ଆଶା ରଖିଥିବା ମୁକ୍ତା ଏବେ ମୁଲମଜୁରି ଲାଗି ୩ ନାତି ନାତୁଣୀଙ୍କୁ ମଣିଷ କରିବାର ଆଶା ରଖିଥିବା ବେଳେ ଏ ସ୍ୱପ୍ନ ପୂରଣ ହେବକି ନାହିଁ ତାକୁ ନେଇ ସନ୍ଦିହାନି ହୋଇ ପଡିଛନ୍ତି ସେ। ଘର ଚଳାଇବାକୁ ବୟସ ସହିତ ଅର୍ଥ ବାଧକ ସାଜିଥିବା ବେଳେ ମୂଲ ମଜୁରି କରି ଯାହା ଆଣୁଛନ୍ତି ସେତିକିରେ ଯେନତେନ ଚଳି ଯାଉଛନ୍ତି ତିନି ଅନାଥ ନାତି ନାତୁଣୀ ଓ ନିଜେ। ବାର୍ଦ୍ଧକ୍ୟ ଭତା ଯୋଜନାରୁ ମଧ ବଂଚିତ ହୋଇଥିବା ବେଳେ ଖାଦ୍ୟ ସୁରକ୍ଷା ଯୋଜନାରେ ପାଉଥିବା କେଇ କେଜି ଚାଉଳରେ ତିନି ନାତି ନାତୁଣୀଙ୍କ ଭବିଷ୍ୟତ ଗଢ଼ିବା ଆଶାରେ ବଂଚି ରହିଛନ୍ତି ସେ। ତେବେ ପୁଅ ବୋହୂଙ୍କ କଥା ମନେ ପଡ଼ିଲେ କୋହ ବୋଲ ମାନୁ ନ ଥିଲେ ସୁଦ୍ଧା ତିନି ତିନୋଟି ଅନାଥଙ୍କ ପାଇଁ ଜିଇଁବାର ଆଶା ରଖିଛନ୍ତି ମୁକ୍ତା। ଏ ଅବସ୍ଥାରେ ମଧ ମୁକ୍ତାଙ୍କ ପାଇଁ ସରକାରୀ ସହାୟତା ପାଲଟିଛି ସାତ ସପନ। ଦଇବ ଦାଉ ସାଧୁଥିବା ବେଳେ ପ୍ରଶାସନ ମଧ ଆଡ ଆଖିରେ ଦେଖିପାରୁ ନାହିଁ ମୁକ୍ତାର କୋହକୁ। ପରିଣତି ବୟସରେ ଭତା ପାଇଁ ବାରମ୍ବାର ପଂଚାୟତ କାର୍ଯ୍ୟାଳୟ ଯାଇ ଗୁହାରି କଲେ ସୁଦ୍ଧା ସେଥିରୁ ବଂଚିତ ରହିଛନ୍ତି। ଅଭାବ ସାଙ୍ଗକୁ ଜେଜେମା' ର ଅସହାୟତା ପାଇଁ ନାତି ବିଜୁ ଓ ବଡ଼ ନାତୁଣୀ ଚୁମକି ଏବେ ଅଧାରୁ ପାଠ ପଢା ଛାଡି ଜେଜେମା ସହିତ ମୂଲ ଲାଗିବାକୁ ବାଧ ହେଉଛନ୍ତି।

# ଆନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ ବଲାଙ୍ଗିରରେ ପାଳିତ

ବଲାଙ୍ଗିର, ୨୪/୦୯ (ନି.ପ୍ର): ଆଜି ଆନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ ଅବସରରେ, ଭାରତ ସରକାରଙ୍କ ଅଧୀନ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗ ଦ୍ୱାରା ବଲାଙ୍ଗୀରରେ ଥିବା ସି.ଆର.ସି. ରେ ଏହି ଦିବସଟି ପାଳିତ ହୋଇଛି। ସଭାର ମୁଖ୍ୟ ଅତିଥି ଭାବରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଯୋଗ ଦେଇ ସଭାକାର୍ଯ୍ୟର ଉଦଘାଟନ କରିଥିଲେ।ଅନ୍ୟ ଅତିଥିମାନଙ୍କ ମଧରେ ସି.ଆର.ସି ବଲାଙ୍ଗୀରର ନିର୍ଦ୍ଦେଶକ ଗୁରୁବକ୍ଷ ଚାନ୍ଦ ଜଗୋଟା, ଯେ.ବି.ବି. ଏସ.ଏନ. ସଂସ୍ଥାର ନିର୍ଦ୍ଦେଶକ, ଏବଂ ଇ.ସି. ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସି.ଆର.ସି ର ଛାତ୍ର ଛାତ୍ରୀମାନେ ଜାତୀୟ ସଙ୍ଗୀତକୁ ସାଙ୍କେତିକ ଭାଷାରେ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ପ୍ରଫେସର ଜିତେନ୍ଦ୍ର କୁମାର ବାରିକ ଓ ସ୍ୱତନ୍ତ୍ର ଶିକ୍ଷାବିତ୍ ଶ୍ରୀମତୀ ପ୍ରିୟଦର୍ଶିନୀ ପ୍ରଧାନ,ଦୀପକ କୁମାର ନାୟକ, ପ୍ରଶାସନିକ ଅଧିକାରୀ ଓ ସନ୍ତୋଷ କାମିଲା, ପ୍ରଶାସନିକ ସହାୟକ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିଥିଲେ। ଏହି ସଭାରେ ସି.ଆର.ସି ବଲାଙ୍ଗୀରର ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଶିବଦିଉତି ମହାପାତ୍ର, ଅଧାପକ ବୃତିଗତ ଚିକିତ୍ସକ, ସଭାକୁ ଧନ୍ୟବାଦ ଅର୍ପଣ କରି ସାଙ୍ଗ କରିଥିଲେ।

# ଡାକ୍ତର ପ୍ରସନ୍ନ କୁମାର ରାଠୋରଙ୍କୁ ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ସାହିତ୍ୟ ସମ୍ମାନ

ଚମ୍ପୁଆ, ୨୪/୦୯ (ନି.ପ୍ର): ଚମ୍ପୁଆ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ବାରିକ ସାହିର ବାସିନ୍ଦା ବିଶିଷ୍ଟ ଚିକିତ୍ସାବିତ, ସାହିତ୍ୟିକ ଲୋକପ୍ରିୟ ଡାକ୍ତର ପ୍ରସନ୍ନ କୁମାର ରାଠୋରଙ୍କୁ କଟକ ଉତ୍କଳ ସାହିତ୍ୟ ସମାଜର ୧୨୨ତମ ସମାବର୍ତନ ସମାରୋହରେ 'ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଛି। ସାହିତ୍ୟ ସମାଜର ସଭାପତି ଡ଼କ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ପୌରାହିତ୍ୟରେ ଆୟୋଜିତ ସମାବର୍ତନ ସମାରୋହରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟନାୟକ, ସମ୍ମାନିତ ଅତିଥି, ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟ, ହାଇକୋର୍ଟର ବିଚାରପତି ଜଷ୍ଟିସ ଚିତରଞ୍ଜନ ଦାଶ ପ୍ରମୁଖ ଯୋଗଦେଇ ଡାକ୍ତର ରାଠୋରଙ୍କୁ ମାନପତ୍ର, ଉତରୀୟ ଓ ଉପଢୌକନ ଦେଇ ସମ୍ମାନିତ କରି ଉକ୍ତ ସମ୍ମାନ ପ୍ରଦାନ କରିଥିଲେ। ଅତିଥିମାନେ ସାହିତ୍ୟ ସମାଜର ପ୍ରତିଭା ପୂଜା ପରମ୍ପରାକୁ ପ୍ରଶଂସା କରିବା ସହ ଏହି ଧାରାକୁ ବଜାଇ ରଖିବାକୁ ଦିଗଦର୍ଶନ ଦେଇଥିଲେ। ଡାକ୍ତର ପ୍ରସନ୍ନ ରାଠୋରଙ୍କୁ 'ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ସାହିତ୍ୟ ସମ୍ମାନ ପ୍ରଦାନ ଖବର ପାଇ ଚମ୍ପୁଆ ତଥା କେନ୍ଦୁଝର ଜିଲ୍ଲାରେ ସାହିତ୍ୟ ଓ ଶିକ୍ଷାପ୍ରେମୀ ମହଲରେ ଖୁସିର ଲହରି ଖେଳିଯାଇଛି। ଡାକ୍ତର ରାଠୋର ଜଣେ ସୁଲେଖକ ଓ କବି ଭାବେ ସୁପରିଚିତ ହୋଇ ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିବାରେ ଲାଗିପଡିଛନ୍ତି। ତାଙ୍କର ପ୍ରକାଶିତ ଶିଶୁସାହିତ୍ୟ ପୁସ୍ତକ ' ମାନବ ଶରୀରର କାହାଣୀ', ଶେଦ୍ଧକ୍ଷ ଓ ସିଦ୍ଧାର୍ଥଙ୍କ ପାଇଁ ଆଠଟି ଗଳ୍ପ', ଭାରତର ଓ ବିଦେଶର ଅମର ବୈଜ୍ଞାନିକଙ୍କ କାହାଣୀ ' ସହିତ ଏକାଧିକ କବିତା ଗ୍ରନ୍ଥ ପାଠକୀୟ ଆଦୃତି ପାଇ ପ୍ରସଂଶା ଭାଜନ ହୋଇ ପାରିଛି। ତାଙ୍କର ଏହି କୃତିତ୍ୱ ପାଇଁ ଭଣ୍ଡା, ସଂଜୀବନୀ ସାହିତ୍ୟ ସଂସଦ ର ସମ୍ପାଦକ ଶ୍ରୀ ଡମ୍ବରୁ ମହାନ୍ତ, ଶିକ୍ଷାବିତ କୈଳାସ ଚନ୍ଦ୍ର ତନ୍ତୀ, ସାହିତ୍ୟ ଆଲୋଚକ ରାସେଶ୍ୱର ମହାନ୍ତ, ଅବସରପ୍ରାପ୍ତ ଶିକ୍ଷକ କାଶୀନାଥ ମହାନ୍ତ, କବି କଳାକାର ମହାନ୍ତ, ଚମ୍ପୁଆ ମହିଳା ମହାବିଦ୍ୟାଳୟର ଅଧକ୍ଷ ଭକ୍ତବନ୍ଧୁ ପ୍ରଧାନ, ସାମ୍ବାଦିକ ତ୍ରିନାଥ ମହାନ୍ତ ପ୍ରମୁଖ ଶୁଭେଚ୍ଛା ଜଣାଇବା ସହିତ ତାଙ୍କର ଉତରୋତର ଉନ୍ନତି କାମନା କରିଛନ୍ତି।

# ଜିଏମୟୁ ଇଂରାଜୀ ବିଭାଗର ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର, ୨୪/୦୯ (ନି.ପ୍ର):ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ଛାତ୍ରଛାତ୍ରୀ ଏବଂ ଶିକ୍ଷକ ମାନେ ଜିଲ୍ଲାର ତାଲବ ସରକାରୀ ଉଚ୍ଚ ବିଦ୍ୟାଳୟକୁ ସାମାଜିକ ସଚେତନତା କାର୍ଯ୍ୟକ୍ରମ ପାଇଁ ଗସ୍ତ କରିଥିଲେ। ସେମାନେ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ସହ ସାକ୍ଷାତ କରି ସାମ୍ପ୍ରତିକ ଜୀବନରେ ଇଂରାଜୀ ଭାଷାର ଆବଶ୍ୟକତା ଓ ଏହି ଭାଷାରେ ନିଜ ଦକ୍ଷତା ବିକାଶର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ତାଲବ ଉଚ୍ଚ ବିଦ୍ୟାଳୟକୁ ଦକ୍ଷତା ବିକାଶ ପାଇଁ ପୋଷ୍ୟ ଭାବରେ ଗ୍ରହଣ କରିଛି।

ଏହି ଅବସରରେ ଇଂରାଜୀ ବିଭାଗର ବିଭାଗୀୟ ମୁଖ୍ୟ ପ୍ର. ଅଞ୍ଜଳି ତ୍ରିପାଠୀ, ଅଧାପକ ଡ. ପି. ମୁରଲୀଧର ଶର୍ମା, ଡ. ବ୍ରହ୍ମାନନ୍ଦ ପାତ୍ର, ଡ଼. ନମ୍ରତା ବେହେରା, ୟଶ୍ୱାଲ କୌର, ଶୁଭ୍ର ପୂଜାରୀ ତଥା ସ୍କୁଲ ଶିକ୍ଷୟିତ୍ରୀ ଅପରାଜିତା ରଥ, ସନ୍ତୋଷିନି ଦାସ, ଶାଶ୍ୱତୀ ପଣ୍ଡା ଓ ଶିକ୍ଷକ ବିକାଶ ରଞ୍ଜନ ସାହୁ, ଜିତେନ୍ଦ୍ର କୁମାର ଏକା ପ୍ରମୁଖ ଉପସ୍ଥିତ ଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଏକ ନାଟକ ମାଧ୍ୟମରେ ସ୍କୁଲର ବିଦ୍ୟାର୍ଥୀ ମାନଙ୍କୁ ଇଂରାଜୀ ଶିକ୍ଷା ପାଇଁ ପ୍ରେରଣା ଦେଲେ ଏବଂ ସେମାନଙ୍କ ଦକ୍ଷତା ବୃଦ୍ଧି କରିବାର ପ୍ରୟାସ କରିଥିଲେ।

# ବଡଚଣା ପ୍ରଶାସନ ପକ୍ଷରୁ ପଂଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ଧର୍ମଶାଳା, ୨୪/୦୯ (ନି.ପ୍ର): ଯାଜପୁର ଜିଲା ବଡଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ପଂଚାୟତରେ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥବରେ ବଡଚଣା ବିଡିଓ ରବୀନ୍ଦ୍ର ନାରାୟଣ ପ୍ରଧାନ,ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ,ବଡଚଣା ଥାନା ଅଧିକାରୀ ସମରଜିତ ନାୟକଙ୍କ ସମେତ ବରିଷ୍ଠ ଅଧିକାରୀ ଯୋଗ ଦେଇ ଲୋକମାନଙ୍କର ଅଭିଯୋଗ ଗୁଡିକୁ ଯାଂଚ କରିଥିଲେ। ବିଶେଷ କରି ଭର୍ତା,ଆବାସ ଯୋଜନା,ରାଜସ୍ୱ ବିଭାଗ ସମ୍ପର୍କୀତ ଅଭିଯୋଗ ରହିଥିବା ବେଳେ ଏହାର ତ୍ୱରିତ ସମାଧାନ ପାଇଁ ନିସ୍ପତି ନିଆଯାଇଛି। ପର୍ଯ୍ୟାୟ କ୍ରମେ ପଂଚାୟତରେ ଏଭଳି ଶିବିର ଆୟୋଜନ କରାଯାଇ ଲୋକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ କରାଯିବ ବୋଲି କୁହାଯାଇଛି। ଏହି ଶିବିରରେ ବଡଚଣା ବିଧାୟକ ଅମର ନାୟକ ଯୋଗ ଦେଇ ଅଭିଯୋଗ ନେଇ ଆସିଥିବା ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ। ବ୍ଲକ ସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିରକୁ ସମସ୍ତେ ଆସି ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ କରିପାରୁ ନ ଥିବା ବେଳେ ପଂଚାୟତ ସ୍ତରରେ ଏହି ଶିବିରରୁ ଜନସାଧାରଣ ସୁଫଳ ପାଇବେ ବେଲି ଲକ୍ଷ୍ୟ ରଖାଯାଇଛି।

# ଦୁଇ ନାବାଳିକାଙ୍କୁ ଗଣଦୁଷ୍କର୍ମ ମାମଲା: ୩ ଅଟକ

## ଘଟଣାରେ ତିନି ଜଣଙ୍କ ସମ୍ପୃକ୍ତି ଥିବା ତଦନ୍ତରୁ ଜଣାପଡିଛି- ଡିଏସପି

ରାଉରକେଲା, ୨୪/୦୯ (ନି.ପ୍ର): ରାସ୍ତାରୁ ଉଠାଇନେଇ ଦୁଇ ଜଣ ନାବାଳିକାଙ୍କୁ ଗଣଦୁଷ୍କର୍ମ ମାମଲାରେ ୩ ଜଣଙ୍କୁ ଥାନାରେ ଅଟକ ରଖି ପଚରା ଉଚରା ଚଳାଇଛି ରାଉରକେଲାର ପ୍ଲାଂଟ ସାଇଟ୍ ଥାନା ପୋଲିସ। ଘଟଣାରେ ତିନି ଜଣଙ୍କ ସମ୍ପୃକ୍ତି ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି। ଅଭିଯୋଗ ଅନୁଯାୟୀ, ୨୧ ତାରିଖ ସଂନ୍ଧ୍ୟା ୫ଟାରେ ଦୁଇ ନାବାଳିକା ଚପଲ କିଣିବାକୁ ରାଉରକେଲା ନାଳାରୋଡ ବଜାରକୁ ଯାଇଥିଲେ। ରାତି ପ୍ରାୟ ୮ଟା ସମୟରେ ସେମାନେ ଚପଲ କିଣି ସାରି ବିଶ୍ରା ଛକକୁ ଆସିଥିଲେ। ଘରକୁ ଫେରିବା ନିମନ୍ତେ ବିଶ୍ରା ଛକରେ ବସ୍ କୁ ଅପେକ୍ଷା କରିଥିବା ସମୟରେ ତିନି ଜଣ ଯୁବକ ସେମାନଙ୍କ ନିକଟରେ ପହଂଚିଥିଲେ। ରାତି ହେଲାଣି ଏଠାରେ ଛିଡା ହେବା ଠିକ୍ ନୁହେଁ। ବସ୍ ଆସିବା ବିଳମ୍ବ ହେବ ଆଦି କହି ସେମାନଙ୍କ ମନରେ ଭୟ ସଂଚାର କରିବା ସହ ଅଟୋରେ ଛାଡିଦେବା ପାଇଁ ଆଶ୍ୱାସନା ଦେଇଥିଲେ। ଏକ ଅଟୋ ଡକାଇ ଦୁଇ ନାବାଳିକାଙ୍କୁ ଅଟୋରେ ତିନି ଜଣ ଯୁବକ ବିଶ୍ରା ଛକ ସ୍ଥିତ ଆଥଲେଟିକ୍ସ ଷ୍ଟାଡ଼ିୟମ୍ ପଛ ପାଖକୁ ନେଇ ଯାଇଥିଲେ। ସେଠାରେ ସେମାନେ ଦୁଇ ନାବାଳିକାଙ୍କୁ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲେ। ଦୁଇ ପୀଡ଼ିତାଙ୍କ ମଧ୍ୟରୁ ଜଣକର ବୟସ ୧୪ ବର୍ଷ ହୋଇଥିବା ବେଳେ ଅନ୍ୟ ଜଣକର ବୟସ ୧୫ ବର୍ଷ ବୋଲି ଜଣାପଡିଛି। ସେମାନଙ୍କ ଘର ଝାଡ଼ଖଣ୍ଡରେ। ସେମାନେ ସେକ୍ଟର ଅଂଚଳର ଏକ ବସ୍ତିରେ ରହନ୍ତି। ଏନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ୨୨ ତାରିଖରେ ପ୍ଲାଂଟ ସାଇଟ୍ ଥାନାରେ ଏତଲା କରାଯାଇଥିଲା। ଏତଲାକୁ ଭିତି କରି ପୋଲିସ ପୋକ୍‌ସୋ ସମେତ ଅନ୍ୟାନ୍ୟ ଦଫାରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପୀଡ଼ିତା ଦୁଇ ନାବାଳିକାଙ୍କ ଡାକ୍ତରୀମାଇନା କରାଇଛି। ଥାନାରେ ୩ ଅଭିଯୁକ୍ତଙ୍କୁ ଅଟକ ରଖି ପଚରା ଉଚରା ଚଳାଇଛି। ସମ୍ପୃକ୍ତ ତିନି ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଗୋପବନ୍ଧୁପାଲି ଅଂଚଳର ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ଗାନ୍ଧି ରୋଡ଼ର ବୋଲି ଜଣାପଡିଛି। ଡିଏସପି, ରାଉରକେଲା ଜୋନ୍-୨, ନିର୍ମଳ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ଡିଆଇଜିଙ୍କ ନିର୍ଦ୍ଦେଶ କ୍ରମେ ଦୁଇଟି ପୋଲିସ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୩ ଜଣଙ୍କୁ ଥାନାକୁ ଆଣି ପଚରା ଉଚରା ଚାଲିଛି। ଘଟଣାରେ ତିନି ଜଣଙ୍କ ସମ୍ପୃକ୍ତି ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି।

# ଜାତୀୟ ସେବା ଯୋଜନାର ପ୍ରଶିକ୍ଷଣ ଶିବିର

ଭୁବନ, ୨୪/୦୯ (ନି.ପ୍ର): ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଦିଲ୍ଲୀପ କୁମାର ଦାସ ଅଧକ୍ଷତା କରି କହିଥିଲେ ପାଠପଢ଼ା ସଙ୍ଗେ ସଙ୍ଗେ କିଛି ସମାଜ ସେବାରେ ନିଜକୁ ନିୟୋଜିତ କରାଇଲେ ମାନବକୁ ଆତ୍ମତୃପ୍ତି ମିଳିଥାଏ ଓ ସମାଜର କଲ୍ୟାଣ ହୋଇଥାଏ। ପରିବେଶ ରକ୍ଷା ପାଇଁ ବୃକ୍ଷ ରୋପଣ କରିବା ଜରୁରୀ। ଯେଉଁଭଳି ଭାବେ ଜଙ୍ଗଲକ୍ଷୟ ହେଉଛି ସେଥିପାଇଁ ଆଗାମୀ ଦିନରେ ଆମକୁ ଅମ୍ଳଜାନ କିଣିବାକୁ ପଡ଼ିବ। ଏଣୁ ପ୍ରତ୍ୟେକ ନାଗରିକ ଗୋଟିଏ ଲେଖାଏଁ ବୃକ୍ଷ ରୋପଣ କରିବାକୁ ଆହ୍ୱାନ ଦେଇଥିଲେ। ଅଧାପିକା ପ୍ରମିଳା କୁମାରୀ ଦାସ କହିଥିଲେ ଏନ ଏସ ଏସ ରେ ଯୋଗ ଦେଲେ ଛାତ୍ରୀମାନେ ସଚେତନ ହୋଇ ଦେଶର ଭବିଷ୍ୟତ ଗଢି ବିକାଶରେ ସହାୟକ ହୋଇ ପାରିବେ। ବଟାନି ଅଧାପକ ସଙ୍ଗୀତ କୁମାର ନନ୍ଦ କହିଥିଲେ ବୃକ୍ଷ ହିଁ ଜୀବନ,ତେଣୁ ସମସ୍ତେ ଗୋଟେ ଗୋଟେ ବୃକ୍ଷ ମା ପାଇଁ ରୋପଣ କରିବା।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ପୁରୀ, ୨୪/୦୯ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଆଜି ନିମାପଡା ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆବାସ ଯୋଜନା ପାଇଁ ଆବେଦନ ବ୍ୟତୀତ ୩୩ ଗୋଟି ଅଭିଯୋଗ ମିଳିଥିଲା। ତନ୍ମଧ୍ୟରୁ ୭ ଗୋଟିର ତୁରନ୍ତ ସମାଧାନ କରାଯାଇଥିଲା। ଅଭିଯୋଗ ଗୁଡିକ ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା ବୋଲି ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଏସପି ପିନାକ ମିଶ୍ର, ଉପଜିଲ୍ଲାପାଳ ଗୋପୀନାଥ କୁଅଁର,ସ୍ଥାନୀୟ ବିଡ଼ିଓ ଭୁବନାନନ୍ଦ ପଟ୍ଟନାୟକ, ତହସିଲଦାର, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ଆଶୁତୋଷ ଦେ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଏହି ଶୁଣାଣିରେ ଯୋଗ ଦେଇଥିଲେ।

# ଭରସା ଜିତିବାକୁ ୫ଟି ଟିପ୍ସ; ସଂପର୍କରେ ଭୁଲ୍ ହେଲେ କ୍ଷମା ମାଗିବା ଜରୁରୀ କି... ?



**ଏକ ସୁସ୍ଥ, ରୋମାଣ୍ଟିକ ଏବଂ ସୁଖମୟ ଜୀବନ ପାଇଁ ଏକ ସମ୍ପର୍କ ଉପରେ ବିଶ୍ୱାସ ଜରୁରୀ । ତେବେ ଆସନ୍ତୁ ଜାଣିବା ସମ୍ପର୍କ ଉପରେ କାହିଁକି ବିଶ୍ୱାସ ରହିବା ଜରୁରୀ ଏବଂ ଏହାକୁ ହାସଲ କରିବାର ଉପାୟ କ'ଣ ? ଏକ ସୁଖୀ ଏବଂ ସୁସ୍ଥ ସମ୍ପର୍କର ମୂଳଦୁଆ ହେଉଛି ପରସ୍ପର ଉପରେ ବିଶ୍ୱାସ ଏବଂ ଆତ୍ମବିଶ୍ୱାସ । ଏହି କାରଣରୁ, ପାର୍ଟନରମାନେ ପରସ୍ପରକୁ ସମ୍ମାନ କରନ୍ତି, ଖୋଲାଖୋଲି ଭାବରେ କଥାବାର୍ତ୍ତା କରନ୍ତି ଏବଂ ପରସ୍ପରଙ୍କୁ ଜଜ୍ କରନ୍ତି ନାହିଁ । ଏକ ସୁସ୍ଥ, ରୋମାଣ୍ଟିକ ଏବଂ ସୁଖମୟ ଜୀବନ ପାଇଁ ଏକ ସମ୍ପର୍କ ଉପରେ ବିଶ୍ୱାସ ଜରୁରୀ । ବିଶ୍ୱାସ ହେଉଛି ଯେକୌଣସି ସମ୍ପର୍କର ମୂଳଦୁଆ ଏବଂ ପରସ୍ପରକୁ ସମର୍ଥନ କରିବା ଏବଂ ଏକ ସୁସ୍ଥ ସମ୍ପର୍କ ପାଇଁ ପ୍ରେରଣା ଏବଂ ସକରାତ୍ମକ ଶକ୍ତି ସୃଷ୍ଟି କରିବା ପାଇଁ କାର୍ଯ୍ୟ କରିଥାଏ । ଏହି ବିଶ୍ୱାସ ବଢିବା ସହିତ ଦୁଇ ଜଣଙ୍କ ମଧ୍ୟରେ ବୁଝାମଣା ମଧ୍ୟ ବଢିଯାଏ ଏବଂ ସେମାନେ ନିଜ ନିଜ ଦୁନିଆରେ ଖୁସିରେ ଜୀବନଯାପନ କରିବା ଆରମ୍ଭ କରନ୍ତି, ଯାହା ଦୁନିଆର ଅନ୍ୟମାନଙ୍କଠାରୁ ସେମାନଙ୍କୁ ଭିନ୍ନ କରିଦିଏ ।**

### ଭଲ ଶ୍ରୋତା ହେବା:

ଯଦି ଆପଣ ଏକ ନୂଆ ସମ୍ପର୍କରେ ପ୍ରବେଶ କରୁଛନ୍ତି ଏବଂ ପରସ୍ପରର ବିଶ୍ୱାସ ଜିତିବାକୁ ଚାହୁଁଛନ୍ତି, ତେବେ ସର୍ବପ୍ରଥମେ ଜଣେ ଭଲ ଶ୍ରୋତା ହେବାକୁ ଚେଷ୍ଟା କରନ୍ତୁ ଏବଂ ପାର୍ଟନରଙ୍କ କଥାର ସଠିକ୍ ଉତ୍ତର ଦିଅନ୍ତୁ। ଯେତେବେଳେ ତାଙ୍କର ସବୁ କଥାକୁ ବୁଝିବାକୁ ଚେଷ୍ଟା କରିବେ, ନିଜ ଭିତରେ ବିଶ୍ୱାସ ଆପେ ଆପେ ବଢିଯିବ।

### କ୍ଷମା ମାଗିବା:

ଯଦି କେତେବେଳେ କିଛି ଭୁଲ ହୋଇଯାଏ ତେବେ କ୍ଷମା ମାଗିବା ମଧ୍ୟ ଆପଣଙ୍କ ସମ୍ପର୍କ ଉପରେ ଶକ୍ତି ଏବଂ ବିଶ୍ୱାସ ବଢାଇବାରେ ସାହାଯ୍ୟ କରେ। ଏପରି ପରିସ୍ଥିତିରେ, ଯଦି ଆପଣ ଅନୁଭବ କରୁଛନ୍ତି ଯେ ଆପଣ ଭୁଲ୍ କରିଛନ୍ତି, କ୍ଷମା ମାଗିବାକୁ କୁଣ୍ଠାବୋଧ କରନ୍ତୁ ନାହିଁ। ଏହା ସମ୍ପର୍କକୁ ମଜବୁତ କରିଥାଏ।

### ଏକାଠି ନିଷ୍ପତ୍ତି ନେବା:

ଯଦି କୌଣସି ନିଷ୍ପତ୍ତି ଉଭୟଙ୍କ ଜୀବନକୁ ପ୍ରଭାବିତ କରୁଥାଏ ତେବେ ସର୍ବଦା ଏକାଠି ହୋଇ ନିଅନ୍ତୁ। ବ୍ୟକ୍ତିଗତ ଭାବରେ କୌଣସି ନିଷ୍ପତ୍ତି ନେବା ଠିକ ନୁହେଁ। ଏହା କରିବା ଦ୍ୱାରା, ଆପଣଙ୍କ ସାଥୀଙ୍କ ଉପରେ ଆପଣଙ୍କ ବିଶ୍ୱାସ ବଢିବ ଏବଂ ଆପଣଙ୍କର ଏକ ଭଲ ସମ୍ପର୍କ ରହିବ।

### ମିଛଠାରୁ ଦୂରେଇ ରହିବା:

ଆପଣଙ୍କ ସାଥୀଙ୍କୁ ଖୁସି କରିବା ପାଇଁ କେବେ ବି ମିଛ କୁହନ୍ତୁ ନାହିଁ। ଯଦି ବି କିଛି କହିବାକୁ ହୁଏ ସେ ବିଷୟରେ ଭଲ ଭାବେ ଜାଣିଲା ପରେ କୁହନ୍ତୁ। ଏହା କରିବା ଦ୍ୱାରା ଆପଣ ଯାହା କହିବେ ଆପଣଙ୍କ ପାର୍ଟନର୍ ତାହା ଉପରେ ବିଶ୍ୱାସ କରିବେ। କେବଳ ଏତିକି ନୁହେଁ, ଏହି ଅଭ୍ୟାସ ହେତୁ ସେ ଅନ୍ୟ ଲୋକଙ୍କ ଅଭିଯୋଗ କିମ୍ବା ଆଲୋଚନାରେ ପ୍ରଭାବିତ ହେବେ ନାହିଁ।

### ପ୍ରତିଶୃତି ରଖିବା:

ଅନେକ ସମୟରେ ଲୋକମାନେ ନିଜ ପାର୍ଟନ ?ଙ୍କୁ ଖୁସି କରିବା ପାଇଁ କିଛି ପ୍ରତିଶୃତି ଦିଅନ୍ତି ଏବଂ ପରେ ସେସବୁ ଭୁଲିଯାଆନ୍ତି। ଏଥିପ୍ରତି ଧ୍ୟାନ ଦେବା ଜରୁରୀ। ଏମିତି କରିବା ଦ୍ୱାରା ସାଥୀଙ୍କ ମନରେ ଅବିଶ୍ୱାସର ଭାବନା ସୃଷ୍ଟି ହେବାକୁ ଲାଗେ।

# ହଳଦୀ-ମହୁକୁ ଏମିତି ଲଗାନ୍ତୁ ମୁହଁରେ: ୫ ମିନିଟ୍‌ରେ ଚମକିବ ଚେହେରା




ସମସ୍ତେ ନିଜ ଚର୍ମରେ ଗ୍ଲୋ ଦେଖିବାକୁ ସ୍ୱପ୍ନ ଦେଖନ୍ତି। ଏନେଇ ସେମାନେ ବିୟୁଟିପାର୍ଲର ଯାଇ ହଜାର ହଜାର ଟଙ୍କା ମଧ୍ୟ ଖର୍ଚ୍ଚ କରନ୍ତି। ଏପରି ପରିସ୍ଥିତିରେ, ଆଜି ଆମେ ଆପଣଙ୍କୁ ଏପରି ଏକ ଟିପ୍ସ୍ କହିବାକୁ ଯାଉଛୁ, ଯାହାକୁ ଆପଣ ଘରେ କରି ୫ ମିନିଟ୍‌ରେ ନିଜ ଚେହେରାଙ୍କୁ ଚକ୍‌ଚକ୍ କରିପାରିବେ।

ସେପୁରୁଷ ହୁଅନ୍ତି କି ମହିଳା ସମସ୍ତେ ନିଜ ଚର୍ମରେ ଗ୍ଲୋ ଦେଖିବାକୁ ସ୍ୱପ୍ନ ଦେଖନ୍ତି। ଏନେଇ ସେମାନେ ବିୟୁଟିପାର୍ଲର ଯାଇ ହଜାର ହଜାର ଟଙ୍କା ମଧ୍ୟ ଖର୍ଚ୍ଚ କରନ୍ତି। ଏତେ ସବୁ କରିବା ପରେ ମଧ୍ୟ ଫଳ ନ ମିଳିବା ଦେଖାଯାଏ। ଏପରି ପରିସ୍ଥିତିରେ, ଆଜି ଆମେ ଆପଣଙ୍କୁ ଏପରି ଏକ ଟିପ୍ସ୍ କହିବାକୁ ଯାଉଛୁ, ଯାହାକୁ ଆପଣ ଘରେ କରି ୫ ମିନିଟ୍‌ରେ ନିଜ ଚେହେରାଙ୍କୁ ଚକ୍‌ଚକ୍ କରିପାରିବେ।

ଏଥିପାଇଁ ଆପଣଙ୍କୁ କେବଳ ମହୁ, ହଳଦୀ ଏବଂ କଞ୍ଚା କ୍ଷୀର ନେବାକୁ ପଡିବ। ଏସବୁକୁ କିପରି ସଠିକ୍ ଭାବରେ ବ୍ୟବହାର କରାଯିବ ତାହା ଜାଣିବା ଆବଶ୍ୟକ। ଏହି ତିନୋଟି ଜିନିଷ ଏକ ସୁସ୍ଥ ଚର୍ମ ପ୍ରଦାନ କରିବାରେ ଖୁବ୍ ସହାୟକ ହୁଏ ଏବଂ ଆପଣଙ୍କ ରୋଷେଇ ଘରେ ଏସବୁ ମଧ୍ୟ ସହଜରେ ମିଳିଯିବ।

କିପରି କରିବେ ବ୍ୟବହାର:

ଏକ ସୁନ୍ଦର ଚେହେରା ପାଇବାକୁ ହେଲେ ଏକ ଚାମଚ ହଳଦୀ ନେବାକୁ ପଡିବ। ତେବେ ଏହି ହଳଦୀ ପ୍ୟାକେଟ୍ ବାଲା ନୁହେଁ, ପେଷା ହୋଇଥିବା ଦରକାର। ଏହା ସହିତ ଗୋଟିଏ ଚାମଚ ଭଲ ମହୁ ଏବଂ ଦୁଇ ଚାମଚ କଞ୍ଚା ଗାଈ କ୍ଷୀର ନେବାକୁ ପଡିବ। ଫୁଟା କ୍ଷୀର ନେବେନି, ନଚେତ୍ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ। ବର୍ତ୍ତମାନ ଏସବୁକୁ ଭଲ ଭାବରେ ମିଶେଇ ଦିଅନ୍ତୁ। ଯଦି ଆପଣଙ୍କ ଘରେ କେଶର ଅଛି ତେବେ ଆପଣ କ୍ଷୀରରେ ଏହାକୁ ମଧ୍ୟ ମିଶାଇ ପାରିବେ ଏବଂ ଯଦି ପାଖରେ ନାହିଁ ତେବେ କୌଣସି ଅସୁବିଧା ନାହିଁ। ଏହା ଭଲ ଭାବରେ ମିଶ୍ରଣ କରିବା ପରେ ମୁହଁରେ ଲଗାନ୍ତୁ ଏବଂ ଏହାକୁ ୫ ମିନିଟ୍ ପର୍ଯ୍ୟନ୍ତ ଛାଡିଦିଅନ୍ତୁ। ଏହାପରେ ମୁହଁକୁ ଭଲ ଭାବେ ଧୋଇ ଦିଅନ୍ତୁ। ମୁହଁରୁ ଏବେ ଗ୍ଲୋ ବାହାରିବ।

ଦାଗହୀନ ଚମକ ଚେହେରା:

ଏହି ଅଭ୍ୟାସକୁ ଯଦି ସପ୍ତାହରେ ତିନିଥର କରାଯାଏ ତେବେ ମୁହଁ ଦାଗହୀନ ହେବା ସହ ଚମକିବ। ମହୁ ଚର୍ମକୁ କୋମଳ କରିବା ସହ ନରମ ମଧ୍ୟ କରେ। ହଳଦୀ ପ୍ରାକୃତିକ ଚମକ ଦେଇଥାଏ ଏବଂ କଞ୍ଚା କ୍ଷୀର ଚେହେରାକୁ ସଫା କରିଥାଏ ଏବଂ ଦାଗ ଦୂର କରିଥାଏ। ଏହି କାରଣରୁ ଏହି ତିନି ପଦାର୍ଥର ମିଶ୍ରଣ ଚେହେରା ପାଇଁ ଖୁବ ପ୍ରଭାବଶାଳୀ।

## ମାନସିକ ରୋଗ ଲୁଚାଉଛନ୍ତି ଭାରତୀୟ

ବିଭିନ୍ନ ପ୍ରକାର ରୋଗର ଉପଶମ ପାଇଁ ଆମେ ରୋଗର ଲକ୍ଷଣ ବାବଦରେ ପ୍ରକାଶ କରିଥା'ନ୍ତି। କାରଣ ସେ ସମ୍ପର୍କରେ ସବିଶେଷ ବିବରଣୀ ଜାଣିଲା ପରେ ହିଁ ଜଣେ ସ୍ୱାସ୍ଥ୍ୟ ବିଶେଷଜ୍ଞ ତଦନୁଯାୟୀ ଉପଚାର ପରାମର୍ଶ କରିଥା'ନ୍ତି। ମାତ୍ର ମାନସିକ ରୋଗ ଏପରି ଏକ ସମସ୍ୟା, ଯାହା ବିଷୟରେ ପୀଡ଼ିତମାନେ ଅନ୍ୟ ଆଗରେ କ୍ୱଚିତ୍ ପ୍ରକାଶ କରିଥାନ୍ତି। ଆମ ଦେଶରେ ପ୍ରାୟ ଏକ ପ୍ରତିଶତରୁ କମ୍ ମାନସିକ ରୋଗୀ ସେମାନଙ୍କ ଅବସ୍ଥା ସମ୍ପର୍କରେ ବାହାରେ ମୁହଁଖୋଲି କହିଥା'ନ୍ତି ବୋଲି ଯୋଧପୁର ଆଇଆଇଟିର ଗବେଷକମାନେ ଜାଣିପାରିଛନ୍ତି। ପୀଡ଼ିତମାନେ ନିଜର ମାନସିକ ଅସ୍ୱାଭାବିକତାକୁ ଗୋପନ ରଖିବା ପଛରେ ମୁଖ୍ୟତଃ ସାମାଜିକ କଳଙ୍କ ବା ଟାହିଟାପରା ଦାୟୀ ବୋଲି ଜଣାଯାଇଛି। ଏଥିପାଇଁ ଅନୁଷ୍ଠିତ ଏକ ଅନୁଧ୍ୟାନରେ ୮,୭୭ଟି ଗାଁ ଓ ୬,୧୮୧ଟି ସହରାଞ୍ଚଳର ୫,୫୫,୧୧୫ ଜଣ ବ୍ୟକ୍ତିଙ୍କୁ ସାମିଲ କରାଯାଇଥିଲା। ସେମାନଙ୍କ ଭିତରୁ ୩୭୪ ଜଣ ଡାକ୍ତରଖାନା ଅଧୀନରେ ଥିବା ବେଳେ ୨୮୩ ଜଣ ଡାକ୍ତରଖାନା ବାହାର ରୋଗୀ ଥିଲେ।

# ପ୍ରତିଦିନ ଏମିତି ଖାଆନ୍ତୁ ପିଜୁଳି ପତ୍ର; ସ୍ୱାଭାବିକ ହେବ ୟୁରିକ୍ ଏସିଡ୍

ଆପଣ ଯଦି ୟୁରିକ୍ ଏସିଡ୍ ସମସ୍ୟାରେ ପୀଡିତ ତେବେ ଏହି ଖବର ଆପଣଙ୍କ ପାଇଁ ସ୍ୱତନ୍ତ୍ର। ଆଜି ଆମେ ଆପଣଙ୍କୁ ଏପରି ଏକ ଆୟୁର୍ବେଦିକ ଔଷଧ ବିଷୟରେ କହିବାକୁ ଯାଉଛୁ, ଯାହାକୁ ବ୍ୟବହାର କରି ବିନା ଖର୍ଚ୍ଚରେ ଆପଣ ୟୁରିକ୍ ଏସିଡ୍‌କୁ ସ୍ୱାଭାବିକ କରିପାରିବେ। ଆଜିକାଲି ୟୁରିକ୍ ଏସିଡ୍ ବୃଦ୍ଧି ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଖରାପ ବୋଲି ବିବେଚନା କରାଯାଏ। ଯେତେବେଳେ ଶରୀରରେ ୟୁରିକ୍ ଏସିଡ୍ ବଢିବାରେ ଲାଗେ, ଏହାର ଖରାପ ପ୍ରଭାବ ମଧ୍ୟ ଆମ ଶରୀରରେ ଦେଖାଯିବା ଆରମ୍ଭ କରେ। ୟୁରିକ୍ ଏସିଡ୍ ବୃଦ୍ଧି ହେତୁ କିଛି ଲୋକ ଆଣ୍ଠୁ-ଗଣ୍ଠିର ସମସ୍ୟା ଏବଂ ହାତ ଏବଂ ପାଦରେ ଯନ୍ତ୍ରଣା ଅନୁଭବ କରୁଥିବାବେଳେ ଆଉ କିଛି ଲୋକ ଗୋଡରେ ଫୁଲା, ଥକ୍କା କିମ୍ବା ଗୋଇଠି ଯନ୍ତ୍ରଣା ଅନୁଭବ କରନ୍ତି। ଯଦି ଆପଣଙ୍କ କ୍ଷେତ୍ରରେ ଏପରି କିଛି ସମସ୍ୟା ଦେଖାଯାଉଛି ଆଉ ଆପଣ ଏନେଇ ଚିନ୍ତିତ ତେବେ ଏହି ଖବର ଆପଣଙ୍କ ପାଇଁ ସ୍ୱତନ୍ତ୍ର। ଆଜି ଆମେ ଆପଣଙ୍କୁ ଏପରି ଏକ ଆୟୁର୍ବେଦିକ ଔଷଧ ବିଷୟରେ କହିବାକୁ ଯାଉଛୁ, ଯାହାକୁ ବ୍ୟବହାର କରି ବିନା ଖର୍ଚ୍ଚରେ ଆପଣ ୟୁରିକ୍ ଏସିଡ୍‌କୁ ସ୍ୱାଭାବିକ କରିପାରିବେ ଏବଂ କୋଲେଷ୍ଟ୍ରଲ୍ ସ୍ତରକୁ ମଧ୍ୟ ନିୟନ୍ତ୍ରଣ କରିପାରିବେ। ଆପଣ ସମସ୍ତେ ପିଜୁଳି ଖାଇଥିବେ। ଏହା ଏପରି ଏକ ଫଳ ଯାହା ଖୁବ୍ ସହଜରେ ମିଳିଯାଏ। ଲୋକମାନେ କିନ୍ତୁ ଏହାକୁ ଏକ ସାଧାରଣ ଫଳ ବୋଲି ଭାବନ୍ତି ଏବଂ ଏହାର ଉପକାରକୁ ଅଣଦେଖା ମଧ୍ୟ କରନ୍ତି। ପିଜୁଳିରେ ଥିବା ଗୁଣ ଯୋଗୁଁ ଏହାକୁ ଏକ ସୁପରଫ୍ରୁଟ୍ ମଧ୍ୟ କୁହାଯାଏ। ସଂକ୍ରାମକ ରୋଗ ଏବଂ ପାଟି ରୋଗରୁ ରକ୍ଷା ପାଇବା ପାଇଁ ଡାକ୍ତରମାନେ ସାଧାରଣତ ପିଜୁଳି ଖାଇବାକୁ ପରାମର୍ଶ ଦିଅନ୍ତି।

ଉପକାରୀ ପିଜୁଳି ପତ୍ର:

ପିଜୁଳିରୁ ଭଲ ପରିମାଣର ଭିଟାମିନ୍ ଉ ମିଳିଥାଏ ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ। ଏହା ବ୍ୟତୀତ ଏଥିରୁ କମ୍ କ୍ୟାଲୋରୀ ଏବଂ ଅଧିକ ଫାଇବର ମିଳେ। ପିଜୁଳିର ଖାଲି ଫଳ ନୁହେଁ ଏହାର କଞ୍ଚା ସବୁଜ ପତ୍ର ମଧ୍ୟ ବହୁତ ଉପକାରୀ। ଏହାକୁ ଚୋବାଇବା ଦ୍ୱାରା ଶରୀରକୁ ଅନେକ ଫାଇଦା ମିଳିଥାଏ। ଏହାର ପତ୍ରକୁ ସକାଳେ ଖାଲି ପେଟରେ ଖାଇବା ଦ୍ୱାରା ବଢୁଥିବା ୟୁରିକ୍ ଏସିଡ୍ ମଧ୍ୟ କମିଥାଏ। ଏହା ବ୍ୟତୀତ କୋଲେଷ୍ଟ୍ରଲ ସ୍ତର ମଧ୍ୟ ନିୟନ୍ତ୍ରଣରେ ରୁହେ।

ଏହି ରୋଗଗୁଡିକ ପାଇଁ ରାମବାଣ:

ଆୟୁର୍ବେଦିକ ଚିକିତ୍ସା ଅନୁଯାୟୀ ପିଜୁଳି ପତ୍ର ଅନେକ ଔଷଧୀୟ ଗୁଣରେ ଭରପୂର। ଯେଉଁମାନେ କୋଲେଷ୍ଟ୍ରଲ କିମ୍ବା ଓଜନ ବୃଦ୍ଧି ସମସ୍ୟାରେ ପୀଡିତ ସେମାନଙ୍କ ପାଇଁ ଏହା ରାମବାଣ କରି କାମ କରେ। ଏହି ପତ୍ରରେ ଏପରି ଉପାଦାନ ଥାଏ ଯାହା ୟୁରିକ୍ ଏସିଡ୍ ହ୍ରାସ କରିବାରେ ସହାୟକ ହୋଇଥାଏ। ପ୍ରତିଦିନ ସକାଳେ ଖାଲି ପେଟରେ ଖାଇଲେ ଅନେକ ଫାଇଦା ମିଳେ।

ପତ୍ରରେ ରହିଛି କ'ଣ:

ପିଜୁଳିର ସବୁଜ ପତ୍ରରେ ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ଇନଫ୍ଲାମେଟୋରୀ ଗୁଣ ମିଳିଥାଏ। ଏହା ସହିତ ପଲିଫେନୋଲ୍, କାରୋଟେନାଇଡ୍, ଫ୍ଲାଭୋନୋଇଡ୍ ଏବଂ ଟେନିନ୍ ନାମକ ରାସାୟନିକ ପଦାର୍ଥ ଏହି ପତ୍ରରେ ମିଳିଥାଏ, ଯାହା ବିଭିନ୍ନ ରୋଗର ଚିକିତ୍ସାରେ ପ୍ରଭାବଶାଳୀ ବୋଲି ପ୍ରମାଣିତ।



କିପରି ଖାଇବେ:

ସକାଳେ ପିଜୁଳି ଗଛ ପାଖକୁ ଯାଇ ସତେଜ ଏବଂ ନରମ ପତ୍ର ତୋଳନ୍ତୁ। ଏହାକୁ ଖାଲି ପେଟରେ ଚୋବେଇ ଚୋବେଇ ଖାଆନ୍ତୁ। ଏହା ବ୍ୟତୀତ ଏହାର ପତ୍ରକୁ ପାଣିରେ ଫୁଟାଇ ସେହି ପାଣିକୁ ମଧ୍ୟ ପିଇପାରିବେ। ଏହା କରିବା ଦ୍ୱାରା ବଢୁଥିବା ୟୁରିକ ଏସିଡ୍ ସ୍ୱାଭାବିକ ହୋଇଯାଏ।

# କାଜୁ ଖାଇବାର ୪ଟି ଉପାୟ: ହାଡ ହେବ ଲୁହା ପରି ମଜଭୁତ

ଆଜିକାଲି ଅଧିକାଂଶ ଲୋକ କାଜୁ ଖାଉଛନ୍ତୁ ସତ, କିନ୍ତୁ ଏହାକୁ ଖାଇବାର ସଠିକ୍ ଉପାୟ ଜାଣି ନ ଥିବାରୁ ସେମାନେ ଏହାର ଠିକ ଲାଭ ପାଇପାରୁ ନାହାନ୍ତି। କାଜୁ ଖାଇବାର ୪ଟି ଉପାୟ ଅଛି, ଯାହା ଦ୍ୱାରା ହାଡ ହୋଇଯିବ ପୂରା ମୁଜଭୁତ। ଆସନ୍ତୁ ସେ ବିଷୟରେ ଜାଣିବା।

ବୟସ ବଢିବା ସହିତ ହାଡ ଦୁର୍ବଳ ହେବା ଏକ ସ୍ୱାଭାବିକ କଥା। କିନ୍ତୁ ଆଜିକାଲି ଯୁବକମାନଙ୍କ କ୍ଷେତ୍ରରେ ମଧ୍ୟ ଏହି ସମସ୍ୟା ଦେଖାଯାଉଛି। ଏହାର ସବୁଠାରୁ ବଡ କାରଣ ହେଉଛି ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଏବଂ ଭୁଲ ଖାଇବା ଅଭ୍ୟାସ। ତେଣୁ, ଏପରି କିଛି ଜିନିଷ ଅଛି ଯାହାକୁ ଆପଣଙ୍କ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବା ଜରୁରୀ। ଏହା ଆପଣଙ୍କୁ ସୁସ୍ଥ ରଖିବାରେ ସାହାଯ୍ୟ କରିବ। ଅନେକ ଜିନିଷ ହାଡକୁ ମଜବୁତ କରିବା ପାଇଁ ଥିବାବେଳେ କାଜୁ ସେଥିମଧ୍ୟରୁ ଗୋଟିଏ।

ଡ୍ରାଏଡ୍ ଫ୍ରୁଟ୍ କାଜୁରେ ପ୍ରୋଟିନ୍, ଫାଇବର, କାର୍ବସ୍, ପୋଟାସିୟମ୍, କ୍ୟାଲ୍‌ସିୟମ୍, ଭିଟାମିନ୍ ଈ୬ ଏବଂ ମ୍ୟାଗ୍ନେସିୟମ୍ ଥାଏ, ଯାହା ହାଡକୁ ମଜବୁତ କରିବା ପାଇଁ କାମ କରିଥାଏ। ଯଦିଓ, ଅଧିକାଂଶ ଲୋକ ଏହାକୁ ଖାଇଥା'ନ୍ତି, କିନ୍ତୁ ଏହାକୁ ଖାଇବାର ସଠିକ୍ ଉପାୟ ଜାଣି ନ ଥିବାରୁ ସେମାନେ ଏହାର ଠିକ ଲାଭ ପାଇପାରି ନ ଥାନ୍ତି। ତେବେ ଆସନ୍ତୁ ସେ ବିଷୟରେ ଜାଣିବା।

### ପାଣିରେ ଭିଜାଇ ଖାଇବା:

ଯଦି ଆପଣ ଦୁର୍ବଳ ହାଡକୁ ନେଇ ଚିନ୍ତିତ ଅଛନ୍ତି, ତେବେ ଆପଣ ନିଶ୍ଚିତ ଭାବରେ



ଆପଣଙ୍କ ଖାଦ୍ୟରେ କାଜୁ ବାଦାମକୁ ସାମିଲ କରନ୍ତୁ। ଏଥିପାଇଁ ଆପଣଙ୍କୁ ୬-୭ଟି କାଜୁକୁ ଏକ କପ୍ ପାଣିରେ ଭିଜାଇ ରାତିସାରା ରଖିବାକୁ ପଡିବ। ପରଦିନ ସକାଳେ ଏହାକୁ ଖାଲି ପେଟରେ ଖାଇବାକୁ ପଡିବ। ବାସ୍ତବରେ, ଭିଜାଇଥିବା କାଜୁ ଖାଇବା ଦ୍ୱାରା ଏଥିରେ ଥିବା ପୋଷକ ତତ୍ତ୍ୱକୁ ଶରୀର ସହଜରେ ଗ୍ରହଣ କରିଥାଏ।

### କ୍ଷୀରରେ ଭିଜାଇ ଖାଇବା:

କ୍ଷୀରରେ ଭିଜାଯାଇଥିବା କାଜୁ ବାଦାମର ବ୍ୟବହାର ହାଡର ଦୁର୍ବଳତାକୁ ଦୂରକରିବା ପାଇଁ ଅଧିକ ଲାଭଦାୟକ ବୋଲି ବିବେଚନା କରାଯାଏ। ବାସ୍ତବରେ କ୍ଷୀରକୁ କ୍ୟାଲ୍‌ସିୟମ୍‌ର ଏକ ଉତ୍ତମ ଉତ୍ସ ଭାବରେ ବିବେଚନା କରାଯାଏ, ଯାହା ହାଡ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିସହିତ, କାଜୁ ବାଦାମରେ ଥିବା ଭିଟାମିନ୍ କ ଏବଂ ଈ୬ ମଧ୍ୟ ହାଡ ଏବଂ ଗଣ୍ଠି ଯନ୍ତ୍ରଣାରେ ଆରାମ ଦେଇପାରେ। ଏଥିପାଇଁ ୬-୭ଟି କାଜୁକୁ ଏକ ଗ୍ଲାସ କ୍ଷୀରରେ ରାତିସାରା ଭିଜାନ୍ତୁ ଏବଂ ପରଦିନ ସକାଳେ ଉଭୟ କ୍ଷୀର ଏବଂ କାଜୁକୁ ଖାଆନ୍ତୁ।

### ଅନ୍ୟାନ୍ୟ ଡ୍ରାଏ ଫ୍ରୁଟ୍ ସହିତ:

ଆପଣ ବାଦାମ, କିସ୍‌ମିସ୍ ଏବଂ ଅଖ୍‌ରୋଟ୍ ସହିତ ମିଶାଇ କାଜୁ ଖାଇପାରିବେ। ଏଥିପାଇଁ ୨-୩ଟି ବାଦାମ, ୪-୫ଟି କିସ୍‌ମିସ୍, ୧ଟି ଅଖରୋଟ୍ ଏବଂ ୩-୪ଟି କାଜୁ ବାଦାମକୁ ପାଣିରେ ଭିଜାଇ ରଖନ୍ତୁ। ସକାଳୁ ଉଠିବା ପରେ ଏସବୁକୁ ଏକାଠି ଖାଆନ୍ତୁ। ଏହା କରିବା ଦ୍ୱାର ସମସ୍ତ ଡ୍ରାଏ ଫ୍ରୁଟ୍‌ର ଲାଭ ମିଳିବ। ଏସବୁକୁ ଏକାଠି ଖାଇବା ଦ୍ୱାରା ହାଡ ଦୃଢ ହୋଇଥାଏ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୫ ସେପ୍ଟେମ୍ବର ୨୦୨୪, ବୁଧବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଶହେଦିନର ରୋମନ୍ଥନ...

'ଓଡ଼ିଆ ଅସ୍ମିତା'ର ନାରା ଦେଇ ଓ ସାହାରା ନେଇ ଓଡ଼ିଶା ଭୋଟରଙ୍କ ଆସ୍ଥା ଜିଣିଥିବା ବିଜେପି ଶାସନ କ୍ଷମତାକୁ ଆସିବାର ଇତିମଧ୍ୟରେ ଶହେଦିନ ପୂରଣ ହୋଇଛି। ଓଡ଼ିଶାର ନୂଆ ସରକାର ପ୍ରଥମ ଶହେଦିନର ଉପଲବ୍ଧିକୁ ନେଇ ଆତ୍ମବିଭୋର ହେଉଥିଲେ ମଧ ତାହା ଜନମାନସକୁ ଛୁଇଁଥିବା ପରି ମନେ ହେଉନାହିଁ। କୌଣସି ନୂଆ ଦଳ ଶାସନ କ୍ଷମତାକୁ ଆସିବା ପରେ ଯେପରି ଦ୍ୱିଗୁଣିତ ଉତ୍ସାହରେ କାମ କରିବା କଥା ଏବଂ ଉଦାହରଣୀୟ ଓ ଆଦରଣୀୟ କାର୍ଯ୍ୟପନ୍ଥା ହାତକୁ ନେବା କଥା, ତାହା ଏବେ ଓଡ଼ିଶାରେ ଦେଖିବାକୁ ମିଳୁନାହିଁ। ଅଧିକନ୍ତୁ ପୂର୍ବପ୍ରଚଳିତ ଯୋଜନାର ନାମ ଓ କୋଠାବାଡ଼ିର ରଙ୍ଗ ପରିବର୍ତ୍ତନ ପରି ଅଯଥା ଓ ଅଣଉତ୍ପାଦନ ଭିତ୍ତିକ କାର୍ଯ୍ୟରେ ଓଡ଼ିଶା ସରକାର ତାଙ୍କର ପ୍ରଥମ ଶହେଦିନର ମୂଲ୍ୟବାନ ସମୟ ନଷ୍ଟ କରିଦେଇଛନ୍ତି। କେବଳ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ଓ ରତ୍ନଭଣ୍ଡାର ଯାଞ୍ଚ ପରି ଓଡ଼ିଶାବାସୀଙ୍କ ବୃହତ୍ ଭାବାବେଗ ସହିତ ଜଡ଼ିତ ପ୍ରସଙ୍ଗକୁ ଛାଡ଼ିଦେଲେ ସମାବେଶୀ ଓ ବୃହତ୍ତର ସ୍ୱାର୍ଥସମ୍ବଳିତ ଆଖିଦୃଶିଆ ପଦକ୍ଷେପ ନେବାରେ ମୋହନ ମାଝୀ ସରକାର ଯେ ଆନ୍ତରିକତା ପ୍ରଦର୍ଶନ କରିଛନ୍ତି, ସେହି ଧାରଣା ସ୍ପଷ୍ଟ ହୋଇପାରୁନାହିଁ। ଯଦି ନିରପେକ୍ଷ ଦୃଷ୍ଟିକୋଣରୁ ବିଗତ ଶହେଦିନରେ ସରକାରଙ୍କ ରିପୋର୍ଟ କାର୍ଡକୁ ତର୍ଜମା କରାଯାଏ ତେବେ ସୁଭଦ୍ରା ଯୋଜନାର ଆରମ୍ଭ(ଯାହାର ରୂପରେଖ ଏ ପର୍ଯ୍ୟନ୍ତ ଅସ୍ପଷ୍ଟ ଓ ଅସ୍ଥିର), ଗତ ସରକାର ଅମଳରେ ହୋଇଥିବା ଯୁଗାନ୍ତକାରୀ ଯୋଜନାର ସଫଳତାର ପ୍ରମାଣପତ୍ର ଗ୍ରହଣ, କେତେକ ପୁରୁଣା ପ୍ରକଳ୍ପର ଉଦ୍‌ଘାଟନ ସାମିଲ୍ ହୋଇପାରିବ। କିନ୍ତୁ ଏହି ଯତ୍‌କିଞ୍ଚିତ ସଫଳତାକୁ ଢାଙ୍କି ଦେଇଛି ଲଜ୍ଜା, ନିରାଶା, ବ୍ୟଭିଚାରର କଳାଚାଦର। ଏହି ଶହେଦିନ ଭିତରେ ଏଭଳି ଘଟଣାମାନ ଘଟିଛି, ଯାହା ରାଜ୍ୟ ଇତିହାସରେ କେବେ ଘଟି ନ ଥିଲା କି କେହି ସେଭଳି ଅଘଟଣ ବିଷୟରେ ଚିନ୍ତା ମଧ କରି ନ ଥିଲେ। ବଡ଼ଠାକୁରଙ୍କୁ ରଥରୁ ପକାଇ ଦେବା ପରି ଖାମ୍‌ଖିଆଲି ଓ ବିଶୃଙ୍ଖଳିତ ଘଟଣାରୁ ଆରମ୍ଭ କରି ରାଜ୍ୟପାଳଙ୍କ ପୁଅ ଜଣେ ସରକାରୀ କର୍ମଚାରୀଙ୍କୁ ମାଡ଼ ମାରିବା ପରି ସ୍ୱେରଚାର, ଚିକିଟି ମଦମୃତ୍ୟୁ, ରେଭେନ୍ସାର ନାମ ପରିବର୍ତ୍ତନ ବିବାଦ ପରି ଶାସନଗତ ବିଫଳତାର ତାଲିକା ବହୁତ ଲମ୍ବା। ପାଠପଢ଼ା ଅଧା ହେବାକୁ ବସିଲାଣି, କିନ୍ତୁ ସ୍କୁଲ୍ ପିଲାଙ୍କୁ ବହି ମିଳିନି। ଏପଟେ ମାଗଣା ରାସନ୍ କଥା କହି କେନ୍ଦ୍ର ଓ ରାଜ୍ୟ ନେତାମାନେ ବାହୁସ୍ଫୋଟ ମାରୁଥିବା ବେଳେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ବଢ଼ି ଚାଲିଛି। ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମି ବିକାଶ ବଦଳରେ ନାମ ପରିବର୍ତ୍ତନର ଅବାନ୍ତର ପ୍ରସ୍ତାବ ଶୁଣିବାକୁ ମିଳୁଛି। ବର୍ଷ ବର୍ଷ ଧରି ଓଡ଼ିଶାର ଅସମ୍ପୂର୍ଣ୍ଣ ରେଳ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାର ଖସଡ଼ା ପ୍ରସ୍ତୁତ ହୋଇପାରିନାହିଁ। ଏସବୁକୁ ବଳି ଯାଇଛି ରାଜଧାନୀ ଉପକଣ୍ଠ ଭରତପୁର ଥାନାରେ ଅଭିଯୋଗକାରିଣୀଙ୍କ ପ୍ରତି ପୁଲିସର ବର୍ବରତା ଓ ବ୍ୟଭିଚାର। ଗତ ୧୪ ତାରିଖ ରାତିରେ ଘଟିଥିବା ଏହି ଘଟଣାରେ ଏବେ ରାଜ୍ୟ ସରକାର ସଣ୍ଢୁଆଶି ଚାପର ସମ୍ମୁଖୀନ ହୋଇଛନ୍ତି। ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜାତୀୟସ୍ତରରେ ରାଜନୈତିକ ଦଳମାନଙ୍କର ଓ ବରିଷ୍ଠ ସେନା ଅଧିକାରୀମାନଙ୍କର ସ୍ୱର ତୀବ୍ର ହେଉଥିବା ବେଳେ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ରାଜ୍ୟ ପୁଲିସ୍ ବିଭାଗର ଅଧିକାରୀ/କର୍ମଚାରୀ ଓ ପୂର୍ବତନ ଅଧିକାରୀମାନେ ଏକାଠି ହୋଇଛନ୍ତି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ସୁଭଦ୍ରା ଯୋଜନାର ହତାଶ ହିତାଧିକାରୀଙ୍କ ଆକ୍ରୋଶରୁ ଜନୈକା ଅଙ୍ଗନବାଡ଼ି କର୍ମୀଙ୍କୁ ଗଛରେ ବାନ୍ଧି ନିସ୍ତୁକ ମାଡ଼ ମାରି ଗୁରୁତର କରିବା ଭଳି ଅଭୂତପୂର୍ବ ବର୍ବରତା ମଧ ଆମ ରାଜ୍ୟରେ ଦେଖିବାକୁ ମିଳିଛି, ଯାହା ରାଜ୍ୟ ସରକାରଙ୍କ ଅଡୁଆକୁ ଆହୁରି ବଢ଼ାଇ ଦେଇଛି। ଏଠାରେ ଲକ୍ଷ୍ୟ କରିବାର କଥା ଯେ ସରକାର ବଦଳିଥିଲେ ମଧ ପୁଲିସ ପ୍ରଶାସନିକ ଅଧିକାରୀ/କର୍ମଚାରୀଙ୍କ ମଧରେ ସେଭଳି କୌଣସି ବଡ଼ଧରଣର ପରିବର୍ତ୍ତନ ହୋଇନାହିଁ। ଯେଉଁ ପୁଲିସ ପ୍ରଶାସନ ଦିନେ 'ଆମ ପୁଲିସ୍' ବ୍ୟବସ୍ଥା ଜରିଆରେ ଲୋକଙ୍କ ନିକଟତର ହେବାକୁ ଚେଷ୍ଟା କରିଥିଲା, ଦେଶରେ ପ୍ରଶଂସା ସାଉଁଟିଥିଲା, ସେହି ବ୍ୟବସ୍ଥା ହଠାତ୍ ବିପରୀତଧର୍ମୀ ହେଲା କାହିଁକି ? ପୁଲିସ ଅଧିକାରୀ ଓ କର୍ମଚାରୀମାନଙ୍କ ମାନସିକତା ହଠାତ୍ ଉଗ୍ର, ହିଂସ୍ର, ଆକ୍ରୋଶପୂର୍ଣ୍ଣ ଓ ଜନବିରୋଧୀ ଆଦିର ଅପବାଦ ମୁଣ୍ଡାଇଲା କାହିଁକି ? କୁହାଯାଏ ରାଜା ଗୁଣେ ପ୍ରଜା। ଉଲ୍ଲେଖନୀୟ ଯେ କେନ୍ଦ୍ରରେ ମଧ ବିଜେପି ନେତୃତ୍ୱରେ ଏନ୍‌ଡିଏ ସରକାର ଗଠନ କରିବାର ଶହେଦିନ ମଧରେ କୋଲକାତା ଡାକ୍ତରୀ ଛାତ୍ରୀ ହତ୍ୟା ଓ ମହାରାଷ୍ଟ୍ରର ବଦ୍‌ଲାପୁର ଶିଶୁ ନିର୍ଯାତନା ଭଳି ଦୁଇଟି କଳଙ୍କିତ ଅଧ୍ୟାୟ ଲେଖି ହୋଇସାରିଛି। ମଣିପୁର ଜଳୁଛି। କାଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। କେବଳ ଓଡ଼ିଶାର ଘଟଣାକୁ ତର୍ଜମା କଲେ ଲାଗୁଛି ସତେଯେପରି ପୁଲିସ୍ ପ୍ରଶାସନ ଉପରେ ସରକାରଙ୍କର କର୍ତ୍ତୃତ୍ୱ ଆଦୌ ନାହିଁ। ଅପରାଧ ବିଜ୍ଞାନୀ ଓ ସାମାଜିକ ବିଜ୍ଞାନୀଙ୍କ ମତରେ ଏବେ ପୁଲିସ୍ ପ୍ରଶାସନର ମୁଖ୍ୟ କର୍ତ୍ତବ୍ୟ ହୋଇଛି ରାଜନେତାଙ୍କ ସୁରକ୍ଷା। 'ଲୋକଙ୍କ ମୁଖ୍ୟମନ୍ତ୍ରୀ' ଭାବେ ଆତ୍ମଘୋଷିତ ମୋହନ ମାଝୀ ଦୈନିକ ଯେତେ ଉତ୍ସବରେ ଯୋଗ ଦେଉଛନ୍ତି ତାଙ୍କ ସୁରକ୍ଷା ପାଇଁ ଶହ ଶହ ପୁଲିସ ନିୟୋଜିତ ହେଉଛନ୍ତି। ସେହି ଅଞ୍ଚଳରେ ସ୍ୱାଭାବିକ ଜୀବନଯାତ୍ରା କଟକଣାଯୁକ୍ତ ହୋଇଯାଉଛି। ତେଣୁ ଆଇନ ଶୃଙ୍ଖଳା ସମ୍ଭାଳିବ କିଏ ଏବଂ ଲୋକଙ୍କ ହିତଅହିତ ବୁଝିବ କିଏ ? ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନେଇ ତମ୍ବିତୋଫାନ କରୁଥିବା ସେତେବେଳର ବିରୋଧୀ ଦଳ ବିଜେପି ଏବେ ଶାସନ କ୍ଷମତାକୁ ଆସିବା ପରେ ତାହା ଅଧିକ ବିଗିଡ଼ିବାରେ ଲାଗିଛି।

# ହସ୍ତତନ୍ତର ମହନୀୟ ପରମ୍ପରା



### ପ୍ରେମାନନ୍ଦ ପାଣିଗ୍ରାହୀ

ଓଡିଶା ହେଉଛି କଳା ଓ ଭାସ୍କର୍ଯ୍ୟର ରାଜ୍ୟ। ଓଡିଶାର ହସ୍ତତନ୍ତ ଓ ହସ୍ତଶିଳ୍ପର କାରୁକାର୍ଯ୍ୟ ବହୁ ପୁରାତନ। ଏହା ଆମ ଐତିହ୍ୟ ଓ ପରମ୍ପରାର ପ୍ରତୀକ। ବୁଣାକାରମାନେ ତାଙ୍କ କାରିଗରୀ କୌଶଳରେ ଆମ ସଂସ୍କୃତି ଓ କଳାକୁ ସୂତାରେ ବାନ୍ଧି ରଖିଛନ୍ତି। ବୟନ ଶିଳ୍ପରେ ଜଡିତ ରହିଛି ଓଡିଶାର ମାନ, ସ୍ୱାଭିମାନ, ଉଦବେଳନ ଓ ପ୍ରାଣର ସ୍ପନ୍ଦନ। ହସ୍ତତନ୍ତ ମାଧ୍ୟମରେ ଆମର କଳା, ସଂଗୀତ, ସଂସ୍କୃତି, ଆଧ୍ୟାତ୍ମିକ ଓ ସଂସ୍କୃତିକ ଭାବାବେଗ ପ୍ରକାଶିତ ହୋଇଥାଏ। ପୂର୍ବେ ବୋଇତରେ ସାଧବମାନେ ପ୍ରାଚୀନ ଓଡିଶାର ହସ୍ତତନ୍ତ ଓ ହସ୍ତଶିଳ୍ପ ବିଦେଶକୁ ରପ୍ତାନୀ କରୁଥିଲେ। କୃଷି ପରେ ଦ୍ୱିତୀୟ ବୃହତ୍ତମ କର୍ମନିଯୁକ୍ତିର କ୍ଷେତ୍ର ଭାବରେ ବୟନଶିଳ୍ପ ଗ୍ରାମାଞ୍ଚଳ ଲୋକମାନଙ୍କୁ ସର୍ବାଧିକ କର୍ମସଂସ୍ଥାନ ଯୋଗାଇଥାଏ। ହସ୍ତତନ୍ତ କେବଳ ଆମ ଆଭିଜାତ୍ୟ ର ପ୍ରତୀକ ନୁହେଁ ଏହା ଦେଶର ଅର୍ଥନୀତିର ପ୍ରମୁଖ ଅଂଶ। ଉତ୍ପାଦନ, ରପ୍ତାନୀ ଏବଂ କର୍ମନିଯୁକ୍ତି ମାଧ୍ୟମରେ ଦେଶର ଘରୋଇ ଉତ୍ପାଦନର ଏକ ସିଂହଭାଗ ଏଇ ହସ୍ତତନ୍ତ କ୍ଷେତ୍ରରୁ ହିଁ ଆସିଥାଏ। ୨୦୧୯ ମସିହାରେ ଦେଶର ମୋଟ ଘରୋଇ ଉତ୍ପାଦ (ଜି.ଡି.ପି)ରେ ବୟନ ଓ ପୋଷାକ ଶିଳ୍ପର ଯୋଗଦାନ ୨ ପ୍ରତିଶତ ରହିଥିଲା।

ପରାଧୀନ ଭାରତରେ ବ୍ରିଟିଶ ସାମଗ୍ରୀ ବର୍ଜନ ପାଇଁ ଆହ୍ୱାନ ଦେଇ ୧୯୦୫ ମସିହା ଅଗଷ୍ଟ ୭ ରେ କଲିକତାର ଟାଉନ ହଲ ଠାରେ ଦେଶରେ ସ୍ୱଦେଶୀ ଆନ୍ଦୋଳନ ଆରମ୍ଭ କରାଯାଇଥିଲା। ୧୯୨୦ ମସିହାରେ ଭାରତରେ ସ୍ୱଦେଶୀ ଆନ୍ଦୋଳନ ଅନ୍ତର୍ଗତ ଖଦିକୁ ଏକ ଜାତୀୟତାବାଦୀ ଅସ୍ତ୍ର ରୂପେ ଗାନ୍ଧିଜୀ ଉପସ୍ଥାପିତ କରିଥିଲେ। ସ୍ୱଦେଶୀ ଆନ୍ଦୋଳନ ମାଧ୍ୟମରେ ସେ ଉପନିବେଶବାଦୀ ଶୋଷଣର ମୂଳକୁ ଆଘାତ କରିଥିଲେ। ତେଣୁ ହସ୍ତତନ୍ତ ଉତ୍ପାଦନରେ ଭାରତର ଉତ୍କର୍ଷ ପରମ୍ପରା ରହିଛି। ଏହି ଶିଳ୍ପ ବିଭିନ୍ନ କାରଣରୁ ବର୍ତ୍ତମାନ ସଂକଟଜନକ ପରିସ୍ଥିତିରେ ଗତି କରୁଛି। ସୂତା କିଣା ଠାରୁ ଆରମ୍ଭ କରି ବସ୍ତ୍ର ବିକ୍ରି ପର୍ଯ୍ୟନ୍ତ ବୁଣାକାରମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। ମହଙ୍ଗା ସୂତା ଓ ରଙ୍ଗ ବୁଣାକାରମାନଙ୍କୁ ନିରାଶ କରିଦେଇଥିବା ବେଳେ ତାଉପରେ ଜି.ଏସ.ଟି ଆର୍ଥିକ ଭାବେ ବୁଣାକାର ଓ ହସ୍ତତନ୍ତ ଲୁଗା ପ୍ରତି ବାଧକ ସାଜିଛି। ମନୁଷ୍ୟକୃତ ତନ୍ତୁ,ସୂତା,କପଡା ଏବଂ ପୋଷାକ ଉପରେ ୫ ପ୍ରତିଶତ ଜି,ଏସ,ଟି ରହିଛି। ଯଦ୍ୱାରା ଗ୍ରାହକମାନେ ଏହି ସାମଗ୍ରୀ କିଣିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଶିଳ୍ପୀ ଓ କାରିଗରମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀକୁ ଜି.ଏସ.ଟି ମୁକ୍ତ ତାଲିକାରେ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ।

ଓଡିଶାରେ ବୟନ ଶିଳ୍ପ ହେଉଛିଏକ ବୃହତ କୁଟିର ଶିଳ୍ପ। ଶତାବ୍ଦୀ ଶତାବ୍ଦୀ ଧରି ଓଡିଶା ବିଶ୍ୱର ଏକ ଅନ୍ୟତମ ବୟନ ସମୃଦ୍ଧ ରାଜ୍ୟର ମାନ୍ୟତା ହାସଲ କରି ଦେଶବିଦେଶକୁ ଉତ୍କୃଷ୍ଟ ସାମଗ୍ରୀ ରପ୍ତାନୀ କରିଆସୁଛି। ଏହା ରାଜ୍ୟ ଜନସଂଖ୍ୟାର ମୋଟ ଚାରି ପ୍ରତିଶତ ଲୋକଙ୍କୁ ରୋଜଗାର ଦେଇଥାଏ। ଏକ ସରକାରୀ ହିସାବ ଅନୁଯାୟୀ ଓଡିଶାର ପ୍ରାୟ ସତୁରୀ ହଜାର ପଞ୍ଜିକୃତ ବୁଣାକାର ଥିବା ବେଳେ ଅଣପଞ୍ଜିକୃତ ବୁଣାକାର ମାନଙ୍କ ପରିବାର ମିଶି ପ୍ରାୟ ଚାରି ଲକ୍ଷ ଲୋକ ହସ୍ତତନ୍ତ ଶିଳ୍ପ ଉପରେ ସିଧାସଳଖ ନିର୍ଭରଶୀଳ। ରାଜ୍ୟର ସମୁଦାୟ ୧ ଲକ୍ଷ ୨୨ ହଜାର ୩୩୫ ଜଣ ବୁଣାକାର ହସ୍ତତନ୍ତ କ୍ଷେତ୍ରରେ ନିଜକୁ ନିୟୋଜିତ କରି ଜୀବିକା ନିର୍ବାହ କରୁଛନ୍ତି। ଏମାନେ ଶାଢୀ, କପଡା, ଗାମୁଛା, ଧୋତି, ବେଡସିଟ, ଟେବୁଲ କ୍ଲଥ ଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ ଉତ୍ପାଦନ କରିଥାନ୍ତି। ଏହି କାରବାରେ କଞ୍ଚାମାଲ ବ୍ୟବସାୟୀ, ବସ୍ତ୍ର ବ୍ୟବସାୟୀ ଏବଂ ବୁଣାକାରମାନେ ସାମିଲ ହୋଇଥାନ୍ତି। ହସ୍ତତନ୍ତ କ୍ଷେତ୍ରରେ ବରଗଡ, ସୋନପୁର, ସମ୍ବଲପୁର, ବଲାଙ୍ଗୀର, କୋରାପୁଟ, କଳାହାଣ୍ଡି, ଗଞ୍ଜାମ ଜିଲ୍ଲାର ବୁଣାକାରମାନେ ଉତ୍କୃଷ୍ଟ ହସ୍ତତନ୍ତ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି। ଓଡିଶାରୁ ପ୍ରସ୍ତୁତ ଇକତ, ବାନ୍ଧ ଶାଢୀ, ବ୍ରହ୍ମପୁରୀ ରେଶମ ପାଟ, କାଞ୍ଜିବରମ, କୋଟପାଡ ବସ୍ତ୍ର ଦେସବିଦେଶରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ବୁଣାକାରମାନଙ୍କର ଜୀବନ ଜୀବିକାର ସୁରକ୍ଷା, ସେମାନଙ୍କର ପିଲାମାନଙ୍କର ଶିକ୍ଷା ଓ ଆର୍ଥିକ ବିକାଶକୁ ବିଶେଷ ଗୁରୁତ୍ୱ ଦେବା ସହିତ ସେମାନଙ୍କର ଅର୍ଥନୈତିକ ବିକାଶ ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନା କରାଯାଇଛି। ଉଚ୍ଚ ଗୁଣବତ୍ତା ସମ୍ପନ୍ନ ହସ୍ତତନ୍ତର ଉତ୍ପାଦିତ ବସ୍ତ୍ରର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ପାଇଁ ହସ୍ତତନ୍ତ ମାର୍କ ପ୍ରତୀକ ଲଗାଯିବାର ବ୍ୟବସ୍ଥା କରାଯାଇଛି। ଉଚ୍ଚ ଗୁଣବତାସମ୍ପନ୍ନ ହସ୍ତତନ୍ତରେ ଉତ୍ପାଦିତ ବସ୍ତ୍ରଗୁଡିକୁ ସ୍ୱତନ୍ତ୍ର ମାନ୍ୟତା ଦେବା ଉଦ୍ଦେଶ୍ୟରେ ଇଣ୍ଡିଆ ହାଣ୍ଡଲୁମ ବୋର୍ଡର ବ୍ୟବସ୍ଥା ରହିଛି। ବ୍ୟବହୃତ କଞ୍ଚାମାଲ, ସେଗୁଡିକର ପ୍ରକ୍ରିୟାକରଣ, ବୁଣା କୌଶଳ ନେଇ ଗ୍ରାହକମାନଙ୍କର ବିଶ୍ୱାସ ଜିତାଇବାରେ ସହାୟକ ହୁଏ। ପକ୍କା ତନ୍ତଶାଳା ତଥା ବାସଗୃହ ଉନ୍ନୟନ ପାଇଁ ବୁଣାକାରମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ, ଉନ୍ନତମାନର ତନ୍ତ, ତନ୍ତ ସରଞ୍ଜାମ ଏବଂ ରଙ୍ଗ ସରଞ୍ଜାମ ଯୋଗାଣ, ନୂଆ ପିଢିଙ୍କୁ ପ୍ରାଥମିକ ବୁଣା କାର୍ଯ୍ୟ ସହ ଉନ୍ନତ ମାନର ସୂତା ରଙ୍ଗ କରିବା ତାଲିମ ପ୍ରଦାନ, ଆଧୁନିକ ଜ୍ଞାନ କୌଶଳ ଆହରଣ ପାଇଁ ପ୍ରଗତିଶୀଳ ହସ୍ତତନ୍ତ ପୁଞ୍ଜକୁ ବୁଣାକାରଙ୍କ ପରିଭ୍ରମଣ, ଜୀବନ ବୀମା ଯୋଜନା, କେନ୍ଦ୍ର ସରକାରଙ୍କ ଦ୍ୱାରା ବ୍ଲକସ୍ତରୀୟ ପୁଞ୍ଜ ଯୋଜନା ପ୍ରଚଳନ ଏବଂ ସୂତା ସୁଲଭ ମୂଲ୍ୟରେ ଯୋଗାଇବା ନିମନ୍ତେ କଞ୍ଚାମାଲ ବ୍ୟାଙ୍କ ପ୍ରତିଷ୍ଠା ,ଆର୍ଥିକ ସହାୟତାର ବ୍ୟବସ୍ଥା ସାଙ୍ଗକୁ ବିକ୍ରୟ ସହାୟତା ସହିତ ବିକ୍ରି ଯୋଜନାରେ ୧୦ ଶତକଡା ସରକାରୀ ରିଆତି ଦିଆଯାଉଛି। ରାଜ୍ୟର ଉତ୍ପାଦିତ ବୟନ ସାମଗ୍ରୀଗୁଡିକୁ ଗୋଟିଏ ଜାଗାରେ ଉପଲବ୍ଧ କରାଇବା ସହ ବୁଣାକାରମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ,ବିକ୍ରିବଟା ପାଇଁ ଉପଯୁକ୍ତ ବଜାର ସୃଷ୍ଟି କରିବା ଲକ୍ଷ୍ୟ ନେଇ ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ତୋଷାଳି ଜାତୀୟ କ୍ରାଫ୍ଟ ମେଳାର ଆୟୋଜନ କରାଯାଇଛି। ଓଡିଶାର ଅଭିଜାତ୍ୟପୂର୍ଣ୍ଣ ହସ୍ତତନ୍ତର ପ୍ରଦର୍ଶନ ନିମନ୍ତେ ଭୁବନେଶ୍ୱରର ଗଣ୍ଡମୁଣ୍ଡା ଠାରେ ସମଗ୍ର ପୂର୍ବ ଭାରତରେ ପ୍ରଥମ କରି ଓଡିଶା କ୍ରାଫ୍ଟ ମ୍ୟୁଜିୟମ ପ୍ରତିଷ୍ଠା କରାଯାଇଛି। ପାରମ୍ପରିକ ହାତବୁଣା ବସ୍ତ୍ରରେ ଆଧୁନିକତାର ସ୍ପର୍ଶ ଲାଗିଥିଲେ ବି ଏହା ନିଜର ମୌଳିକତାକୁ ହରାଇନି କି ପାଶ୍ଚାତ୍ୟ ପୋଷାକର ଭିଡରେ ଏହା ହଜି ଯାଇନି।

ଭୁବନ, ଢେଙ୍କାନାଳ

ମୋ-୯୧୭୮୭୧୩୪୫

# ସୁଧହାର ହ୍ରାସ କରିବାର ପ୍ରକ୍ରିୟା ଆରମ୍ଭ



### ଗୋପାଳ ମହାପାତ୍ର

ଆମେରିକାର ଫେଡ୍ରେରାଲ ରଜର୍ଭ ପକ୍ଷରୁ ସେପ୍ଟେମ୍ବର ୧୯ ତାରିଖ ଦିନ ସୁଧ ହାର ୫୦ ବେସିକ ପଏଣ୍ଟ ହ୍ରାସ କରିବ ବୋଲି ଘୋଷଣା କରାଯାଇଛି। ଫଳତଃ ଏହି ହାର ୫.୫ ପ୍ରତିଶତ ରୁ ୫ ପ୍ରତିଶତକୁ ହ୍ରାସ ପାଇଛି। ୪ ବର୍ଷ ପୂର୍ବେ ସାରା ବିଶ୍ୱରେ ବ୍ୟାପିଥିବା କୋରେନା ମହାମାରୀ ପରେ ମୁଦ୍ରସ୍ଫିତି ହାର ବୃଦ୍ଧି ପାଇଥିଲା। ବିଗତ ୪ ଦଶନ୍ଧି ମଧରେ ଏହା ଥିଲା ସର୍ବାଧିକ ବୃଦ୍ଧି। ମୁଦ୍ରା ସ୍ଫିତିକୁ ନିୟନ୍ତ୍ରଣ କରିବା ପାଇଁ ବିକଶିତ ଦେଶ ସମେତ କିଛି ଦେଶ ସୁଧ ହାରକୁ ଲଗାତାର ଭାବେ ବୃଦ୍ଧି କରିଥିଲେ। ଏହାର କାରଣ ହେଉଛି ଯେ ଉତ୍ପାଦର ବିକ୍ରୀ କମିବ ଏବଂ ଉତ୍ପାଦର ଆମଦାନୀ ଓ ବିକ୍ରି ଉପଭୋକ୍ତାଙ୍କ ଆବଶ୍ୟକତା ଅନୁରୂପ ହେବ। ବିଗତ ୪ବର୍ଷ ମଧରେ ଆମେରିକାର ଫେଡ୍ରେରାଲ ଦର ୦ ପ୍ରତିଶତରୁ ବୃଦ୍ଧି ପାଇ ୫.୫୦ ପ୍ରତିଶତରେ ପହଞ୍ଚି ଯାଇଥିଲା। ପରନ୍ତୁ ଏବେ ୪ବର୍ଷ ପରେ ଆମେରିକାର ଫେଡ୍ରେରାଲ ହାର ହ୍ରାସ କରାଯିବା ପାଇଁ ଘୋଷଣା କରାଯାଇଛି। ଆମେରିକାର କେନ୍ଦ୍ରୀୟବ୍ୟାଙ୍କ ଫେଡ୍ରେରାଲ ରିଜର୍ଭ ସେ ଦେଶକୁ ସୁରକ୍ଷିତ ଏବଂ ସ୍ଥିର ମୌଦ୍ରିକ ଏବଂ ଆର୍ଥୀକ ପ୍ରଣାଳି ପ୍ରଦାନ କରିଥାଏ। ଫେଡ୍ରେରାଲ ରିଜର୍ଭ ବ୍ୟାଙ୍କ ହେଉଛି ଭାରତର ରିଜର୍ଭବ୍ୟାଙ୍କ ଭଳି କେନ୍ଦ୍ରୀୟ ବ୍ୟାଙ୍କ। ଆର୍ଥୀକ ସ୍ଥିରତାକୁ ସୁନିଶ୍ଚିତ କରିବା ପାଇଁ ଏହି ସଂସ୍ଥା ପାଖରେ ବ୍ୟାପକ ଶକ୍ତି ରହିଛି। ଅନେକ ବିକଶିତ ଏବଂ ବିକାଶଶୀଳ ଦେଶର ଅର୍ଥବ୍ୟବସ୍ଥା ଆମେରିକାରେ ଧାର୍ଯ୍ୟ ସୁଧ ହାର ପାଇଁ ମାତ୍ରାଧିକ ପ୍ରଭାବିତ ହୋଇଥାଏ। ଯେତେବେଳେ ଆମେରିକା ସୁଧହାର ବୃଦ୍ଧି କରେ ସେତେବେଳେ ଆମେରିକା ଏବଂ ଅନ୍ୟ ବିକଶିତ ଦେଶର ସଂସ୍ଥା ଏବଂ ନାଗରିକ ମାନଙ୍କ ଦ୍ୱାରା କରାଯାଇଥିବା ପୁଞ୍ଜିନିବେଶ ଆମେରିକାକୁ ପୁନଃ ପ୍ରତ୍ୟାବର୍ତ୍ତିତ ହୋଇଥାଏ। କାରଣ ଆମେରିକୀୟ ଆର୍ଥୀକ ସଂସ୍ଥା ଏବଂ ଆମେରିକା ଦ୍ୱାରା ଜାରି କରାଯାଇଥିବା ବଣ୍ଡ ଉପରେ ଆକର୍ଷକ ସୁଧ ମିଳିଥାଏ। ଏହାର ବିପରିତ ଯଦି ଆମେରିକାର ଫେଡ୍ରେଗାଲ ରିଜର୍ଭ ସୁଧହାର କମ୍ କରେ ତେବେ ଅନ୍ୟ ବିକାଶଶୀଳ ଦେଶରେ ଆମେରିକା ଏବଂ ଅନ୍ୟ ବିକଶିତ ଦେଶ ମାନଙ୍କର ସଂସ୍ଥା ଓ ନାଗରିକ ମାନେ ପୁଞ୍ଜିନିବେଶ ବୃଦ୍ଧି କରିଥାନ୍ତି। କାରଣ ଆମେରିକା ତୁଳନାରେ ଅନ୍ୟ ବିକାଶଶୀଳ ଦେଶରେ ପୁଞ୍ଜି ନିବେଶ କଲେ ସେମାନଙ୍କୁ ଅଧିକ ସୁଧ ମିଳିଥାଏ। ଏହି କାରଣରୁ ଅନେକ ଦେଶ ଆମେରିକା ଫେଡ୍ ରିଜର୍ଭର ନିଷ୍ପତ୍ତିକୁ ଦେଖି ନିଜ ଦେଶରେ ମଧ ସୁଧ ହାର କମାଇବା ଅଥବା ବଢ଼ାଇବା ପାଇଁ ନିଷ୍ପତ୍ତି ନେଇଥାନ୍ତି ଯାହା ଫଳରେ ସଂପୃକ୍ତ ଦେଶରେ ଆମେରକା ଏବଂ ଅନ୍ୟ ବିକଶିତ ଏବଂ ଅନ୍ୟ ବିକଶିତ ଦେଶର ସଂସ୍ଥା ଓ ନାଗରିକମାନେ କରିଥିବା ପୁଞ୍ଜିନିବେଶ ଯେମିତି ପ୍ରଭାବିତ ନହୁଏ।

ଏବେ ଯେହେତୁ ଆମେରିକାର ଫେଡ୍ ରିଜର୍ଭ ହାର କମାଇ ଦେଇଛି ଏଣୁ କେତେକ ଦେଶ ମଧ ସୁଧହାର କମାଇବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ଏହା ଦ୍ୱାରା ସାରା ବିଶ୍ୱରେ ସୁଧହାର କମ୍ ବା ହ୍ରାସ କରିବାର ପ୍ରକ୍ରିୟା ଆରମ୍ଭ ହୋଇପାରେ। ଏହି କାମ ୟୁରୋପୀୟ ଦେଶ ଏବଂ ବ୍ରିଟେନ ପୂର୍ବରୁ କରିସାରିଛନ୍ତି ଏବଂ ବିକାଶଶୀଳ ଦେଶ ମାନେ ଏହି ଘୋଷଣା ଖୁବ୍ ଶୀଘ୍ର କରିପାରନ୍ତି। ଭାରତରେ କିଛି ଦିନ ଦେବ ମୁଦ୍ରସ୍ଫିତି ହାର ନିୟନ୍ତ୍ରଣରେ ରହିଛି କିନ୍ତୁ ଭାରତୀୟ ରିଜର୍ଭବ୍ୟାଙ୍କ ଯଦି ପୂର୍ବରୁ ସୁଧହାର ହ୍ରାସ କରିବା ପାଇଁ ଘୋଷଣା କରିଥାନ୍ତା। ତେବେ ଭାରତରେ ଆମେରିକା ଏବଂ ଅନ୍ୟ ବିକଶିତ ଦେଶ ମାନଙ୍କ ସଂସ୍ଥାନ ଦ୍ୱାରା ଆମେରିକୀୟ ଡ଼ଲାରରେ କରାଯାଉଥିବା ପୁଞ୍ଜିନିବେଶ ଭାରତରୁ ପଳାଇବାର ସମ୍ଭାବନା ବଢିଯାଇଥାନ୍ତା। ଏବେ ବିଶ୍ୱର ଅନେକ ଦେଶ ବିଶେଷ କରି ଆର୍ଥୀକ କ୍ଷେତ୍ରରେ ପରସ୍ପର ମଧରେ ଏତେ ଅଧିକ ଭାବେ ଯୋଡି ହୋଇ ଯାଇଛନ୍ତି ଯେ କୌଣସି ଦେଶର ଆର୍ଥୀକ କ୍ଷେତ୍ରରେ ହେଉଥିବା ପରିବର୍ତ୍ତନ ଅନ୍ୟ ଦେଶର ଆର୍ଥୀକ କ୍ଷେତ୍ରକୁ ପ୍ରଭାବିତ କରିଥାଏ।

ଆମେରିକାର ଫେଡ୍ରେରାଲ ରିଜର୍ଭ ପକ୍ଷରୁ କୁହାଯାଇଛି ଯେ ୨୦୨୪ ବର୍ଷରେ ଆମେରିକୀୟ ଫେଡ୍ରେରାଲ ହାରରେ ଆଧାର ବିନ୍ଦୁ ବା ବେସିକ ପଏଣ୍ଟର ହ୍ରାସ ବାବଦରେ ଦୁଇଥର ହ୍ରାସ କରାଯିବାର ଘୋଷଣା କରିପାରେ ତଥା ୨୦୨୫ ବର୍ଷରେ ୧୦୦ ଆଧାର ବିନ୍ଦୁ (ବେସିକ ପଏଣ୍ଟ)ର ହ୍ରାସ କରାଯାଇପାରେ। ଏଣୁ ଆମେରିକୀୟ ଫେଡ୍ରେରାଲ ରିଜର୍ଭ ସୁଧହାରକୁ ୩.୫୦ ପ୍ରତିଶତକୁ ହ୍ରାସ କରିପାରେ। ଏବେ ଫେଡ୍ରେରାଲ ରିଜର୍ଭ ସୁଧ ହାର ହ୍ରାସ କରିବା ପରେ ଡ଼ଲାର ଇଣ୍ଡେକ୍ସ ମଧ ୧୦୦.୩୭ର ତଳ ସ୍ତରକୁ ଆସିଯାଇଛି। ଏଣୁ ଏବେ ଆମେରିକୀୟ ଡ଼ଲାର ଉପରେ ଅନ୍ତର୍ଯ୍ୟାତୀୟ ସ୍ତରରେ ଚାପ ବଢ଼ିବ ଫଳରେ ଡ଼ଲାରର ଅବମୂଲ୍ୟାୟନ ହୋଇପାରେ। ଫଳରେ ଆମେରିକା ବଜାରରୁ ପୁଞ୍ଜିଏବେ ଅଧିକ ଆୟ ବା ସୁଧ ପାଇବା ପାଇଁ ଅନ୍ୟ ଦେଶର ବଜାରକୁ ଆସିବ। ଭାରତକୁ ଏଥିରୁ ଅଧିକ ଲାଭ ମିଳିପାରେ। କାରଣ ଭାରତ ଆଇଏମ୍ ଆଇ ଇଣ୍ଡେକ୍ସ (ଇନଭେଷ୍ଟେବୁଲ ମାର୍କେଟ ଇଣ୍ଡେକ୍ସ)ରେ ଚୀନ ଠାରୁ ଆଗକୁ ବଢ଼ିଯାଇଛି। ଏହି ଇଣ୍ଡେକ୍ସରେ ଭାରତର ଶେୟାର (ଅଂଶଧନ)ର ମୂଲ୍ୟ ଚୀନର ଶେୟାରର ମୂଲ୍ୟ ଠାରୁ ଅଧିକ ହୋଇଯାଇଛି।

ବିଶ୍ୱର ଆର୍ଥୀକ ସଂସ୍ଥା ସୋଭରେନ ଫଣ୍ଡ, ପେନଶନ ଫଣ୍ଡ ଏବଂ ଅନ୍ୟ ନିବେଶକ ଆଇଏମ୍‌ଆଇ ଇଣ୍ଡେକ୍ସ ଉପରେ ଅଧିକ ବିଶ୍ୱାସ କରନ୍ତି ଏବଂ ନିଜର ନିବେଶ ମଧ ଏହି ଇଣ୍ଡେକ୍ସରେ ସାମିଲ ଶେୟାରରେ କରିବେ। ଦ୍ୱିତୀୟତଃ ଏବେ ସମ୍ଭାବନା ସୃଷ୍ଟି ହୋଇଛି ଯେ ଭାରତୀୟ ରିଜର୍ଭ ବ୍ୟାଙ୍କ ମଧ ରେପୋଦର ହ୍ରାସ କରିବାର ଘୋଷଣା ଶୀଘ୍ର କରିବ। କାରଣ ଆମେରିକାରେ ଏବେ ଅଧିକ ସୁଧ ହାରର ସମୟ ସମାପ୍ତ ହେବାକୁ ଯାଉଛି। ଆମେରିକାରେ ସୁଧ ହାର ବଢ଼ିବାର ବିପରିତ ପଭାବ ଭାରତ ମୁଦ୍ରା। ଟଙ୍କା ଉପରେ ପଡିଥାଏ ଓ ଆମେରିକା ସମେତ ବିକଶିତ ଦେଶମାନେ ଭାରତରେ ଆମେରିକୀୟ ଡ଼ଲାଟରେ ନିବେଶ ପାଇଁ ଋପ ସୃଷ୍ଟି କରିଥାନ୍ତି। ଏବେ କିନ୍ତୁ ଭାରତୀୟ ମୁଦ୍ରାଉପରେ ଚାପ କମିବ ଏବଂ ଭାରତରେ ହୋଇଥିବା ବିଦେଶୀ ନିବେଶ ଅନ୍ୟ ଦେଶକୁ ଚାଲିଯିବାର ସମ୍ଭାବନା ମଧ କମିଯାଇଛି।

ଯଦି ଏବେ ଭାରତୀୟ ରିଜର୍ଭ ବ୍ୟାଙ୍କ ସୁଧହାର କମ୍ କରିବ ତେବେ ଭାରତର ଉଦ୍ୟୋଗ ଜଗତକୁ ଏହାର ଲାଭ ମିଳିବା ଏବଂ ସେମାନଙ୍କର ଲାଭ ବଢ଼ିବ ଯାହା ବିଦେଶୀ ପୁଞ୍ଜିନିବେଶକୁ ଆକର୍ଷିତ କରିପାରିବ। ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ଉଚ୍ଚତମସ୍ତର ୬୮୯୦୦ କୋଟି ଡ଼ଲାରରେ ପହଞ୍ଚିଛି। ଏବେ ପରିବର୍ତ୍ତିତ ପରିସ୍ଥିତିରେ ଭାରତର ଶେୟାର ବଜାର ଯଦି ଅଧିକ ବିଦେଶୀ ନିବେଶକୁ ଆକର୍ଷିତ କରିପାରିବ ତେବେ ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ବୃଦ୍ଧି ପାଇବ। ଅନ୍ୟପକ୍ଷରେ ରିଜର୍ଭ ବ୍ୟାଙ୍କ ଯଦି ସୁଧହାର କମ୍ କରିବ ତେବେ ଭାରତରେ ଉତ୍ପାଦିତ ବସ୍ତୁ ପାଇଁ ହେଉଥିବା ବ୍ୟୟ କମ୍ ହେବ ଏବଂ ଭାରତରେ ନିର୍ମିତ ଉତ୍ପାଦ ଆନ୍ତର୍ଯ୍ୟାତୀୟ ବଜାରରେ କମ୍ପିଟ(ପ୍ରତିସ୍ପର୍ଦ୍ଧି) କରିବାରେ ସକ୍ଷମ ହୋଇ ପାରିବ। ଏହାଦ୍ୱାରା ଭାରତୀୟ ଉତ୍ପାଦର ରପ୍ତାନୀ ବୃଦ୍ଧି ହେବାର ସମ୍ଭାବନା ରହିଛି। ସେହିପରି ସୂଚନା ପ୍ରାଦ୍ୟୋଗିକୀ କ୍ଷେତ୍ରରେ ଲାଭ ବୃଦ୍ଧି କାରଣରୁ ତାର ସିଧା ସଳଖ ପ୍ରଭାବ ଭାରତରେ ସୂଚନା ପଦ୍ୟୋଗିକୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା କମ୍ପାନୀ ମାନଙ୍କ ଉପରେ ପଡିବ।

ସବୁଠାରୁ ବଡ଼ କଥା ହେଉଛି ଏବେ ସାଧାରଣ ଲୋକେ ବ୍ୟାଙ୍କରୁ ନେଇଥିବା ଋଣର କିସ୍ତି ମଧ କମ୍ ହୋଇପାରେ ଏଣୁ ମଧ୍ୟବର୍ଗୀୟ ପରିବାରଙ୍କ ବ୍ୟୟ ମଧ ବଢ଼ିବ ଯାହା ବିଭିନ୍ନ ଉତ୍ପାଦର ବିକ୍ରୀ ବୃଦ୍ଧିରେ ସହାୟକ ହେବ। ମୋଟାମୋଟିଭାବେ କୁହାଯାଇପାରେ ଯେ ଆମେରିକାର ଫେଡ୍ରେରାଲ ରିଜର୍ଭ ସୁଧ ହାର କମ୍ କରିବାର ଏକ ସକାରାତ୍ମକ ପ୍ରଭାବ ଭାରତ ସମେତ ଅନେକ ଦେଶ ଉପରେ ପଡିବ ନିଶ୍ଚୟ।

ରାମଚନ୍ଦ୍ରପୁର,ରଣପୁର

ମୋ :୯୪୩୮୪୮୫୦୯୪




## ଦୁର୍ଗତି ନାଶିନୀ

### ସଦାଶିବ ବିଶ୍ୱାଳ

ଶରତ ଆକାଶ ମଳିନ ଦିଶୁଛି
ଦିଶୁନାହିଁ ଝଲମଲ,
କାଶତଣ୍ଡୀ ଫୁଲେ ଆକର୍ଷଣ ନାହିଁ
ଲାଗୁନାହିଁ ଆଉ ଭଲ

ଆଖିମେଲି ଦେଖ ଗାଆଁ ସହରରେ
ମହିଷାସୁର ବୁଲନ୍ତି,
ନାବାଳିକା ପରେ ଦୃଷ୍ଟି ଘୁରିବୁଲେ
ପାଇଲେ ଟେକି ନିଅନ୍ତି

ଆଗକୁ ଆସୁଛି ମାଆଙ୍କର ପୂଜା
ପିନ୍ଧିଦେବେ ଭଦ୍ରମୁଖା,
ମୁଖା ତଳେ ରହି ପୂଜା ଆରମ୍ଭିବେ
ହୋଇକରି ରକ୍ତମୁଖା

ମିଛ ତାର ପୂଜା ମିଛ ଆରାଧନା
ମିଛ ସେ ଭକତି ଭାବ,
ମାତା ଜାତି ପ୍ରତି ନାହିଁ ତା ଶରଧା
ଭାବେ ଇଜ୍ଜତ ଲୁଟିବ

କେତେ ଦିନ ଆଉ ରହିବ ଅବଳା
କେତେ ସହିବ କଷଣ,
ସଠିକ ସମୟ ଆସିଛି ଲୋ ମାଆ
ଖୋଲ ତୃତୀୟ ନୟନ

ଦେଖୁ ଏ ଜଗତ ମିଛେ ନୁହେଁ ତୁମେ
ଦୁର୍ଗତି ନାଶିନୀ ମାତା,
ଅସୁର ମାନଙ୍କ ନାଶ କରିଦିଅ
ସର୍ବେ ଗା'ନ୍ତୁ ତୁମ ଗାଥା

ଅଙ୍ଗାରୁଆ,
ଜିଲ୍ଲା - କେଉଁଝର



## ଶ୍ରାବଣର ପ୍ରଥମ ସ୍ପର୍ଶ

### ଶ୍ରୀମତୀ ସ୍ୱାଗତିକା ସାହୁ

ଶ୍ରାବଣୀରେ
ଚାଲିଯାଇଥିଲୁ କି
ଅଭିମାନ କରି...

କି ଦୋଷରେ
କଷ୍ଟ ଦେଉ ତୁ
ବୁଝିପାରେନାହିଁ ସତେ ମୁଁ
ଚାଷୀର କର୍କଶ ସ୍ୱର
ପଡୁ ନାହିଁ କାନେ ତୋର
କ୍ଷେତରେ ଲଙ୍ଗଳ ତାର
ପଡିଛି ମୁକୁଳା ହୋଇ... ।

ଶୁଭେ ଶିବ ପଞ୍ଚାକ୍ଷରି
ଭକ୍ତଙ୍କର ଅନ୍ତାକ୍ଷରି
କମ୍ପେ ଚତୁର୍ଦିଗ ଭାରି
ତୋର ଅନୁକମ୍ପା ଲୋଡି
ଝାଡିଦେବୁ ଜଦି ବାରି
କାଉଡ଼ିଆ ଯିବେ ଭିଜି
ରାସ୍ତା ଯିବ ଅବତରି... ।

ଭାସିଆସେ କାନନରୁ
ସୁଗାଢ଼ ସୁଗନ୍ଧ ସରୁ
ଆଖିର କଜଳ ଗାର
ଦେଲେବି ଲାଗେ ନଜର
ସଭିଙ୍କୁ କଦମ୍ବ ତୁହି
ଖୁରାଘାତ କରୁ..... ।

ଶ୍ରାବଣୀରେ
ତୋର ଏ ସ୍ପର୍ଶ ଛୁଇଁ
ତାତିଲା ପିଆଲା ଭୂଇଁ
ବକ୍ଷକୁ କରି ଶୀତଳ
ଫୁଟାଏ ଛତୁର ମାଳ



ବାଡ଼ିପଟେ କେଁ କଟର
ଆଜି ସାରୁମୂଳେ ଭାରି ଭିଡ
ସତେକି ଚାଲିଛି
ସେଠି ବାହାଘର କା'ର ?

ନାଲି ନାଲି ଓଢ଼ଣୀ ପିନ୍ଧି
ଟିପିଟିପି ଚନ୍ଦନ ବିନ୍ଦି
ସାଜି କୁନି ରାଣୀଟି
ସୁନ୍ଦରୀ ସାଧବାଣୀଟି
ଆକାଶକୁ ଆଖି ଠାରେ
ନୂଆ ସାଥୀ ପାଇଁଟି.......।

ଶ୍ରାବଣୀ ଲୋ
ତୋ ମିଠା ସ୍ପର୍ଶରେ
ଝିଙ୍କାରି ନାଚେରେ
ଚାଷୀ ବି ଉଲ୍ଲାସେ
ଧରଣୀ ବି ହସେ
ପ୍ରୀତି ର ରାଗରେ... ।।

ଶ୍ରାବଣୀରେ ଦେଖ ଏବେ
ଶୁଖିଲା ଭଙ୍ଗ ଦ୍ରୁମ
ହୋଇଛି ମନୋରମ
ସାଜିଛି ଶ୍ୟାମଳୀ ରାଣୀ
ଦିଶୁଛି ତେଜସ୍ୱିନୀ
ତୋର ଅନୁକମ୍ପା ପାଇ
ସତେଜ ହୋଇଛି ଛାଇ
ଜୀବନକୁ କରିଛି ଉଦ୍ଭାସିତ.....
ଲୋ ଶ୍ରାବଣୀ
ସଭିଙ୍କ ଜିଣିଛୁ ଚିତ୍ତ.....।।

ଶିକ୍ଷା ଅଧ୍ୟାପିକା
ତୁମୁଡିବନ୍ଧ, କନ୍ଧମାଳ

## ଧନୀ କୁକୁର



ବିଶ୍ୱର ସବୁଠାରୁ ଧନୀ କୁକୁର ଥିଲା 'ଟ୍ରବଲ୍' । ନ୍ୟୁୟର୍କର ବିଲିୟନେୟାର ହୋଟେଲ ମାଲିକାଣୀ ଲିଓନା ହେଲ୍‌ମସ୍‌ଲିଙ୍କର ସେ ଅତି ପ୍ରିୟ ପୋଷା କୁକୁର । ଟ୍ରବଲ୍ ନାମରେ ଲିଓନା ମୃତ୍ୟୁ ପୂର୍ବରୁ ରଖିଯାଇଥିଲେ ୧୨ ନିୟୁତ ଡଲାର । ଫ୍ଲୋରିଡାରେ ଥିବା ହେଲ୍‌ମସ୍‌ଲି ସ୍ୟାଣ୍ଡକ୍ୟାସଲ୍ ହୋଟେଲର ଜେନେରାଲ ମ୍ୟାନେଜର କାର୍ଲ ଲୋକିକ୍ ଟ୍ରବଲ୍‌ର ଫାଇନାନ୍ସ ଡିଲ୍ କରୁଥିବା ଟ୍ରବଲ ପାଇଁ ବର୍ଷକୁ ବ୍ୟୟ ହେଉଥିବା ଗାର୍ଡିଆନ ଫି ବାବଦରେ ୬୦,୦୦୦ ଡଲାର, ୨୪ ଘଣ୍ଟା ସୁରକ୍ଷା ପାଇଁ ୮୦୦୦ ଡଲାର, ଖାଦ୍ୟ ପାଇଁ ୧୨୦୦ ଡଲାର, ସ୍ୱାସ୍ଥ୍ୟ ପାଇଁ ୨୫୦୦ରୁ ୧୮,୦୦୦ ଡଲାର ଏବଂ ଅନ୍ୟାନ୍ୟ ବାବଦରେ ୩୦୦୦ ଡଲାର । ଗତବର୍ଷ ଟ୍ରବଲ୍‌ର ମୃତ୍ୟୁ ହୋଇଥିଲା ଏବଂ ନ୍ୟୁୟର୍କରେ ତା'ର ମାଲିକାଣୀଙ୍କ ୧.୪ ନିୟୁତ ଡଲାରର ସମାଧି ନିକଟରେ ତାକୁ ସମାଧି ଦିଆଯାଇଥିଲା ।

ବିଲିୟନେୟାର ଟକ୍ ଶୋ ହୋଷ୍ଟ ଓପ୍ରା ୱିନଫ୍ରେ ତାଙ୍କ ପୋଷା କୁକୁରଙ୍କ ପାଇଁ ବିପୁଳ ବ୍ୟୟ କରୁଛନ୍ତି । ତାଙ୍କ ଅନ୍ତେ ତାଙ୍କ ପୋଷା କୁକୁରଙ୍କର କୌଣସି ଅସୁବିଧା ହେଉ ଏହା ସେ ଚାହାନ୍ତି ନାହିଁ । ତେଣୁ ସେମାନଙ୍କ ନାମରେ ୱିନଫ୍ରେ ରଖିଛନ୍ତି ୩୦ ନିୟୁତ ଡଲାର ।



ଅଭିନେତ୍ରୀ ଡ୍ରିୟୁ ବେରୀମୋର୍‌ଙ୍କ ପୋଷା କୁକୁରର ନାମ ଫ୍ଲସି । ବେରୀମୋର୍ ଓ ତାଙ୍କର ପୂର୍ବତନ ବୟଫ୍ରେଣ୍ଡ ଟମ୍ ଗ୍ରୀନ ଏକ ଅଗ୍ନିକାଣ୍ଡରେ ଫଶି ଯାଇଥିଲେ । ଫ୍ଲସି ସେମାନଙ୍କୁ ଏହି ବିପତ୍ତିରୁ ଉଦ୍ଧାର କରିଥିଲା । ସେ ନଥିଲେ ବେରୀମୋର୍ ଓ ଟମ୍ ନିଶ୍ଚିତ ଭାବରେ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥାନ୍ତେ । ଏହାପରେ ବେରୀମୋର୍ ୩ ନିୟୁତ ଡଲାର ମୂଲ୍ୟର ଏକ ଘର କିଣି ଦେଇଥିଲେ ଫ୍ଲସି ନାମରେ ।

ମିଆମିର ଧନୀ ମହିଳା ଗେଲ୍ ପସନର୍ ତାଙ୍କର ପୋଷା କୁକୁର କୋଞ୍ଚିତାକୁ ଏତେ ଭଲ ପାଉଥିଲେ ଯେ ତା' ନାମରେ ତାଙ୍କ ପୁଅଠାରୁ ଅଧିକ ସମ୍ପତ୍ତି ଛାଡି ଯାଇଥିଲେ । ପୁଅ ପାଇଁ ମାତ୍ର ୧ ନିୟୁତ ଡଲାର୍, କିନ୍ତୁ ପୋଷା କୁକୁର ପାଇଁ ଏକାଧିକ କେୟାର ଟେକର୍, ହୀରାର ଗହଣା ଓ ୩ ନିୟୁତ ଡଲାରର ଏକ ଟ୍ରଷ୍ଟ ଫଣ୍ଡ । ଲଣ୍ଡନର ୮୦ ବର୍ଷ ବୟସ୍କା ମାର୍ଗାରେଟ୍ ଲେନ୍ ଏକ ବୁଲା କୁକୁରକୁ ପାଳି ସ୍ନେହ ମମତା ଓ ସମ୍ପତ୍ତି ଅଜାଡି ଦେଇଥିଲେ ତା' ଉପରେ ତା'ର ନାମ ରଖିଥିଲେ ଟିଙ୍କର୍ । ଟିଙ୍କର୍ ପାଇଁ ସେ ୨୨୬,୦୦୦ ଡଲାରର ଏକ ଟ୍ରଷ୍ଟ ଫଣ୍ଡ ସହ ତା' ନାମରେ ଏକ ପ୍ରକାଣ୍ଡକାୟ ଘର ମଧ୍ୟ କରିଦେଇଥିଲେ । ତେବେ ସେ ସର୍ତ୍ତ ରଖିଥିଲେ ଯେ ଟିଙ୍କର ଯଦି ଅନ୍ୟ ଲୋକଙ୍କ ଘରକୁ ନଯିବ ତେବେ ଏ ସମସ୍ତ ସମ୍ପତ୍ତି ସେ ପାଇବ ।

ବ୍ରିଟିଶ ଗାୟିକା ଡଷ୍ଟି ସ୍ପ୍ରିଙ୍ଗଫିଲ୍ଡ ତାଙ୍କର ପୋଷା କୁକୁର ନିକୋଲାସ ପାଇଁ ବହୁ ଅର୍ଥ ଛାଡି ଯାଇଥିଲେ । ନିକୋଲାସର ବିବାହ ପାଇଁ ମଧ୍ୟ ସେ 'କନ୍ୟା'ଟିଏ ବାଛିଥିଲେ । କନ୍ୟାଟି ତାଙ୍କର ଫ୍ରେଣ୍ଡ ଲି ଏଭର୍ଟ ଅଲ୍‌କିନ୍‌ଙ୍କ କୁକୁର । ନିଜ ଉଇଲ୍‌ରେ ଡଷ୍ଟି ଉଲ୍ଲେଖ କରିଥିଲେ ଯେ, ନିକୋଲାସ ଯେଉଁ ବେଡ୍‌ରେ ଶୋଇବ ।' ଉପରେ ତାଙ୍କର ଗାଉନଗୁଡିକ ରହିଥିବ ଏବଂ ବ୍ୟାକ୍‌ଗ୍ରାଉଣ୍ଡରେ ସେ ଗାଇଥିବା ଗୀତଗୁଡିକ ବାଜୁଥିବ । ତାଙ୍କ ମୃତ୍ୟୁ ପରେ ନିକୋଲାସ ଅତିକମ୍‌ରେ ଏକବର୍ଷ ଯାଏ ଇମ୍ପୋର୍ଟେଡ୍ ବେବି ଫୁଡ୍ ଖାଇବ ବୋଲି ମଧ୍ୟ ଡଷ୍ଟି ତାଙ୍କ ଇଲକ୍‌ରେ ଉଲ୍ଲେଖ କରିଥିଲେ ।

ବକ୍‌ଶଟ୍, କାଟି ଓ ଓବୁଜେଟ୍ ଏହି ତିନିଟ୍ ପୋଷା କୁକୁରଙ୍କ ନାମରେ ସେମାନଙ୍କ ମାଲିକ କେନ୍ କେମ୍ପର୍ ରଖିଯାଇଥିଲେ ୪୦୦,୦୦୦ ଡଲାର । ଏହା ସହିତ ହାଗରଷ୍ଟୋନରେ ଏକ ଦାମୀ ଘର । କେନ୍‌ଙ୍କ ମୃତ୍ୟୁ ପରେ ଏହି ତିନି କୁକୁରଙ୍କର ଯତ୍ନ ନେଇଥିଲେ ଜଣେ କେୟାରଟେକର । ସେମାନଙ୍କ ପାଇଁ ସାପ୍ତାହିକ ଡିନର୍‌ପାର୍ଟି ସହ ବେଷ୍ଟ ମେଡ଼ିକାଲ ଟ୍ରିଟମେଣ୍ଟର ବ୍ୟବସ୍ଥା କରାଯାଇଥିଲା ।

ଫେଶନ କିଙ୍ଗ୍ ଆଲେକ୍‌ଜାଣ୍ଡର ମ୍ୟାକ୍‌କୁନ୍ ଏଇ ନିକଟରେ ଗଳାରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ଆତ୍ମହତ୍ୟା ପୂର୍ବରୁ ଏହି ଡିଜାଇନର୍ ତାଙ୍କର ବିପୁଳ ସମ୍ପତ୍ତିର ଯେଉଁ ଉଇଲ୍ କରିଯାଇଥିଲେ ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି । ଉଇଲ୍‌ରେ ସେ ତାଙ୍କର ଭାଇ ଭଉଣୀ ଓ ହାଉସ୍‌ହୋଲ୍ଡ ଷ୍ଟାଫମାନଙ୍କ ମଧ୍ୟରେ ସମ୍ପତ୍ତିର କିଛି ଅଂଶ ବାଣ୍ଟିଦେବା ସହ ତାଙ୍କର ତିନି ପୋଷା କୁକୁରଙ୍କ ପାଇଁ ମଧ୍ୟ କିଛି ସମ୍ପତ୍ତି ଛାଡି ଯାଇଛନ୍ତି । ମ୍ୟାକ୍‌କୁଇନ୍‌ଙ୍କର ତିନିଟି ପୋଷା କୁକୁର-ଜୁସି, ମିଣ୍ଟର ଓ କ୍ୟାଲମ୍ । ଏହି ତିନି କୁକୁରଙ୍କ ପାଇଁ ସେ ଛାଡି ଯାଇଛନ୍ତି ୫୦,୦୦୦ ପାଉଣ୍ଡ । କୁକୁର ତିନିଟି ଥିଲେ ତାଙ୍କର ଅତି ପ୍ରିୟ । ନିଜର ଦୟାବନ୍ତ ମାଲିକଙ୍କ ଧନରେ ଧନୀ ହୋଇପାରିଥିବା ବିଶ୍ୱର କେତୋଟି ଭାଗ୍ୟବାନ କୁକୁରଙ୍କ ତାଲିକାରେ ଏବେ ସ୍ଥାନ ପାଇଛନ୍ତି ଜୁସି, ମିଣ୍ଟର୍ ଓ କ୍ୟାଲମ୍ ।



## ଅତ୍ୟଧିକ କମ୍ପ୍ୟୁଟର ବ୍ୟବହାର କରୁଛନ୍ତି କି ? ଆଖି ଓ ମୁଣ୍ଡ ବିନ୍ଧୁଥିଲେ ଜାଣି ରଖନ୍ତୁ...

ଆଖି ଈଶ୍ୱରଙ୍କ ସବୁଠାରୁ ସୁନ୍ଦର ଉପହାର ଭାବରେ ବିବେଚନା କରାଯାଏ, ସେଥିରେ ଘଟୁଥିବା କୌଣସି ସମସ୍ୟା ଜୀବନର ଗୁଣ ଉପରେ ସିଧାସଳଖ ପ୍ରଭାବ ପକାଇପାରେ । ଗତ କିଛି ବର୍ଷ ମଧରେ, କମ୍ପୁଟରର ଅତ୍ୟଧିକ ବ୍ୟବହାର, ଜୀବନଶୈଳୀ ଓ ଖାଦ୍ୟପେୟ ବ୍ୟାଘାତ ହେତୁ ଲୋକମାନେ ଚକ୍ଷୁ ସମ୍ବନ୍ଧୀୟ ସମସ୍ତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପରିସ୍ଥିତି ଏପରି ଯେ ବହୁତ ଛୋଟ ପିଲାମାନେ ଚଷମା ପିନ୍ଧୁଛନ୍ତି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବାନୁସାରେ, ଅସ୍ୱଷ୍ଟ ଦୃଷ୍ଟିଶକ୍ତି ହଠାତ୍ ଆରମ୍ଭ ହେବା ହେଉଛି ଏପରି ଏକ ଗମ୍ଭୀର ଆଖି ସମସ୍ୟା, ଯାହା କି ନିକଟ ଅତୀତରେ ବହୁ ସଂଖ୍ୟକ ଲୋକ ଶିକାର ହୋଇଛନ୍ତି...

ଅସ୍ୱଷ୍ଟ ଦୃଷ୍ଟିଶକ୍ତି କ୍ଷେତ୍ରରେ, ଜିନିଷ ଉପରେ ଧ୍ୟାନ ଦେବା କିମ୍ବା ସ୍ୱଷ୍ଟ ଭାବରେ ଦେଖିବାରେ ସମସ୍ୟା ରହିଛି । ସାଧାରଣତଃ ବୟସ ବଢିବା ସହିତ, ଗୋଟିଏ କିମ୍ବା ଉଭୟ ଆଖିରେ ଅସ୍ୱଷ୍ଟ ଦୃଷ୍ଟିର ସମସ୍ୟା କିମ୍ବା ଭଲ ଭାବରେ ଦେଖିବା ପାଇଁ ଆଖିକୁ ବାରମ୍ବାର ଘଷିବା ଆବଶ୍ୟକତା ମଧ ସାଧାରଣ ଭାବରେ ବିବେଚନା କରାଯାଏ । ତଥାପି, ଏହି ପ୍ରକାରର ସମସ୍ୟା ଅଳ୍ପ ବୟସରେ ସମାଧାନ ହୋଇପାରିବ । ଏହା ଗୁରୁତର ବୋଲି ବିଶେଷଜ୍ଞମାନେ କହିଛନ୍ତି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, କେତେକ ଅବସ୍ଥା ତଥା ଆଖି ସମ୍ବନ୍ଧୀୟ ଅନେକ ରୋଗ ହେତୁ ଏହି ପ୍ରକାରର ସମସ୍ୟା ହୋଇପାରେ, ଯାହାର ଠିକ ସମୟରେ ନିରାକରଣ ଓ ଚିକିତ୍ସା ଆବଶ୍ୟକ ରହିଛି । ଆସନ୍ତୁ ଜାଣିବା...

<u>ହଠାତ୍ ଅସ୍ୱଷ୍ଟ ଦୃଷ୍ଟିର କାରଣଗୁଡ଼ିକ କ'ଣ ହୋଇପାରେ ?</u>

ଚକ୍ଷୁ ବିଶେଷଜ୍ଞଙ୍କ ଅନୁଯାୟୀ ହଠାତ୍ ଅସ୍ୱଷ୍ଟ ଦୃଷ୍ଟିର ଅନେକ କାରଣ ଥାଇପାରେ । ଏହା ଏକ ଜରୁରୀକାଳୀନ ପରିସ୍ଥିତି ଭାବରେ ବିବେଚନା କରାଯାଏ ଯାହା ଆଖିର ସ୍ଥାୟୀ କ୍ଷତି ଓ ଦୃଷ୍ଟି ଶକ୍ତି ହରାଇବା ପାଇଁ ଯଥାଶୀଘ୍ର ନିରାକରଣ ଓ ଚିକିତ୍ସା କରାଯିବା ଆବଶ୍ୟକ ରହିଛି । ସାଧାରଣତଃ, ରେଟିନା ସମ୍ବନ୍ଧୀୟ ସମସ୍ୟା, ଆଖିର ଷ୍ଟ୍ରେନ୍, ଉଚ୍ଚ ରକ୍ତ ଶର୍କରା ସ୍ତର, ଆଖିରେ ଅବରୋଧ ଭଳି ପରିସ୍ଥିତି ଯୋଗୁଁ ଲୋକମାନେ ଏହି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଏହାର କାରଣଗୁଡିକ ଠିକ୍ ସମୟରେ ଚିହ୍ନଟ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି ।

<u>ଆପଣ ଏପରି ଲକ୍ଷଣ ଦେଖିବା ମାତ୍ରେ ସାବଧାନ ରୁହନ୍ତୁ...</u>

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଗୋଟିଏ କିମ୍ବା ଉଭୟ ଆଖିରେ ଅସ୍ୱଷ୍ଟ ଦୃଷ୍ଟିର ସମସ୍ୟା ଦେଖାଦେଇପାରେ...

ଲୋକମାନେ ଏହି ସମ୍ବନ୍ଧୀୟ କିଛି ଲକ୍ଷଣ ବିଷୟରେ ବିଶେଷ ଭାବରେ ଯତ୍ନବାନ ହେବା ଆବଶ୍ୟକ, ଯଦିଓ ଏହା ଆବଶ୍ୟକ ନୁହେଁ ଯେ ଏହି ଲକ୍ଷଣଗୁଡିକ ସମସ୍ତ ଲୋକଙ୍କଠାରେ ଦେଖାଯାଏ...

ଆଲୋକ ପ୍ରତି ସମ୍ବେଦନଶୀଳତା ରହିବା...

ଆଖି ଯନ୍ତ୍ରଣା କିମ୍ବା କ୍ରମାଗତ ମୁଣ୍ଡବିନ୍ଧା...

ଆଖିରେ ଶୁଷ୍କତା ଓ ଯନ୍ତ୍ରଣା...

ଆଖିରେ ପାଣି ଦେବା...

ଆଖିରେ ଆଘାତର ଲକ୍ଷଣ...

<u>ଅସ୍ୱଷ୍ଟ ଦେଖାଗଲେ କେମିତି ଚିକିତ୍ସା କରିବେ ?</u>

ବିଶେଷଜ୍ଞଙ୍କ ଅନୁଯାୟୀ, ଅସ୍ୱଷ୍ଟ ଦୃଷ୍ଟିର ଚିକିତ୍ସା ଏହାର କାରଣ ଉପରେ ନିର୍ଭର କରେ । ଯେପରି ଉଲ୍ଲେଖ କରାଯାଇଛି, ମଧୁମେହ ଓ ରକ୍ତଚାପ ପରି ଅନ୍ତର୍ନିହିତ ଅବସ୍ଥା ମଧ ଏହି ସମସ୍ୟା ସୃଷ୍ଟି କରିପାରେ, ତେଣୁ ଏହାକୁ ପ୍ରଥମେ ସମାଧାନ କରାଯିବା ଆବଶ୍ୟକ । ବେଳେବେଳେ ରେଟିନାଲ୍ ବିଚ୍ଛିନ୍ନତା ଓ ଆଖି ଭିତରେ ରକ୍ତସ୍ରାବ ହେଲେ ଅସ୍ତ୍ରୋପଚାର ଆବଶ୍ୟକ ହୋଇପାରେ । ହାଇପରୋପିଆ ଓ ମାୟୋପିୟା ଭଳି କାରଣ କ୍ଷେତ୍ରରେ ରୋଗୀଙ୍କୁ ଚଷମା କିମ୍ବା କଣ୍ଟାକ୍ଟ ଲେନ୍ସ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥାଏ ।

## ଦିବ୍ୟ ବିଶ୍ୱାସ



କେବଳ ଦେଶ ଜୟ କରିବା ଥିବା ଭାରତରେ ମୋଗଲ୍ ସାମ୍ରାଜ୍ୟର ପ୍ରତିଷ୍ଠାତା ବାବର୍‌ଙ୍କ ମୁଖ୍ୟ ଲକ୍ଷ୍ୟ । ଭାରତକୁ ସେ ଭଲ ପାଉ ନ ଥିଲେ । ତେବେ ଫର୍ଗଣା, କାବୁଲ ଓ କାନ୍ଦହାର ତୁଳନାରେ ଭାରତ ଅପେକ୍ଷାକୃତ ନିରାପଦ ଥିବାରୁ ସେ ଏଠାରେ ରହିଯାଇଥିଲେ । ତାଙ୍କ ନାତି ଆକବର ସିଂହାସନରେ ବସିବା ବେଳକୁ ପରିସ୍ଥିତି ସମୃଦ୍ଧ ନ ହେଲେ ବି ଦୃଢ଼ ହୋଇସାରିଥିଲା । ଆକବର ଥିଲେ ନିପୁଣ ଶାସକ ଏବଂ କୌଶଳୀ ଯୋଦ୍ଧା । ଭାରତରେ ମୋଗଲ୍ ସାମ୍ରାଜ୍ୟର ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ସେ ସଫଳ ହୋଇଥିଲେ; ଏବଂ ସେଥି ପାଇଁ ତାଙ୍କୁ ବିଶେଷ ସମୟ ମଧ୍ୟ ଲାଗି ନ ଥିଲା । ତାହା ପରେ ସେ ସମାଜ ସୁଧାରକ ଓ ଧର୍ମ ସଂସ୍କାରକ ହେବା ଲାଗି ମନ ଚଳାଇଥିଲେ । ଉଲ୍ଲେଖନୀୟ ଯେ, ତାଙ୍କ ସମୟରେ ଧର୍ମଗତ ବିଭେଦ ବ୍ୟାପକ ନ ଥିଲା । ମୋଗଲ୍‌ଙ୍କ ସହ ବିବାହ ଓ ଅନ୍ୟ ସାମାଜିକ ସଂପର୍କ ପ୍ରତିଷ୍ଠା ପାଇଁ ରାଜପୁତମାନେ ଆପତ୍ତି କରୁ ନଥିଲେ । ଧର୍ମାନ୍ତରୀକରଣ ଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ କେହି ଏତୋ ଗୁରୁତ୍ୱ ଦେଉ ନଥିଲେ । ତେଣୁ ଆକବର ସେ କାଳର ସମସ୍ତ ମୁଖ୍ୟ ଧର୍ମରୁ କିଛି କିଛି ଆଣି ଏକ ନୂଆ ଧର୍ମ ପ୍ରଚଳନ କରିବା ନିମନ୍ତେ ଆଗ୍ରହୀ ହୋଇଥିଲେ । ଏକ ନୂତନ ଧର୍ମ ପ୍ରଚଳନ ପାଇଁ ଆବଶ୍ୟକ ହେଉଥିବା ଆଧ୍ୟାତ୍ମିକ ସାଧନା ତାଙ୍କଠାରେ ନ ଥିଲେ ସୁଦ୍ଧା ସେ 'ଦିନ୍-ଇ-ଇଲାହି' ଧର୍ମ ସୃଷ୍ଟି କରିଥିଲେ । 'ଦିନ୍-ଇ-ଇଲାହି'ର ଆକ୍ଷରିକ ଅର୍ଥ 'ଦିବ୍ୟ ବିଶ୍ୱାସ' । ଦିନ୍-ଇ-ଇଲାହି' ଧର୍ମାବଲମ୍ବୀମାନେ ନିରାମିଷ ଆହାର, ବିଧବା ବିବାହ ଏବଂ ଅହିଂସାକୁ ସମର୍ଥନ କରୁଥିଲେ । ସେମାନେ ବାଲ୍ୟ ବିବାହ, ସତୀ ପ୍ରଥା, ନିକଟ ସଂପର୍କୀୟଙ୍କ ମଧ୍ୟରେ ବିବାହ ଏବଂ ଏକାଧିକ ବିବାହ ଆଦିକୁ ବିରୋଧ କରୁଥିଲେ । ଆକବରଙ୍କ ଧର୍ମନୀତି ଉଦାର ଥିଲା । ସେ ବଳପୂର୍ବକ ଧର୍ମାନ୍ତରୀକରଣକୁ ସମର୍ଥନ ଦେଉ ନ ଥିଲେ । ତେଣୁ କେବଳ ମୁଷ୍ଟିମେୟ ସମର୍ଥକ ହିଁ ତାଙ୍କ ଧର୍ମକୁ ଗ୍ରହଣ କରିଥିଲେ । ମୁଖ୍ୟତଃ ମୁସଲମାନ୍‌ମାନେ ତାଙ୍କ ଧର୍ମକୁ ଗ୍ରହଣ ନ କରିବାରୁ ତାଙ୍କ ଜୀବଦ୍ଦଶାରେ ହିଁ ସେହି ଧର୍ମର ମୃତ୍ୟୁ ଘଟିଥିଲା ।



## ପ୍ରତିଦିନ ପିଲାଙ୍କୁ ଦିଅନ୍ତୁ ଏହି ପାଞ୍ଚଟି ଜିନିଷ: ଚାଣକ୍ୟ ପରି କାମକରିବ ମୁଣ୍ଡ

ଡ୍ରାଏ ଫ୍ରୁଟ୍ସ କେବଳ ପିଲାର ରୋଗ ପ୍ରତିରୋଧକ ଶକ୍ତି ବଢାଏ ନାହିଁ ବରଂ ତାଙ୍କ ମସ୍ତିଷ୍କ ବିକାଶରେ ମଧ ସାହାଯ୍ୟ କରେ। ସେମାନେ କିଛି ଜିନିଷ ଉପରେ ଭଲଭାବେ ଧ୍ୟାନ ଦେବାକୁ ସକ୍ଷମ ହୋଇପାରନ୍ତି। ତେବେ ଆସନ୍ତୁ ଜାଣିବା ପିଲାମାନଙ୍କ ମସ୍ତିଷ୍କକୁ ଉନ୍ନତ କରିବା ପାଇଁ ଆପଣ ସେମାନଙ୍କ ଖାଦ୍ୟରେ କେଉଁ ଡ୍ରାଏ ଫ୍ରୁଟ୍ସ ସାମିଲ କରିବା ଉଚିତ।

ଡ୍ରାଏ ଫ୍ରୁଟ୍ସ ଏବଂ ନଟ୍ସକୁ ପୋଷକ ତତ୍ତ୍ୱର ପାୱାର୍ ହାଉସ୍ କୁହାଯାଏ। ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍, ମିନେରାଲ୍ସ, ଆଣ୍ଟିଅକ୍ସିଡାଣ୍ଟ, ସୁସ୍ଥ ଚର୍ବି ଏବଂ ଡାଏଟାରୀ ଫାଇବର ଥାଏ। ଏହି ସମସ୍ତ ଜିନିଷ କେବଳ ପିଲାର ରୋଗ ପ୍ରତିରୋଧକ ଶକ୍ତି ବଢାଏ ନାହିଁ ବରଂ ତାଙ୍କ ମସ୍ତିଷ୍କ ବିକାଶରେ ମଧ ସାହାଯ୍ୟ କରେ। କେବଳ ଏତିକି ନୁହେଁ, ଏସବୁ ଖାଇବା ଦ୍ୱାରା ପିଲାମାନଙ୍କର ହାଇପର ଆକ୍ଟିଭିଟି କମ ହୋଇଥାଏ ଏବଂ ସେମାନେ କିଛି ଜିନିଷ ଉପରେ ଭଲଭାବେ ଧ୍ୟାନ ଦେବାକୁ ସକ୍ଷମ ହୋଇପାରନ୍ତି। ତେବେ ଆସନ୍ତୁ ଜାଣିବା ପିଲାମାନଙ୍କ ମସ୍ତିଷ୍କକୁ ଉନ୍ନତ କରିବା ପାଇଁ ଆପଣ ସେମାନଙ୍କ ଖାଦ୍ୟରେ କେଉଁ ଡ୍ରାଏ ଫ୍ରୁଟ୍ସ ସାମିଲ କରିବା ଉଚିତ। ପୁଷ୍ଟି ବିଜ୍ଞାନୀଙ୍କ ମତରେ ୭ରୁ ୯ ମାସର ପିଲାମାନଙ୍କ ଖାଦ୍ୟରେ ଡ୍ରାଏ ଫ୍ରୁଟ୍ସ ପେଷ୍ଟ ସାମିଲ୍ କରାଯାଇପାରିବ। ପିଲା ୫ ବର୍ଷରୁ କମ ହୋଇଥିଲେ ସେମାନଙ୍କୁ ଏହାସବୁ ଛୋଟ ଛୋଟ ଖଣ୍ଡ ଆକାରରେ ଦେଇହେବ। ନଚେତ ସେମାନଙ୍କ ତଣ୍ଟିରେ ଲାଗିପାରେ।

୫ ବର୍ଷରୁ ଅଧିକ ପିଲାମାନଙ୍କ ପାଇଁ, ଆପଣ ସେମାନଙ୍କୁ ଖାଦ୍ୟରେ ଭଜା କିମ୍ବା ଅନ୍ୟ ସ୍ନାକ୍ସ ଆକାରରେ ଅନ୍ତର୍ଭୁକ୍ତ କରିପାରିବେ। ଯଦି ଆପଣ ଏହି ଡ୍ରାଏ ଫ୍ରୁଟ୍ସକୁ ପିଲାଦିନରୁ ପିଲାମାନଙ୍କର ଖାଦ୍ୟରେ ଅନ୍ତର୍ଭୁକ୍ତ କରନ୍ତି, ତେବେ ସେମାନଙ୍କର ମସ୍ତିଷ୍କ ଖୁବ୍ ଶୀଘ୍ର ବିକାଶ ହୋଇପାରେ।





<u>ବାଦାମ:</u> ବାଦାମରେ ଫସ୍‌ଫରସ୍ ଭରପୂର ଥାଏ, ଯାହା ହାଡ ଏବଂ ଦାନ୍ତକୁ ମଜବୁତ କରିବାରେ ସାହାଯ୍ୟ କରିଥାଏ। ବାଦାମରେ ରାଇବୋଫ୍ଲାଭିନ୍ ଏବଂ ଏଲ୍-କାର୍ନିଟିନ୍ ଥାଏ ଯାହା ମସ୍ତିଷ୍କକୁ ଶୀଘ୍ର ବିକାଶରେ ସାହାଯ୍ୟ କରିଥାଏ। ଏହା ଫାଇବରରେ ମଧ ଭରପୂର, ଯାହା ଖାଦ୍ୟ ଅବଶୋଷଣରେ ସାହାଯ୍ୟ କରିଥାଏ।

<u>ଅଖରୋଟ୍:</u> ଅଖିରୋଟ୍ ଓମେଗା-୩ ଫ୍ୟାଟି ଏସିଡ୍‌ର ଏକ ବଡ ଉତ୍ସ ଯାହା ପିଲାର ମସ୍ତିଷ୍କ ବିକାଶରେ ସାହାଯ୍ୟ କରେ। ଏଥିରେ କ୍ୟାଲ୍‌ସିୟମ୍, ଆଇରନ୍, ମ୍ୟାଗ୍ନେସିୟମ୍, ଫସ୍‌ଫରସ୍, ପୋଟାସିୟମ୍ ଏବଂ ଜିଙ୍କ୍ ପରି ଖଣିଜ ପଦାର୍ଥ ମଧ ରହିଥାଏ ଯାହା ମସ୍ତିଷ୍କକୁ ଅନେକ ଉପାୟରେ ଉପକାର କରିଥାଏ।

<u>ପିସ୍ତା:</u> ପିସ୍ତାରେ ଭିଟାମିନ୍ ଏ, ସି, ଇ, ଥିଆମିନ୍, ରିବୋଫ୍ଲାଭିନ୍, ନିୟାସିନ୍, ପାଣ୍ଟୋଥେନିକ୍ ଏସିଡ୍, ପାଇରିଡୋକ୍ସିନ୍ ଏବଂ ଫୋଲେଟ୍ ଭଳି ଅତ୍ୟାବଶ୍ୟକ ଭିଟାମିନ୍ ଥାଏ ଯାହା ମସ୍ତିଷ୍କ ପାଇଁ ଖୁବ ଲାଭଦାୟକ। ଏସବୁ ଖାଇବା ଦ୍ୱାରା ଏକାଗ୍ରତାରେ ସାହାଯ୍ୟ କରେ ଏବଂ ସ୍ମୃତିରେ ଉନ୍ନତି ଆଣେ।

<u>କାଜୁ:</u> ମସ୍ତିଷ୍କ ବିକାଶ ପାଇଁ କାଜୁ ମଧ ବହୁତ ଲାଭଦାୟକ। ଏଥିରେ ଲ୍ୟୁଟିନ୍ ଏବଂ ଜେକ୍ସିନ୍ ?ଥିନ୍ ପରି ଉଚ୍ଚ ସ୍ତରର ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯାହା ଆଖିକୁ ସୁରକ୍ଷା ଦେଇଥାଏ। ଏହା ମଧ ମ୍ୟାଗ୍ନେସିୟମରେ ଭରପୂର ଯାହା ହାଡର ବିକାଶରେ ସହାୟକ ହୋଇଥାଏ।

<u>ଡ୍ରାଏଡ୍ ଆପ୍ରିକଟ୍:</u> ଡ୍ରାଏଡ୍ ଆପ୍ରିକଟରେ ପ୍ରଚୁର ପରିମାଣର ଡାଏଟାରୀ ଫାଇବର, ପୋଟାସିୟମ୍, ନିୟାସିନ୍, ଆଇରନ୍ ଏବଂ ଭିଟାମିନ୍ ଇ ଥାଏ ଯାହା ପିଲାର ମାନସିକ ଏବଂ ଶାରୀରିକ ବିକାଶ ପାଇଁ ଜରୁରୀ ହୋଇଥାଏ। ଏହା ଆଖିକୁ ସୁସ୍ଥ ରଖିବାରେ ମଧ ସାହାଯ୍ୟ କରିଥାଏ।

# ଶିଶୁ ବିକାଶ କେନ୍ଦ୍ରର କର୍ମକର୍ତ୍ତା ନିର୍ବାଚନ

ବଲାଙ୍ଗିର, ୨୪/୦୯ (ନି.ପ୍ର): ବଲାଙ୍ଗିରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଶିଶୁ ବିକାଶ କେନ୍ଦ୍ର ର ଦୁଇ ବାର୍ଷିକ କର୍ମକର୍ତା ନିର୍ବାଚନ ଉପଦେଷ୍ଟା ଜୟରାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସର୍ବ ସମ୍ମତିକ୍ରମେ ମଦନ ମୋହନ ରଥ ସଭାପତି, ସୁନାଧର ବନଛୋର ଉପ-ସଭାପତି, ମଧୁ ସାହୁ ସଂପାଦକ, ଦୁର୍ଗା ସାହୁ ସହ-ସଂପାଦକ, ଚୁଡେନ୍ଦ୍ର କୁମାର ବେହେରା କୋଷାଧ୍ୟକ୍ଷ, ଡ. ବନ ବିହାରୀ ସାହୁ ଏବଂ ଧିରେନନ୍ଦ୍ର ନାରାୟଣ ସିଂହଦେଓ କ୍ରୀଡା ସଂପାଦକ ଭାବେ ନିର୍ବାଚିତ ହୋଇଥିଲେ । କାର୍ଯ୍ୟକାରୀ କମିଟି କୁ ଡା. ଅଶୋକ କୁମାର ସେଠୀ, କସ୍ତୁରୀ ରଥ, ପ୍ରଶାନ୍ତ ଷଡଙ୍ଗୀ, ହୃଷିକେଶ ପୁରୋହିତ, କପିଳ ପତି, ଅରୁଣ ଖୁଆସ, ତପସ୍ୱିନୀ ପଶାୟତ, ଡ. ପ୍ରେମଚାନ୍ଦ ମହାନ୍ତି, କେଶବ ଚନ୍ଦ୍ର ମିଶ୍ର, ମାଳତି ଉଦ୍‌ଗାତା ଓ ରନ୍‌ମୟ ତ୍ରିପାଠି ମନୋନୀତ ହୋଇଥିଲା । ଡା. ଜ୍ୟୋସ୍ନାମୟୀ ମହାପାତ୍ର, ପୌରାଧ୍ୟକ୍ଷା ଲିକା ସାହୁ, ସତ୍ୟବନ୍ତ ବେଦବାକ, ଜଗଦାନନ୍ଦ ଛୁରିଆ, ଜୟରାମ ମିଶ୍ର ଓ ଗିରିଜାଶଙ୍କର ରଥ ଉପଦେଷ୍ଟା ମଣ୍ଡଳି ଗ୍ରହଣ କରାଯାଇଥିଲା । ଚଳିତ ବର୍ଷ ଶିଶୁ ବିକାଶ କେନ୍ଦ୍ର ର ଚାଳିଶତମ ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲା ସ୍ତରୀୟ ଶିଶୁ ସାହିତ୍ୟିକ ସମ୍ମିଳନୀ, ସ୍ମରଣିକା ପ୍ରକାଶନ, କବିତା ପାଠୋତ୍ସବ, ସ୍ୱାସ୍ଥ୍ୟ ଶିବିର, ସଚେତନତା ସାଇକେଲ ଯାତ୍ରା, ପଦଯାତ୍ରା ଓ ଶିଶୁ ସାହିତ୍ୟ କର୍ମଶାଳାମାନ କରିବାକୁ ସ୍ଥିର କରାଯାଇଥିଲା । ସମସ୍ତ କାର୍ଯ୍ୟ ଶିକ୍ଷାବିତ କପିଳ ପତିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ପ୍ରଦୀପ ପଶାୟତ ଓ ଶୁଭେନ୍ଦ୍ର ନେପାକ ନୂତନ କର୍ମକର୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଶେଷରେ ଧିରେନ୍ଦ୍ର ନାରାୟଣ ସିଂହଦେଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୀରମହାରାଜପୁରଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର : ବିଭିନ୍ନ ୪୫ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର, ୨୪/୦୯ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ଯସ ପ୍ରତାପ ଶ୍ରୀମଲ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୪୫ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୩୬ ଗୋଟି ଗ୍ରହଣ କରାଯାଇଥିବା ବେଳେ ୦୯ ଗୋଟି ସାମୂହିକ ଦରଖାସ୍ତ ଗ୍ରହଣ କରାଯାଇଛି। ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲ୍ଲା ଶ୍ରମ ବିଭାଗ ତରଫରୁ ଟଙ୍କଧର ପଧାନଙ୍କୁ ଶିଶୁଙ୍କ ଶିକ୍ଷା ସହାୟତା ନିମନ୍ତେ ଟ. ୬୦୦୦ ହଜାର,ବିଷ୍ଣୁ ପ୍ରସାଦ ରଣାଙ୍କୁ ବିବାହ ପ୍ରୋତ୍ସାହନ ସହାୟତା ନିମନ୍ତେ ୫୦,୦୦୦ ହଜାର, ଓ ରବି ଭୋଇଙ୍କୁ ଅନ୍ତିମ ସଂସ୍କାର ସହାୟତା ଓ ମୃତ୍ୟୁ କାଳୀନ ସହାୟତା ନିମନ୍ତେ ୫୦୦୦ ହଜାର ଓ ୨ଲକ୍ଷ ଟଙ୍କାର ଶ୍ରମିକ କଲ୍ୟାଣ ଆର୍ଥିକ ସହାୟତା ର ଡେମୋ ଚେକ୍ ପ୍ରଦାନ କରିଛନ୍ତି ଜିଲ୍ଲାପାଳ ଶ୍ରୀମତୀ ଦାସ। ଏଥି ସହ ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ହିତାଧିକାରୀଙ୍କୁ ଜିଲ୍ଲା ଶ୍ରମ ବିଭାଗ ତରଫରୁ ୧୧ ଜଣଙ୍କୁ ଝିଅ ବିବାହ ନିମନ୍ତେ ପ୍ରୋତ୍ସାହନ ସହାୟତା, ଜଣଙ୍କୁ ମେଟରନିଟି ସହାୟତା, ୧୨୩ ଜଣଙ୍କୁ ଶିକ୍ଷା ନିମନ୍ତେ ସହାୟତା, ୪ଜଣଙ୍କୁ ମୃତ୍ୟୁକାଳୀନ ସହାୟତା, ଓ ୫ ଜଣଙ୍କୁ ଅନ୍ତିମ ସଂସ୍କାର ସହାୟତା ନିମନ୍ତେ ଅର୍ଥ ରାଶି ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଭାଗ ତରଫରୁ ସମୁଦାୟ ବିଭିନ୍ନ ୧୪୪ ଜଣଙ୍କୁ ମୋଟ ଟ. ୨୧ ଲକ୍ଷ ୪୫ ହଜାର ୪୦୦ ଶହ ଟଙ୍କାର ସହାୟତା ଅର୍ଥ ରାଶି ସେମାନଙ୍କ ସଂଚୟ ଖାତା କୁ ଅନଲାଇନ ଯୋଗେ ପ୍ରଦାନ କରାଯାଇଛି। ସେହିପରି ଶିବିରରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ଉଫୁଲା ଗ୍ରାମର ରଞ୍ଜିତା ଦଣ୍ଡସେନା, ନିରସୀ ବିଶ୍ୱାଳ, ରତନ ଗୁରୁ, ଓ କମଳପୁର ଗ୍ରାମର ଜାନକୀ ସାହୁଙ୍କୁ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଭତା ପ୍ରଦାନ କରାଯାଇଥିଲା। ପୁନଶ୍ଚ ବିଭାଗ ତରଫରୁ କୁମରକେଲି ଗ୍ରାମର ଦିବ୍ୟାଙ୍ଗ ଶିଶୁ ରଷିଶନୀତ ପଧାନଙ୍କୁ ଜିଲ୍ଲାପାଳ ଶ୍ରୀମତୀ ଦାସ ହୁଇଲ ଚେୟାର ପ୍ରଦାନ କରିଥିଲେ। ବିଡିଓ, ବୀରମହାରାଜପୁର ପ୍ରିୟଦର୍ଶିନୀ ମିର୍ଦ୍ଧା ଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରେ ବୀରମହାରାଜପୁର ପଂଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା, ସମେତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସି, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟଧିକାରୀ ଡା. ରମେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଅଧିକ୍ଷଣ ଯନ୍ତ୍ରୀ ପିଡବ୍ଲୁଡି ଇଂ ଦାମୋଦର କୈବର୍ତ, ଆର ଡବ୍ଲୁଏସଏସ ଅଧିକ୍ଷଣ ଯନ୍ତ୍ରୀ ତପନ ପଧାନ, ଅବକାରୀ ଆରକ୍ଷୀ ଅଧିକ୍ଷକ ପ୍ରବୀର ସାମଲ, ଜିଲ୍ଲା ପଂଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା କ୍ରୀଡା ଅଧିକାରୀ ଚିତରଞ୍ଜନ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଡିଏସଡବ୍ଲୁଓ ଅନୁପମା ପଣ୍ଡା, ଜିଲ୍ଲା କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହା,ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲ୍ଲା ଶ୍ରମ ଅଧିକାରୀ, ତହସିଲଦାର ବୀରମହାରାଜପୁର ପୁନମ ମହାପାତ୍ର, ବୀରମହାରାଜପୁର ସାଂସଦ ପ୍ରତିନିଧି ନଳିନୀ ପଣ୍ଡା, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

# ଅକ୍ଟୋବର ୨୭ରେ ଫକୀରମୋହନ ସାହିତ୍ୟ ପରିଷଦର ନିର୍ବାଚନ

## ଅରୁଣା ରାୟଙ୍କୁ 'ପରିଷଦ ଗୌରବ' ସମ୍ମାନ



ବାଲେଶ୍ୱର, ୨୪/୯ (ନି.ପ୍ର): ଗତକାଲି ପୂର୍ବାହ୍ନରେ ଶାନ୍ତିକାନନସ୍ଥିତ ଫକୀରମୋହନ ସାହିତ୍ୟ ପରିଷଦର ସଭାକକ୍ଷରେ ପରିଷଦର କାର୍ଯ୍ୟକାରୀ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇ ଆସନ୍ତା ଅକ୍ଟୋବର ମାସ ୨୭ ତାରିଖ ରବିବାର ପୂର୍ବାହ୍ନରେ ସାଧାରଣ ପରିଷଦର ବୈଠକ ଶାନ୍ତିକାନନଠାରେ ଅନୁଷ୍ଠିତ ହେବା ସହ ପରିଷଦର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ ବୋଲି ନିର୍ଦ୍ଧାରଣ କରାଯାଇଛି । ଚଳିତବର୍ଷ 'ପରିଷଦ ଗୌରବ' ସମ୍ମାନ ସାହିତ୍ୟିକା ତଥା 'ପରିଚୟ' ସାହିତ୍ୟପତ୍ରର ମୁଖ୍ୟ ସଂପାଦିକା ସୁଶ୍ରୀ ଅରୁଣା ରାୟଙ୍କୁ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସାଧାରଣ ପରିଷଦ ବୈଠକରେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ କରାଯିବ ଏବଂ ମକର ସଂକ୍ରାନ୍ତି ଦିନ ଫକୀରମୋହନ ଜୟନ୍ତୀ ଉତ୍ସବରେ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। କାର୍ଯ୍ୟକାରୀ ସମିତି ବୈଠକରେ ଆୟବ୍ୟୟର ହିସାବ ସହିତ ଆସନ୍ତାବର୍ଷର ଖର୍ଚ୍ଚ ଅଟକଳ ପାରିତ ହୋଇଯାଇଛି। ନିର୍ବାଚନ ଉପଲକ୍ଷେ ସମସ୍ତ ବୈଧ ସଦସ୍ୟଙ୍କର ନାମ କାର୍ଯ୍ୟାଳୟ ପରିସରରେ ଉପଲବ୍ଧ ହେବ। ଯେଉଁମାନେ ସଦସ୍ୟ ତାଲିକାର ନକଲ ନେବାପାଇଁ ଇଚ୍ଛାପ୍ରକାଶ କରିବେ ସେମାନେ ସଂପାଦକଙ୍କ ସହିତ ଯୋଗାଯୋଗ କରିପାରିବେ ବୋଲି ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ସଂପାଦକ ଦୀପକ ବୋଷ ଜଣାଇଛନ୍ତି।

# ନିଖୋଜ କୁଳଦୀପଙ୍କ ଗଳିତ ଶବ ୨୧ ଦିନ ପରେ ଉଦ୍ଧାର: ପରିବାର ଲୋକେ କଲେ ଚିହ୍ନଟ

ସୋନପୁର, ୨୪/୦୯ (ନି.ପ୍ର): ସେପ୍ଟେମ୍ବର ୧ ତାରିଖ ରବିବାର ରାତିରେ ସୋନପୁର ମହାନଦୀ ପୋଲରୁ ଡେଇଁ ନିଖୋଜ ଥିବା ବଲାଙ୍ଗୀର ଅଂଚଳର ଯୁବକ କୁଳଦୀପ ପାଢ଼ୀଙ୍କ ଗଳିତ ଶବ ଗତ କାଲି ବୀର ମହାରାଜ ପୁର ଅଗ୍ନିଶମ ବିଭାଗ ଠାବ କରିଛି ଓ ଆଜି ସକାଳେ ଉଦ୍ଧାର କରିବାରେ ସଫଳ ହୋଇଛି। ପ୍ରକାଶ ଥାଉ କି ଯେ ଘଟଣା ଦିନ ସୋନପୁର ପୋଲିସ ଟିମ୍ ପେଟ୍ରୋଲିଂ କରୁଥିବାବେଳେ ମହାନଦୀ ପୋଲ ଉପରୁ ଏକ ଟିଭିଏସ ଆପାଚି ବାଇକ ଓଡି୦୩ଏଚ- ୨୮୨୪ ସହ ଏକ ହଳ ଜୋତା ଓ ଡିକିରେ ଥିବା ମୋବାଇଲ ଉଦ୍ଧାର କରିଥିବା ଓ ପାଖରେ କେହି ନଥିବା ଦେଖିଥିଲେ। ଏ ନେଇ ପୋଲ ଉପରେ ବାଇକ୍ ରଖି କେହି ନଦୀକୁ ଡେଇଁଥିବା ସନ୍ଦେହ କରାଯାଇଥିବା ବେଳେ ପରେ ଯୁବକ ଜଣଙ୍କ ବଲାଙ୍ଗୀର ର ଓ ଟିଭି ଟିମର କୁଳଦୀପ ପାଢ଼ୀ ବୋଲି ଜଣା ପଡିଥିଲା। ପରେ ଫାୟାର ଓ ଓଡ୍ରାଫ୍ଟ ଟିମ ଦୁଇ ଦିନ ଧରି ନଦୀ ଗର୍ଭରେ ତଲାସି କରିଥିବା ବେଳେ କୁଳଦୀପଙ୍କ କୌଣସି ପତା ମିଳିନଥିଲା। ପରେ ଯୁବକ ଜଣକ ପୋଲ ଉପରୁ ଡେଇଁଛନ୍ତି ନା କେଉଁ ଆଡ଼େ ଚାଲିଯାଇଛନ୍ତି ତାହା ସ୍ପଷ୍ଟ ଜଣା ପଡ଼ି ନ ଥିବା ବେଳେ ସୋନପୁର ପୋଲିସ ତଦନ୍ତ ଚାଲେଇଥିବା ଆଇଆଇସି ରମେଶ କୁମାର ମାହାନା ପୂର୍ବରୁ କହିଥିଲେ। ଓ ବଲାଙ୍ଗୀର ପୋଲିସ ଏକ ନିଖୋଜ ପୋଷ୍ଟର ଜାରି କରିବା ସହ କୁଳଦୀପଙ୍କ ଖବର ପାଇଲେ ଜଣାଇବା ପାଇଁ ଏକ ନମ୍ବର ଜାରି କରିଥିଲା। କିନ୍ତୁ ଦୀର୍ଘ ୨୧ ଦିନ ପରେ ଗତକାଲି ରବିବାର ଅପରାହ୍ନରେ ବୀରମହାରାଜପୁର ଥାନା ଭୁଦବର୍ ମହାନଦୀରେ କିଛି ମତ୍ସ୍ୟଜିବୀ ମାଛ ଧରିବା ପାଇଁ ଯାଇଥିବାବେଳେ ଝାଉଁ ଗଛ ଓ ପଥର ଚେପାରେ ଏକ ଗଳିତ ଶବ ଦେଖି ପୋଲିସକୁ ଖବର ଦେଇଥିଲେ। ପରେ ସ୍ଥାନୀୟ ପୋଲିସ ଫାୟାର ବ୍ରିଗେଡ ସହାୟତାରେ ଘଟଣା ସ୍ଥଳକୁ ଯାଇ ଫଟୋ ପରିବାର ଲୋକଙ୍କୁ ପଠାଇବା ପରେ ତାହା କୁଳଦୀପ ଙ୍କ ଶବ ବୋଲି ପରିବାର ଲୋକେ ଚିହ୍ନଟ କରିଥିଲେ।

# ଜୟପୁରରେ କଳା ଦିବସ ପାଳିତ

ଜୟପୁର, ୨୪/୦୯ (ନି.ପ୍ର): କେନ୍ଦ୍ରୀୟ ଟ୍ରେଡ ୟୁନିୟନ ମାନଙ୍କ ମିଳିତ ଡାକରର ପ୍ରଭାବ ଜୟପୁରରେ ଦେଖିବାକୁ ମେଳିଛି । କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧି ଚାରୋଟି ଶ୍ରମ କୋଡ ବାତିଲ ଦାବିରେ ଜୟପୁରରେ କଳା ଦିବସ ପାଳିତ ହୋଇଛି । ଏନେଇ ଅଖିଳ ଭାରତ ଟ୍ରେଡ ୟୁନିୟନ କଂଗ୍ରେସ ତରଫରୁ ଜୟପୁର ଫିସେରି ଅଫିସ ନିକଟରୁ ଏକ ବିକ୍ଷୋଭ ଶୋଭାଯାତ୍ରା ବାହାରି ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଟ୍ରେଡ ୟୁନିୟନ ନେତା ଯୁଧିଷ୍ଠିର ରାଉଳ ଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଜୟପୁର ଉପ ଜିଲାପାଳ ଆକାବରମ ସସ୍ୟା ରେଡ୍ଡିଙ୍କ ଜରିଆରେ ଦାବି ପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ, ସର୍ବନିମ୍ନ ମଜୁରୀ ୨୬ ହଜାର ଟଙ୍କା ଘୋଷଣା କରିବା, ଅଙ୍ଗନବାଡୀ, ଆଶା କର୍ମୀ, ପାଚିକା, ସି.ଆର.ପି ,ଆଉଟ ସୋର୍ସିଙ୍ଗ ମାନଙ୍କୁ ଶ୍ରମିକ ମାନ୍ୟତା ପ୍ରଦାନ କରିବା, ସମସ୍ତଙ୍କୁ ୬୦ ବର୍ଷ ପରେ ସବନିମ୍ନ ୫ ହଜାର ଟଙ୍କା ପେନସନ ଦେବା ।

# ପାଣିକୋଇଲି ପଂଚାୟତରେ ଜନଶୁଣାଣି: ଜନସାଧାରଣଙ୍କ ମନରେ ଉତ୍କଣ୍ଠା

କୋରେଇ, ୨୪/୦୯ (ନି.ପ୍ର): ରାଜ୍ୟରେ ନୂତନ ସରକାର ରାଜ୍ୟର ଶାସନ ଭାର ହାତକୁ ନେବା ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ଜିଲ୍ଲାର କୋରାଇ ବ୍ଲକ ଅନ୍ତର୍ଗତ ପାଣିକୋଇଲି ପଂଚାୟତରେ ପ୍ରଥମ ଥର ସରକାରଙ୍କ ଜନଶୁଣାଣୀ ଅଭିଯୋଗ ପ୍ରକୋଷ୍ଠ ପଂଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ଯାଜପୁର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କୋରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶୋକ କୁମାର ମାଝୀ, ଅତିରିକ୍ତ ବିଡ଼ିଓ ଭରତ କୁମାର ବେହେରା, ବିପିସି ସନାତନ ମିଶ୍ର, ପାଣିକୋଇଲି ପ୍ରାଥମିକ ଚିକିତ୍ସା କେନ୍ଦ୍ରର ଚିକିତ୍ସାଧିକାରୀ ଡ଼ାକ୍ତର ଅରବିନ୍ଦ ପ୍ରସାଦ, ଏଇଇ ରଶ୍ମିତା ତରାଇ, ଅରଏସ ବ୍ୟାସନଗର ଧନେଶ୍ୱର ସାହୁ,ଆରଡ଼ବ୍ଲ୍ୟୁଏସଏସ ଜେଇ ଖଗେନ୍ଦ୍ର ପ୍ରସାଦ ବେହେରା, ଭିଏକେଆଇ ଚାରୁଭଦ୍ର ପ୍ରଧାନ.ଅତିରିକ୍ତ ଏନଆରଇଜିଏ କର୍ମଚାରୀ ଶାନ୍ତିଲତା ଜେନା,ଏଲ ଏସଅନିମା ମହାନ୍ତି, ଜେଇ ଦିବ୍ୟଲୋଚନ ସାମଲ, ବିଆରସି ଆରଡ଼ବ୍ଲ୍ୟୁଏସଏସ ଚନ୍ଦନ କୁମାର ଦାସ,ଏସଆରଏ ଅଶୋକ କୁମାର ମହାନ୍ତି ବ୍ଲକ ଶିକ୍ଷାଧିକାରୀଙ୍କ ଅଁସ ଆସିଷ୍ଟାଂଟ ରାମଚନ୍ଦ୍ର ସାହୁ,ଏଲ ଆଇ ମନୋଜ କୁମାର ଦାସ,ସିଡ଼ିପିଓ ଶକୁନ୍ତଳା ନାୟକ,ଏଚଇଡ଼ବ୍ଲ୍ୟୁ ଦିପ୍ତିମୟୀ ନାୟକ,ବିଇଓ ସୁଦର୍ଶନ ମଲ୍ଲିକ,ଏଭିଏଏସ ଡ଼ାକ୍ତର ଜ୍ୟୋତିମୟୀ ବରାଳ,ପିଇଓ ନାରାୟଣ ଚନ୍ଦ୍ର ବେହେରା, ବିପିଏରଞ୍ଜନ କୁମାର ଓଝା,ଡ଼ିଇଓ ସୁନାଲତା ଦାସ,ପ୍ରଶାନ୍ତ କୁମାର ନାୟକ,ସୁନୀଲ କୁମାର ଓଝା ପ୍ରମୁଖ କୋରାଇ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ମାନେ ଭାଗ ନେଇଥିଲେ। ପାଣିକୋଇଲି ପଂଚାୟତ ନାଏବ ସଂପଂଚ ଦେବେନ୍ଦ୍ର କୁମାର ସ୍ୱାଇଁ ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୁପେ ତୁଲାଇଥିଲେ। ପ୍ରଥମ ଥର ପାଇଁ ସରକାରଙ୍କ ପକ୍ଷରୁ ପଂଚାୟତରେ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାରୁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ନାହିଁ ନଥିବା ଖୁସୀ ଦେଖିବାକୁ ମିଳିଥିଲା। ଉକ୍ତ ଅଭିଯୋଗ ଶୁଣାଣୀରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିମନ୍ତେ ୪୦୭ଟି ଆବେଦନ,ରାସନ କାର୍ଡ଼ ନିମନ୍ତେ ୩୧୨ଟି ଆବେଦନ, ଭତା ନିମନ୍ତେ ୨୦୨ଟି ଆବେଦନ ଓ ଅନ୍ୟାନ୍ୟ ୩୦୨ଟି ଆବେଦନ ହୋଇଥିଲା।

# ଯୁବକଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ : ଗୁରୁତର ଅବସ୍ଥାରେ ଚମ୍ପୁଆ ଡ଼ାକ୍ତରଖାନାରେ ଭର୍ତ୍ତି

ଚମ୍ପୁଆ, ୨୪/୦୯ (ନି.ପ୍ର): ଚମ୍ପୁଆ କୋର୍ଟରୁ ଫେରୁଥିବା ବେଳେ ରାମଚନ୍ଦ୍ର ପୁର ଜଙ୍ଗଲ ନିକଟରେ ଯୁବକଙ୍କୁ ମାରଣାସ୍ତ୍ର ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଜଣେ ଦୌଡ଼ି ପଳାଇବାରେ ସକ୍ଷମ ହୋଇ ଥିବାବେଳେ ଜଣଙ୍କୁ ଗୁରୁତର ଅବସ୍ଥାରେ ଚମ୍ପୁଆ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ଅନୁସାରେ, ଯୋଡ଼ା ବାଂଶପାଣି ଅଂଚଳର କିଶୋର ମହାନ୍ତି ଓ ପ୍ରକାଶ ମହାନ୍ତି ନାମକ ଦୁଇ ଜଣ ଯୁବକ ଚମ୍ପୁଆ କୋର୍ଟରୁ ଏକ ମକଦ୍ଦମା ମାମଲାରେ କାମ ସାରି ଯୋଡ଼ାକୁ ବାଇକ୍ ଯୋଗେ ଫେରୁଥିବା ବେଳେ ରାମଚନ୍ଦ୍ର ପୁର ଜଙ୍ଗଲ ନିକଟରେ ପୂର୍ବରୁ ଛକି ବସିଥିବା ୭/୮ ଜଣ ଯୁବକ ଖଣ୍ଡା, ଟାଙ୍ଗିଆ ଆଦି ସାହାଯ୍ୟରେ ସେମାନଙ୍କୁ ଆକ୍ରମଣ କରିଥିଲେ। ତେବେ ପ୍ରକାଶ ମହାନ୍ତି ଦୌଡି ପଳାଇବାରେ ସକ୍ଷମ ହେବାରୁ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ କିଶୋର ମହାନ୍ତି ଦୌଡି ପଳାଇବାକୁ ଚେଷ୍ଟା କରି ପଡ଼ି ଯାଇଥିଲେ। ଆକ୍ରମଣକାରୀ ମାନେ ତାଙ୍କୁ ଖଣ୍ଡା, ଟାଙ୍ଗିଆ ଆଦି ମାରଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରିଥିଲେ। ଫଳରେ କିଶୋର ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଆକ୍ରମଣ ବେଳେ ନିକଟସ୍ଥ ପଡ଼ିଆରେ ଫୁଟବଲ ଖେଳୁଥିବା କିଛି ଯୁବକ ପାଟି ଶୁଣି ଆକ୍ରମଣ ସ୍ଥାନକୁ ଦୌଡି ଆସିବାରୁ ଆକ୍ରମଣକାରୀ ମାନେ ଗୁରୁତର ଅବସ୍ଥାରେ କିଶୋରକୁ ଛାଡି ଏକ ବୋଲେରୋ ଗାଡିରେ ଫେରାର ହୋଇଯାଇଥିବା ଜଣାପଡିଛି। ପ୍ରବଳ ରକ୍ତସ୍ରାବ ଯୋଗୁଁ ଗୁରୁତର ଅବସ୍ଥାରେ କିଶୋରଙ୍କୁ ଉଦ୍ଧାର କରି ଚମ୍ପୁଆ ଉପଖଣ୍ଡ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ତାଙ୍କ ବେକ , ଗୋଡ଼, ପିଠି, ମୁଣ୍ଡରେ ଗଭୀର କ୍ଷତ ହୋଇଥିବା ବେଳେ ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ଖବର ପାଇ ଚମ୍ପୁଆ ପୋଲିସ ଡାକ୍ତର ଖାନାରେ ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଆହତ କିଶୋର ଯୋଡ଼ାର ପୂର୍ବତନ କାଉନସିଲର ବୋଲି ଜଣାପଡିଛି।ତେବେ ଆକ୍ରମଣ ପଛର କାରଣ ଅସ୍ପଷ୍ଟ ରହିଛି।

# ଆମ ଖବର ୟୁଟ୍ୟୁବ କବିତା ସମ୍ମାନ ୨୦୨୪ ଘୋଷିତ




ଗଂଜାମ, ୨୪/୦୯ (ନି.ପ୍ର): ଓଡ଼ିଶାର ଗଂଜାମ ଜିଲ୍ଲା ଅନ୍ତର୍ଗତ ଭଂଜନଗରସ୍ଥିତ ଲୋହରାଖଣ୍ଡି ସାହିତ୍ୟ ସଂସଦ ପରିଚାଳିତ ଆମ ଖବର ୟୁଟ୍ୟୁବ ପକ୍ଷରୁ ପ୍ରଥମ ଥର ପାଇଁ ୟୁଟ୍ୟୁବ କବିତା ସମ୍ମାନ ୨୦୨୪ ନିମିତ୍ତ ଦଶ ଜଣଙ୍କ ନାମ ଘୋଷଣା କରାଯାଇଛି । ସେମାନଙ୍କ ମଧ୍ୟରେ – ୧. ଡ଼. ସୀମାଞ୍ଚଳ ପ୍ରଧାନ, ଗଞ୍ଜାମ, ୨. ଅଶୋକ କୁମାର ନାୟକ, ନୟାଗଡ଼, ୩. ସୁଦର୍ଶନ ବିଷୋୟୀ, ଗଞ୍ଜାମ, ୪. ପ୍ରତିମା ମହାରଣା, କୋରାପୁଟ, ୫. ପ୍ରମୋଦା ମଞ୍ଜରୀ ବଳ, ଯାଜପୁର, ୬. ସୁବାସ ଚନ୍ଦ୍ର ତାରିଣୀ, ଗଞ୍ଜାମ, ୭. ଗୋପାଳ କୃଷ୍ଣ ଦାସ, ଭୁବନେଶ୍ୱର, ୮. ରଶ୍ମିତା ବେହେରା, ବୌଦ୍ଧ, ୯. ବରୁଣ କୁମାର ଦାସ , ପଶ୍ଚିମବଙ୍ଗ ଏବଂ ୧୦. ସନାତନ ମହାକୁଡ଼, ନୟାଗଡ଼ ପ୍ରମୁଖ ଅନ୍ୟତମ। ସୂଚନାଯୋଗ୍ୟ ଯେ ଡ଼. ଅଶୋକ କୁମାର ଷଡ଼ଙ୍ଗୀ, ପ୍ରଦୀପ କୁମାର ସ୍ୱାଇଁ ଓ ଚିନ୍ମୟ କୁମାର ବେବର୍ତ୍ତା ପ୍ରମୁଖ ଆମ ଖବର ୟୁଟ୍ୟୁବ କବିତା ସମ୍ମାନ କମିଟିର ନିର୍ବାଚକ ମଣ୍ଡଳୀରେ ଅଂଶ ଗ୍ରହଣ କରିଥିଲେ।

# 'ଜୀବନକୁ ସଂସ୍କାରିତ କରେ ସଂସ୍କୃତ' : ବରଗଡ଼ ଜିଲ୍ଲାସ୍ତରୀୟ ସଂସ୍କୃତ ଦିବସ ପାଳିତ

ବରଗଡ଼, ୨୪/୦୯ (ନି.ପ୍ର): ଭାରତୀୟ ସଂସ୍କୃତି ବିଶ୍ୱ ବନ୍ଦନୀୟ ସଂସ୍କୃତି । ତେବେ ସଂସ୍କୃତ ଭାଷା ବିନା ସଂସ୍କୃତି ଅସମ୍ପୂର୍ଣ୍ଣ । ସଂସ୍କୃତ ଭାଷା ଆମ ସଂସ୍କୃତିକୁ ସୁଦୃଢ଼ କରିବା ସହ ମଣିଷ ଜୀବନକୁ ସଂସ୍କାରିତ କରେ ସଂସ୍କୃତ । ତେଣୁ ସଂସ୍କୃତ ଭାଷାର ସୁରକ୍ଷା ଆମ ସମସ୍ତଙ୍କ ପରମ କର୍ତବ୍ୟ ବୋଲି ସୋମବାର ବରଗଡ଼ ଜିଲ୍ଲା ସ୍ତରୀୟ ସଂସ୍କୃତ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ମତବ୍ୟକ୍ତ କରିଛନ୍ତି । ସଂଘର ସଭାପତି ସୁରେଶ ଚୌହାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଯୋଗଦେଇ ସଂସ୍କୃତ ଭାଷା ର ସୁରକ୍ଷା ଓ ସଂସ୍କୃତ ଶିକ୍ଷକ ମାନଙ୍କ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଉଲ୍ଲେଖ କରିଥିବା ବେଳେ ଉଭୟ ସାଂସଦ ଓ ବିଧାୟକ ବରଗଡ଼ ଜିଲ୍ଲାରେ ଏକ ସଂସ୍କୃତ ଶିକ୍ଷକ ଭବନ ନିର୍ମାଣ ପାଇଁ ଆର୍ଥିକ ସହାୟତା ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମୁଖ୍ୟବକ୍ତା ସଦାଶିବ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପୁରୀ ପ୍ରାଧ୍ୟାପକ ଡଃ. ସୁଶାନ୍ତ ରାୟ ଯୋଗ ଦେଇ ସଂସ୍କୃତ ଭାଷାର ବ୍ୟବହାରିକ ଦିଗ ଉପରେ ଗଭୀର ଆଲୋକପାତ କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ବରଗଡ଼ ବିଇଓ ଡଃ. ସୁରେନ୍ଦ୍ର ସାହୁ ବିଜୟ ପଲ୍ଲୀ ସଂସ୍କୃତ ମହା ବିଦ୍ୟାଳୟ ଅଧ୍ୟକ୍ଷ ଡଃ. ବଦ୍ରି ନାରାୟଣ ପୂଝାରୀ, ଅଧାପକ ହରିଶ୍ଚନ୍ଦ୍ର ହୋତା ଜର୍ଜ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ, ପୂର୍ବତନ ପୌର ଅଧ୍ୟକ୍ଷ ପ୍ରଶାନ୍ତ ବେହେରା ପ୍ରମୁଖ ଅତିଥି ଭାବେ ମଂଚାସୀନ ଥିଲେ । କାର୍ଯ୍ୟକ୍ରମକୁ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ଯୁଗ୍ମ ସମ୍ପାଦକ ଗୋପବନ୍ଧୁ ପୁରୋହିତ ସଂଯୋଜନା କରିଥିବା ବେଳେ ସମ୍ପାଦକ ଅଗସ୍ତି ପ୍ରଧାନ ବାର୍ଷିକ ବିବରଣୀ ଉପସ୍ଥାପନ କରି ସଂସ୍କୃତ ଶିକ୍ଷକଙ୍କ କ୍ୟାଡ଼ର ସମସ୍ୟାର ସମାଧାନ ଓ ତୃତୀୟ ଭାଷାର ବିକଳ୍ପ ବୈଷୟିକ ଶିକ୍ଷା କରା ନ ଯାଉ ବୋଲି ଦାବି ଜଣାଇଥିଲେ ।

ଏହି ଅବସରରେ ଜିଲ୍ଲାରୁ ଅବସରଗ୍ରହଣ କରିଥିବା ତିନି ଜଣ ସଂସ୍କୃତ ପଣ୍ଡିତ ପୂର୍ଣାନନ୍ଦ ଭୋଇ,ସୁନିଲ ଦାସ ଓ ଗିରିଧାରୀ ଯୋଶୀ ପ୍ରମୁଖଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ମ୍ୟାଟ୍ରିକ ପରୀକ୍ଷାରେ ସଂସ୍କୃତ ବିଷୟରେ ଶତ ପ୍ରତିଶତ ମାର୍କ ରଖିଥିବା ଛାତ୍ରୀ ସ୍ୱରୂପା ଷଡ଼ଙ୍ଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସୁଧୀର ରଥଙ୍କ ସଂଯୋଜନାରେ ସରଣ୍ଡାପାଲି ଓ ଲରାସରା ହାଇସ୍କୁଲର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସଂସ୍କୃତ ନୃତ୍ୟ ଓ ପଂଚାୟତ ବିଦ୍ୟାଳୟ ସିଲେଟ ର ଛାତ୍ର ଛାତ୍ରୀଙ୍କ ଦ୍ୱାରା ସଂସ୍କୃତ ନାଟିକା ପରିବେଷଣ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ପାଇକମାଲ ବ୍ଲକ ସଂସ୍କୃତ ପଣ୍ଡିତ ରମାଇଚରଣ ଦାସଙ୍କୁ ସର୍ବ ସମ୍ମତି କ୍ରମେ ଜିଲ୍ଲା ସଭାପତି ଭାବେ ଘୋଷଣା କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ବୃନ୍ଦାବନ ଥେଠୁଆର ଅଶୋକ ସାହୁ ସଂଜିତ୍ ପ୍ରଧାନ ଧୋବା ସାହୁ ନିଗମାନନ୍ଦ ମିଶ୍ର କିରଣ ବିଶ୍ୱାଳ ଲିଙ୍ଗରାଜ ସାହୁଙ୍କ ସମେତ ସମସ୍ତ ବ୍ଲକ ପ୍ରତିନିଧି ସକ୍ରିୟ ଅଂଶଗ୍ରହଣ କରିଥିଲେ । ଉପ ସଭାପତି ଦୟା ସାଗର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାପାଳଙ୍କ ଜନ ଶୁଣାଣିରେ ୧୩୯ଟି ଅଭିଯୋଗ

ଭୁବନ, ୨୪/୦୯ (ନି.ପ୍ର): ଭୁବନ ବ୍ଲକ ରେ ଜିଲ୍ଲାପାଳ ଙ୍କ ମିଳିତ ଜନ ଶୁଣାଣି ରେ ସମୁଦାୟ ୧୩୯ ଟି ଅଭିଯୋଗ ଉପରେ ଶୁଣାଣି ହୋଇଥିଲା । ସେଥି ମଧ୍ୟରୁ ୧୨୮ ଟି ବ୍ୟକ୍ତିଗତ ସମସ୍ୟା ହୋଇଥିବା ବେଳେ ୬ ଟି ଗ୍ରାମ୍ୟ ସମସ୍ୟା ଥିଲା । ଗ୍ରାମ୍ୟ ସମସ୍ୟା ମଧ୍ୟରେ ପୁରୁଷୋତମପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷକ ନଥିବାରୁ ପ୍ରଥମ ସେମିଷ୍ଟାର ପରୀକ୍ଷା ହୋଇନଥିବା ନଥିବା ସମ୍ପର୍କରେ ଅଭିଯୋଗ ହୋଇଥିଲା। ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ସମେତ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, କାମାକ୍ଷା ନଗର ଉପ ଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ , ବିଡ଼ିଓ କଲ୍ୟାଣ ସୌରଭ ଦାଶ, ତହସିଲଦାର ସିରିଆଲ ଶୁଭ୍ର ପଟେଲ ,ଏନ୍ ଏ ସି ନିର୍ବାହୀ ରାଜୀବ ଲୋଚନ ବେହେରା ଓ ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# କୋକସରା ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ଭବାନୀପାଟଣା, ୨୪/୦୯ (ନି.ପ୍ର): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକସ୍ତରୀୟ ଜିଲ୍ଲାପାଳ କଳାହାଣ୍ଡି ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଅନିଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ପାଣ୍ଡ୍ୱାର ସଚିନ ପ୍ରକାଶ ଓ ଅରକ୍ଷୀ ଅଧକ୍ଷୀକ ଅଭିଳାଷ ଜୀ ଯୋଗଦେଇ ଲୋକଙ୍କର ଆପତି ଅଭିଯୋଗର ଶୁଣାଣୀ କରିଥିଲେ। ଏଥିରେ ବ୍ଲକର ବିଭିନ୍ନ ଅଂଚଳରୁ ଆସିଥିବା ୧୦୮ ଜଣଙ୍କର ନାମ ପଞ୍ଜୀକରଣ କରାଯାଇଥିଲା ସେଥିମଧ୍ୟରୁ ବ୍ୟକ୍ତିଗତ ୬୯ ଗୋଟି ରହିଥିବା ବେଳେ ଦଳଗତ ୩୮ ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ଆର୍ଥିକ ସହାୟତା ପାଇଁ ଜଣଙ୍କର ରହିଥିଲା। ଶିବିରରେ ୧୧ ଗୋଟି ସମସ୍ୟାର ତୁରନ୍ତ ସମାଧାନ କରାଯାଇଥିଲା। ସମସ୍ତଙ୍କର ଆପତି ଅଭିଯୋଗର ଶୁଣାଣୀକରି ଜିଲ୍ଲାପାଳ ପାଣ୍ଡ୍ୱାର ସଚିନ ପ୍ରକାଶ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସମସ୍ୟାର ସମାଧାନ ତୁରନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ଯୋଗ୍ୟ ହିତାଧିକାରୀ ଚିହ୍ନଟକରଣ ଶିବିର

ଜୟପୁର, ୨୪/୦୯ (ନି.ପ୍ର): ସାମାଜିକ ସୁରକ୍ଷା ଯୋଜନାରୁ ବଂଚିତ ଯୋଗ୍ୟ ହିତାଧିକାରୀ ଚିହ୍ନଟକରଣ ଶିବିର ଅନୁଷ୍ଠିତ ହୋଇଛି । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଜୟପୁର ବ୍ଲକ ତରଫରୁ ଏହି ଶିବିର ଆୟୋଜିତ ହୋଇଥିଲା । ଜୟପୁର ବ୍ଲକ ଅନ୍ତର୍ଗତ ଅନ୍ତା ଓ ବାଲିଆ ପଂଚାୟତରେ ଏହି ଶିବିର ଅନୁଷ୍ଠିତ ହୋଇଛି । ବାଲିଆରେ ୮୨ ଜଣ, ଅନ୍ତାରେ ୧୧୧ ଜଣ ନୂତନ ହିତଧିକାରି ଚୟନ କରାଯାଇଛି । ଜୟପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରି କେ.ଏସ. ନିଶାଙ୍କ ଉପସ୍ଥିତିରେ ଚୟନ କରାଯାଇଛି । ଏହି ଶିବିର ଦ୍ୱାରା ଯୋଗ୍ୟ ହିତାଧିକାରି ମାନେ ଉପକୃତ ହୋଇପାରିବେ ବୋଲି ବ୍ଲକ ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି ।

# ବିବେକାନନ୍ଦ କେନ୍ଦ୍ରରେ ଗୀତା ପ୍ରବଚନ ଅନୁଷ୍ଠିତ

ବାଲେଶ୍ୱର , ୨୪/୯ (ନି.ପ୍ର): ଜେଲରୋଡସ୍ଥିତ ବିବେକାନନ୍ଦ କେନ୍ଦ୍ର, କନ୍ୟାକୁମାରୀ ବାଲେଶ୍ୱର ଶାଖାରେ ତା୧୮/୯/୨୪ରିଖ ଠାରୁ ୨୨/୯/୨୪ ପର୍ଯ୍ୟନ୍ତ ପ୍ରତ୍ୟହ ସାନ୍ଧ୍ୟ ଗୀତା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଚିନ୍ମୟ ମିଶନ ଆଧାତ୍ମିକବାଦ ଅନୁଷ୍ଠାନର ମୂଖ୍ୟ ସ୍ୱାମୀ ଅଗସ୍ତ୍ୟ ଚୈତନ୍ୟ ପ୍ରତ୍ୟେକ ମନୋଜ୍ଞ ସନ୍ଧ୍ୟାରେ ଗୀତାର ଶ୍ଳୋକଗୁଡ଼ିକୁ ବ୍ୟାଖ୍ୟା କରି ଉପସ୍ଥିତ ଶ୍ରୋତା ଭକ୍ତମାନଙ୍କୁ ମନ୍ତ୍ରମୁଗ୍ଧ କରି ବାନ୍ଧି ରଖି ପାରିଥିଲେ । ଶ୍ରୀମଦଭାଗବଦ୍ ଗୀତା ପାଠ କଲେ,ଶ୍ରବଣ କଲେ,ମନ୍ଥନ କଲେ ସମାଜ ସଠିକ ବାଟରେ ଆଗେଇ ଚାଲିପାରିବା ସହିତ ସମାଜରେ ଘଟୁଥିବା ଦୁର୍ଘଟଣା ଓ ଦୁର୍ନୀତି ଠାରୁ ଦୂରେଇ ଯାଇ ପାରିବ ବୋଲି ସ୍ୱାମୀ ଅଗସ୍ତ୍ୟ ଚୈତନ୍ୟ ମତବ୍ୟକ୍ତ କରିଥିଲେ । ଉକ୍ତ ପଞ୍ଚ ଦିବସୀୟ ପ୍ରବଚନ କାର୍ଯ୍ୟକ୍ରମକୁ ପ୍ରେମାନନ୍ଦ ପିରି, ଡାକ୍ତର ଗୀତା ଗିରି,ଡଃ: ନିରଞ୍ଜନ ଦାଶ, ରାଧାକୃଷ୍ଣ ଆଚାର୍ଯ୍ୟ, ଗୟାଧର କର, ଅଶୋକ ସାହୁ, ଦେବାଶିଷ ଦାସ, ପ୍ରଦୀପ ମହାପାତ୍ର,ନରେଶ ପାଢୀ,ଦୀପକ ଦାସ, ଅଶୋକ ସାହୁ, ଅରୁଣ ବେହେରା, ଦୀନବନ୍ଧୁ ସାମଲ, ନିରଞ୍ଜନ ପଣ୍ଡା, ବିଷ୍ଣୁପଦ ମିଶ୍ର, ସୁଶ୍ରୀ ସଂଗୀତା ଦାଶ, ବିଜୟଲକ୍ଷ୍ମୀ ନାଥ, କୃଷ୍ଣାରାଣୀ ପଣ୍ଡା, ମୀନତି ଦେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।


OFFICE OF THE PRINCIPAL,
DR. H.K.MAHATAB COLLEGE, KUPARI, BALASORE
Email-hkmcollegekupari@gmail.com

No- 1063 Date 24.09.2024

WALK-IN-INTERVIEW

Walk-in-interview will be conducted for the appointment of Library Attendant (Minimum requisite qualification -Matric with work Experience in Library) & Lady Attendant (Minimum Qualification -Matric)on contractual basis, Special preference will be given to retired employees.

Interested candidates are requested to attend the interview in the office of the undersigned on dt. 01.10.2024 at 11.00 am. They are required to bring one set of Xerox copy of testimonials with original certificates for verification, and two passport size photographs . No TA /DA shall be paid for attending the interview.

Sd/- Principal
DR. H.K.MAHATAB COLLEGE
KUPARI, BALASORE



OFFICE OF THE PANCHAYAT SAMITI, BONTH
At/PO- Bonth, Dist- Bhadrak, PIN- 756114
E-mail id- ori-bonth@nic.in

Letter no.2904.... Date.23.09.24..

Tender for Construction of Additional Classroom of Elementary & Secondary School

1. Name of the Work :- Const. of Additional Classroom of Elementary & Secondary School
2. Total No. of Work :- 05 no.s
3. Approximate Estimated Cost :- As per DTCN
4. Class Contractor :- 'C' & 'D'
5. Period of Completion :- Six Calendar Months
6. Other Details :- The Details are as follows

| SI NO. | Bid Identification No. | Available Tender On-line for bidding | | Last date for receipt of Bids | Date & Time of Opening of Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| 1 | PSB-01/2024-25 to PSB-05/2024-25 | 25.09.2024 10 AM | 08.10.2024 1 PM | 08.10.2024 1 PM | 08.10.2024 3.30 PM |

1. Further details can be seen from the website portal http://bhadrak.odisha.gov.in
2. Any other changes/ Corrigendum/Addendum may be seen only in website http://bhadrak.odisha.gov.in

Block Development Officer
Bonth

OIPR: 19150/11/0001/2425



GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION RAIRANGPUR (MAYURBHANJ)
E-mail ID: - eerwrairangpur@yahoo.com

Letter No. 3941// Date- 19.09.2024

"e" Procurement Notice for Building Works
Bid Identification No – RWDRRP – 01 / 2024-25

1. Name of the work : Maintenance of non residential buildings for the year 2024-25
2. Estimated Cost : Rs. 0.84 to Rs 8.40 lakhs (approximately).
3. Class of Contractor : 'D' & 'C' Class or relevant Class of works license.
4. Period of Completion : 01 (One) calendar months.
5. Tender Paper Cost : As per annxure/-
: The details are as follows.

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E.R.W. Division, Rairangpur. Technical Bid & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| S.E.R.W Division, Rairangpur. | RWDRRP- 01 / 2024-25 | 27.09.2024 at 11.00 A.M. | 14.10.2024 up to 5.00 P.M. | 09.10.2024 up to 5.00 P.M. | 15.10.2024 at 11.30 A.M. |

Further details can be seen from the website www.tendersodisha.gov.in

-Sd-
Er. D.Behera
Superintending Engineer
R.W.Division,Rairangpur

OIPR: 25107/11/0001/2425


# ରାଜ୍ୟରେ ବି.ଟେକ୍ ଏମ.ଟେକ୍ ଛାତ୍ର ଛାତ୍ରୀଙ୍କ ନିଯୁକ୍ତି ଦାବି




ବାଲେଶ୍ୱର, ୨୪/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ତେଲେଙ୍ଗା ସାହି ସ୍ଥିତ ପ୍ରତିମା ସେବା ସଦନ ଅନୁଷ୍ଠାନ ରେ ସଭାପତି ଶ୍ରୀମତୀ ବସନ୍ତ ଲତା ପଟ୍ଟନାୟକ ସରକାରଙ୍କ ଠାରେ ଓଡ଼ିଶା ତଥା ରାଜ୍ୟରେ ବସବାସ କରୁଥିବା ଜନ ସାଧାରଣ ଙ୍କ ଛାତ୍ର ଛାତ୍ରୀଙ୍କ ପାଇଁ ବି ଟେକ୍ ଓ ଏମ ଟେକ୍ ଛାତ୍ର ଛାତ୍ରୀଙ୍କୁ ନିଯୁକ୍ତି ପ୍ରଦାନ ଦିଆ ଯାଉ ଦାବିରେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ରାଜ୍ୟ ସରକାରଙ୍କ ଠାରେ ଦାବି ଉପସ୍ଥାପନ କରିଛନ୍ତି । ଏପରିକି ସଭାପତି କହିଛନ୍ତି ବୈଷୟିକ ଶିକ୍ଷାର ମୂଲ୍ୟ ବର୍ତ୍ତମାନ ଛାତ୍ର ଛାତ୍ରୀଙ୍କ ଠାରେ କମିବାରେ ଲାଗିଛି । ଦିନ ଥିଲା ଏ ଶିକ୍ଷା ପାଇଁ ଛାତ୍ର ଛାତ୍ରୀ ବହୁ ପରିଶ୍ରମ କରୁଥିଲେ ଓ ସଫଳତା ମଧ୍ୟ ହାସଲ କରି ବିଭିନ୍ନ ରାଜ୍ୟ ତଥା ଦେଶ ମାନଙ୍କରେ କାର୍ଯ୍ୟ କୁ ସୂଚାରୁ ରୁପେ କରୁଥିଲେ । କିନ୍ତୁ ବର୍ତ୍ତମାନ ଶିକ୍ଷା ପ୍ରତି ଛାତ୍ର ଛାତ୍ରୀଙ୍କ ଇଚ୍ଛା ଶକ୍ତି କମିବାରେ ଲାଗିଛି ଯାହା ଫଳରେ ବିଭିନ୍ନ ପଲିଟେକନିକ୍ ଅନୁଷ୍ଠାନ ରେ ଛାତ୍ର ଛାତ୍ରୀଙ୍କ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି । ଏହାର କାରଣ ସରକାରଙ୍କ ଅବହେଳା , ଏପରିକି ପ୍ରତି ସମୟରେ ଓଡ଼ିଶା ସରକାର ସମସ୍ତ +୨ ଓ +୩ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ପ୍ରଦାନ କରି ଛାତ୍ର ଛାତ୍ରୀଙ୍କ କାର୍ଯ୍ୟରେ ନିଯୁକ୍ତ କରୁଛନ୍ତି , କିନ୍ତୁ I.T.I ,diploma ,B.tech, M. tech ଛାତ୍ର ଛାତ୍ରୀ ନିଯୁକ୍ତି ସୁଯୋଗ ପାଇ ପାରୁ ନାହାଁନ୍ତି । ଯଦି ରାଜ୍ୟ ସରକାର ଏହାକୁ ଦୃଷ୍ଟିରେ ରଖି ବୈଷୟିକ ଶିକ୍ଷା ସମାପ୍ତ କରୁଥିବା ଛାତ୍ର ଛାତ୍ରୀଙ୍କ ପାଇଁ ରାଜ୍ୟରେ ନିଯୁକ୍ତି ସୁଯୋଗ ପ୍ରଦାନ କଲେ ଛାତ୍ର ଛାତ୍ରୀ ଉପକୃତ ହେବେ । ବୈଷୟିକ ଛାତ୍ର ଛାତ୍ରୀ କେବଳ କଲେଜ କ୍ୟାମ୍ପସ ଚୟନ ଦ୍ୱାରା ନିଯୁକ୍ତି ପାଇ ପାରୁଛନ୍ତି, ତାହାବି ସ୍ଥାୟୀ ନୁହ । କମ୍ପାନୀ ନିଯୁକ୍ତି ରେ ଛାତ୍ର ଛାତ୍ରୀ ଭବିଷ୍ୟତ ଗଢ଼ିବା କଷ୍ଟକର , ଯାହାଦ୍ୱାରା ପିଲାମାନେ କମ୍ପାନୀ ଛାଡି ଘରକୁ ପଳାୟନ କରୁଛନ୍ତି । ତେଣୁ ପିଲାମାନେ ସମାଜ ରେ ଗୁଜୁରାଣ ମେଣ୍ଟାଇବା ପାଇଁ କିଛି କ୍ଷୁଦ୍ର କାର୍ଯ୍ୟ କରୁଛନ୍ତି ଏପରିକି ଫାଷ୍ଟଫୁଡ ଓ ଫଳ ଦୋକାନ ପରି ଛୋଟ ଛୋଟ କାମକୁ ଆପନେଇଛନ୍ତି । ଯାହାଦ୍ୱାରା ବୈଷୟିକ ଶିକ୍ଷା ଗ୍ରହଣ କରୁଥିବା ଛାତ୍ର ଛାତ୍ରୀଙ୍କ ଠାରେ ବେକାରୀ ସମସ୍ୟା ବଢ଼ିବାରେ ଲାଗିଛି । ପୂର୍ବ ସରକାର ବୈଷୟିକ ଛାତ୍ର ଛାତ୍ରୀଙ୍କୁ ଅବହେଳା କରିଛନ୍ତି । ତେଣୁ ପୂର୍ବ ସରକାର ପତନ ଘଟିଲା । ଏପରିକି ସରକାର ପରିବର୍ତ୍ତନ ହେଲା, ତେଣୁ ନୂତନ ଭାବେ ମୋହନ ସରକାର ଏହାକୁ ଗୁରୁତ୍ୱ ସହିତ ଧ୍ୟାନ ଦିଅନ୍ତୁ ବୋଲି ପ୍ରତିମା ସେବା ସଦନର କର୍ମ କର୍ତ୍ତା ଦାବି କରିଛନ୍ତି । ଏପରିକି ଏହି ସମ୍ମିଳନୀ ରେ ଚନ୍ଦ୍ରାୟ ହେମ୍ବ୍ରମ, ସସ୍ମିତା ବିଶ୍ୱାଳ, ପୁଷ୍ପାଞ୍ଜଳି ପାଢୀ, ଜୟଦେବ ଜେନା, ଶାଶ୍ୱତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# କରଞ୍ଜଆଡିଆରେ ରକ୍ତଦାନ ଶିବିର ଅନୁଷ୍ଠିତ



ବାସୁଦେବପୁର, ୨୪/୯ (ନି.ପ୍ର): ବାସୁଦେବପୁର ବ୍ଲକ୍ ଅନ୍ତର୍ଗତ କରଞ୍ଜ ଆଡିଆ ଠାରେ ଭାରତର ଆଦରଣୀୟ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନରେ ଭାରତୀୟ ଜନତା ଯୁବ ମୋର୍ଚ୍ଚା ପକ୍ଷରୁ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିଜେପି ନେତା ବାଣୀ କଲ୍ୟାଣ ମହାନ୍ତିଙ୍କ ନେତୃତ୍ୱ ରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଯୁବ ନେତା ବଂଶୀଧର ବିଶ୍ୱାଳ, ଆଶୁତୋଷ ସାମଲ, ରତିକାନ୍ତ ଦଳାଇ, ଜୟ ପ୍ରକାଶ ମଲ୍ଲିକ,ଉମାକାନ୍ତ ଡାଙ୍ଗୁଆ, ପ୍ରତାପ କୁମାର ମହାନ୍ତି, ପରେଶ କୁମାର ସାହୁ, ବିଦ୍ୟାଧର ବେହେରା, ଅନାଦି ବେହେରା, ଶରତ ଖିଲାର ପ୍ରମୁଖ ଏହି ଶିବିର ରେ ଯୋଗ ଦେଇ ସହଯୋଗ କରିଥିଲେ । ସମୁଦାୟ ୧୦୫ ୟୁନିଟ ରକ୍ତ ଏହି ଶିବିର ରେ ସଂଗୃହୀତ ହୋଇ ଥିଲା । ସେବା ଯଜ୍ଞ ଉଦ୍ଦେଶ୍ୟରେ ଏହି ଶିବିର ଅନୁଷ୍ଠିତ ହୋଇ ଥିଲା ଓ ସମସ୍ତ ଡାକ୍ତର ଉପଯୁକ୍ତ ଦାୟିତ୍ୱ ନେଇ କାର୍ଯ୍ୟ ସମ୍ପନ୍ନ କରି ଥିଲେ । ସମସ୍ତ ରକ୍ତ ଦାତା ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରା ଯାଇଥିଲା ଓ ଫଳ ବଣ୍ଟନ କରା ଯାଇଥିଲା । ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଏହି ଶିବିର ରେ ବିଜେପିର ଯୁବ ନେତା ମାନେ କୃତଜ୍ଞତା ଜଣାଇଥିଲେ । ଏହି ଶିବିର ରେ ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ପ୍ରତାପ ନାୟକ, ଗଗନ ବିହାରୀ ନାୟକ, ଲିଙ୍କୁନ୍ ଦଳେଇ, ବସନ୍ତ ନାୟକ, ପରେଶ ଭାଇ ଯୋଗ ଦେଇଥିଲେ ।

# ଜାତୀୟ ସେବା ଯୋଜନା ଦିବସ ପାଳନ

ବଡ଼ସାହି , ୨୪/୯ (ନି.ପ୍ର): ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟ ସେବା ଯୋଜନା ପକ୍ଷରୁ ଜାତୀୟ ସେବା ଯୋଜନା ଦିବସ ପାଳନ ହୋଇଥିଲା । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ । ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ. ରିତୁଲତା ବିଶ୍ୱାଳ ସ୍ୱାଗତ ଭାଷଣ ମାଧ୍ୟମରେ ସ୍ୱେଚ୍ଛାସେବୀ ମାନଙ୍କୁ ଦକ୍ଷତାର ବିକାଶ କରିବା ପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟଅତିଥି ଭାବରେ ପ୍ରଫେସର ନିବେଦିତା ବେହେରା ଯୋଗଦାନ କରି ସ୍ୱେଚ୍ଛାସେବୀ ମାନେ ସମାଜର ଅଗ୍ରଗତୀରେ ନିଜକୁ ନିୟୋଜିତ କରିପାରିଲେ ଏନ୍‌ଏସ୍‌ଏସ୍ ର ଅଗ୍ରଗତି ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ । ଇଂରାଜୀ ବିଭାଗର ଅଧ୍ୟାପକ କୃପାସିନ୍ଧୁ ମହାକୁଡ଼ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱେଚ୍ଛାସେବୀମାନେ ନିଜ ଜୀବନକୁ ଆଦର୍ଶ ଭାବେ ଗଢିବା ସହିତ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ପାରିବେ ବୋଲି କହିଥିଲେ । ଇତିହାସ ବିଭାଗର ଅଧ୍ୟାପକ ଶ୍ରବଣ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ । ସ୍ୱେଚ୍ଛାସେବୀ ପବିତ୍ରା ବାରିକ ଓ ସଙ୍ଗୀତା ମହାନ୍ତ ସ୍ୱେଚ୍ଛାସେବୀ ଜୀବନର ଅନୁଭୂତି ପ୍ରଦାନ କରିଥିଲେ । ଅଧ୍ୟାପକ ଅନ୍ତର୍ଯ୍ୟାମୀ ବେରିଆ, କ୍ରିଷ୍ଣା ବେହେରା, ଗୀତିସ୍ମିତା ସାହୁ, ଦିବ୍ୟାନୀ ବେହେରା, ମିରାକିଲ୍ ସାମନ୍ତରାୟ ଓ ଗୁଲୁ ସୋରେନ ଏହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଭରତପୁର କଳଙ୍କରେ...

ଅନ୍ୟ ପଟେ ଏହି ମାମଲାରେ ନିଯୁକ୍ତ ତଦନ୍ତ କମିଶନ ଅଧ୍ୟକ୍ଷ ଜଷ୍ଟିସ ଚିତ୍ତରଞ୍ଜନ ଦାଶ କହିଛନ୍ତି, ନ୍ୟାୟ ନିଶ୍ଚିତ ମିଳିବ । ରୋଡ୍ ରୋମିଓ, ପୋଲିସ୍ ଏବଂ ଆର୍ମି ଅଫିସରଙ୍କ ସମେତ ପୀଡ଼ିତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ । ଆର୍ମି ଅଫିସରଙ୍କ ବିରୋଧରେ ବିଶେଷ କ୍ଷେତ୍ର ବିନା ଫୌଜଦାରୀ ମାମଲା ମନା ରହିଛି ବୋଲି ମଧ୍ୟ ଜଷ୍ଟିସ୍ ଦାଶ ସୂଚନା ଦେଇଛନ୍ତି । ୬୦ ଦିନ କାର୍ଯ୍ୟକାଳ ଥିବା ବେଳେ ସପ୍ତାହକ ଭିତରେ ତଦନ୍ତ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ କହିଛନ୍ତି । ଏହି ମାମଲାରେ ହସ୍ତକ୍ଷେପ ପାଇଁ ଗତ ୧୮ ତାରିଖରେ ସ୍ଥଳ ସେନା ମଧ୍ୟ ଭାରତ ଏରିଆ ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ପି.ଏସ୍. ଶେଖାୱତ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଚିଠି ଲେଖିଥିଲେ । ଘଟଣାକୁ ନେଇ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଆଜି କିଛି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ହାଇକୋର୍ଟ । ଏହି ଘଟଣାରେ ପୀଡ଼ିତା ଏବଂ ମେଜରଙ୍କ ନାଁ ଗଣମାଧ୍ୟମରେ ପ୍ରକାଶ କରିବାକୁ ବାରଣ କରିଛନ୍ତି ।

### ହରିୟାଣା ନିର୍ବାଚନ: ଶାହାରୁଖଙ୍କ...

ଭେଟିଥିଲେ ଯେଉଁମାନେ ନିଜ ପରିବାରଠାରୁ ଦୂରରେ ବିଦେଶରେ ବିତାଉଛନ୍ତି । ଯେତେବେଳେ ସେ ଭାରତ ଫେରିବା ସମୟରେ ସେମାନଙ୍କ ପରିବାରକୁ ଭେଟିଥିଲେ, ପରିବାରବର୍ଗଙ୍କ ଆଖିରୁ ଯନ୍ତ୍ରଣା ବାରି ହେଉଥିଲା । ସୁଯୋଗର ଅଭାବ ପିଲାମାନଙ୍କୁ ସେମାନଙ୍କର ପିତାମାତା ଏବଂ ବୟସ୍କମାନଙ୍କଠାରୁ ବୃଦ୍ଧାବସ୍ଥା ସମୟରେ ଦୂରେଇ ନେଉଛି । ରାହୁଲ ଅଭିଯୋଗ କରିଛନ୍ତି ଯେ ଗତ ୧୦ ବର୍ଷ ମଧ୍ୟରେ ବିଜେପି ସେମାନଙ୍କ ଠାରୁ ନିଯୁକ୍ତି ସୁଯୋଗ ଛଡ଼ାଇ ନେଇଛି । ଏଭଳି କରି ବିଜେପି ହରିୟାଣା ସମେତ ଦେଶର ଯୁବବର୍ଗମାନଙ୍କ ପ୍ରତି ଅତ୍ୟଧିକ ଅନ୍ୟାୟ କରିଛି । କଂଗ୍ରେସ ନେତା କହିଛନ୍ତି ଯେ ଭଙ୍ଗା ବିଶ୍ୱାସ ଏବଂ ପରାଜିତ ହୃଦୟ ଯୋଗୁ ଯୁବବର୍ଗମାନେ ମାନସିକ ଯନ୍ତ୍ରଣା ସହିତ ବିଦେଶ ଯାତ୍ରା କରିବାକୁ ବାଧ୍ୟ ହେଉଛନ୍ତି । ରାହୁଲ ଗାନ୍ଧୀ କହିଛନ୍ତି ଯେ ଗଛ ଶାଖାଠାରୁ ଦୂରରେ ଥିବା ଏହି ସ୍ଥାନାନ୍ତରିତ ପକ୍ଷୀମାନେ ଯଦି ନିଜ ଦେଶରେ, ନିଜ ଲୋକଙ୍କ ମଧ୍ୟରେ ରୋଜଗାର କରିବାର ସୁଯୋଗ ପାଆନ୍ତି, ତେବେ ସେମାନେ କଦାପି ନିଜ ଦେଶ ଛାଡିବେ ନାହିଁ । ସେ କହିଛନ୍ତି, ଏହା ଆମର ସଂକଳ୍ପ ଯେ କଂଗ୍ରେସ ସରକାର ଗଠନ ହେବା ମାତ୍ରେ ଆମେ ହରିୟାଣାରେ ଏପରି ଏକ ବ୍ୟବସ୍ଥା ସୃଷ୍ଟି କରିବୁ ଯେଉଁଥିରେ ଯୁବବର୍ଗମାନଙ୍କୁ ସ୍ୱପ୍ନ ପୂରଣ ପାଇଁ ନିଜ ପ୍ରିୟଜନଙ୍କଠାରୁ ଦୂରରେ ରହିବାକୁ ପଡ଼ିବ ନାହିଁ । ଏଠାରେ 'ଡଙ୍କି' ଅର୍ଥ ବେଆଇନ ଭାବେ ଅନ୍ୟ ଦେଶକୁ ଯିବା । ଯାହାକୁ 'ଡଙ୍କି ଫ୍ଲାଇଟ' ମଧ୍ୟ କୁହାଯାଇଥାଏ । ଏହା ଏକ ବିପଜ୍ଜନକ ଇମିଗ୍ରେସନ ମାର୍ଗ । ଯାହାକି ଅଧିକାଂଶ ଭାରତୀୟ ନାଗରିକଙ୍କ ଦ୍ୱାରା ଆମେରିକା ଏବଂ କାନାଡା ଭଳି ଦେଶକୁ ଯିବା ପାଇଁ ବ୍ୟବହୃତ ହୋଇଥାଏ । ନିକଟରେ ଶାହାରୁଖ ଖାନଙ୍କ ଡଙ୍କି ନାମକ ଫିଲ୍ମ ଏହି ପ୍ରସଙ୍ଗ ଉପରେ ନିର୍ମାଣ କରାଯାଇଥିଲା ।

### ୪୯୫୪ କୋଟି ...

ଫାର୍ମାସ୍ୟୁଟିକାଲ, ପର୍ଯ୍ୟଟନ ଆଦି କ୍ଷେତ୍ରର ୩୧ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି । ଏହି ସବୁ ପ୍ରକଳ୍ପ ଖୋର୍ଦ୍ଧା, ସମ୍ବଲପୁର, ବରଗଡ଼, ସୋନପୁର, ଝାରସୁଗୁଡ଼ା, ଅନୁଗୁଳ, ଯାଜପୁର, ବାଲେଶ୍ୱର, କଟକ, ଭଦ୍ରକ, ରାୟଗଡ଼ା, ଢେଙ୍କାନାଳ, ପୁରୀ, କୋରାପୁଟ, କେନ୍ଦ୍ରାପଡ଼ା, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ସ୍ଥାପନ ହେବ ।

### ଭରତପୁର ଥାନା କାଣ୍ଡ...

ଦୁର୍ବ୍ୟବହାର କରିବା ସହ ଆକ୍ରମଣ କରିଥିବା ଅଭିଯୋଗ ଆଣିଥିଲେ ମେଜରଙ୍କ ବାନ୍ଧବୀ । ଏହି ଅଭିଯୋଗ ନେଇ ସେ ଓ ତାଙ୍କ ପୁରୁଷ ବନ୍ଧୁ (ଭାରତୀୟ ସେନାରେ ମେଜର ଥିବା ଗୁରୁବଂଶ ସିଂହ) ଭରତପୁର ଥାନାକୁ ଯାଇଥିଲେ । ତେବେ ସେଠାରେ ପୁଲିସ ତାଙ୍କୁ ଅକଥନୀୟ ନିର୍ଯାତନା ଦେଇଥିବା ଅଭିଯୋଗ ଆଣିଥିଲେ ସେ । ଏହି ଘଟଣାକୁ ନେଇ ପୂରା ଏକ ସପ୍ତାହ ବିବାଦ ଲାଗି ରହିଲା । ମୁଖ୍ୟମନ୍ତ୍ରୀ ଘଟଣାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଗତକାଲି ପୀଡ଼ିତା ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ । ତାଙ୍କ ସହିତ ତାଙ୍କ ବାପା, ମେଜର ଗୁରୁବଂଶ ସିଂହ ଓ କେତେ ଜଣ ଅବସରପ୍ରାପ୍ତ ସେନା ଅଧିକାରୀ ଯାଇଥିଲେ ।

### ସୃଷ୍ଟି ହେଲା ଲଘୁଚାପ ...

ବିଜୁଳି, ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବ । ଏହି ସମୟରେ କଟକ, ଜଗତ୍‌ସିଂହପୁର, ନୟାଗଡ଼, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ କାଳବୈଶାଖୀ ପ୍ରଭାବ ରହିବ । ପରବର୍ତ୍ତୀ ୪୮ ଘଣ୍ଟାରେ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର କେତେକ ଜିଲ୍ଲାରେ ବର୍ଷା ହୋଇପାରେ । ତାହାକୁ ନଜରରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

### ଜମି ଦୁର୍ନୀତି ମାମଲା: ରାଜ୍ୟପାଳଙ୍କ...

ମୈସୁର ସହରାଞ୍ଚଳ ବିକାଶ ପ୍ରାଧିକରଣ ଜମି ଆବଣ୍ଟନରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ବିରୁଦ୍ଧରେ ଘୋଟାଲା ଅଭିଯୋଗ ଆଣିଥିଲେ । ଏହି ଦୁର୍ନୀତି ଉପରେ ମାମଲା ରୁଜୁ କରି ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ତଦନ୍ତ ନିର୍ଦ୍ଦେଶ ଦେବାକୁ ସେ ରାଜ୍ୟପାଳଙ୍କୁ ଅନୁରୋଧ କରିଥିଲେ । ରାଜ୍ୟପାଳ ତାଙ୍କ ଅନୁରୋଧ କ୍ରମେ ଅଗଷ୍ଟ ୧୬ରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ବିରୁଦ୍ଧରେ ନ୍ୟାୟିକ ପ୍ରକ୍ରିୟା କରିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ମୁଖ୍ୟମନ୍ତ୍ରୀ ଏହାକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ, ବିଜେପି ଜାଣିଶୁଣି ଏପରି କରୁଥିବା ଅଭିଯୋଗ କରି ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ । ହାଇକୋର୍ଟ ସେପ୍ଟେମ୍ବର ୧୨ରେ ଏହି ଆବେଦନ ଉପରେ ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ, ଯାହା ଆଜି ପ୍ରକାଶ ପାଇଛି । ତେବେ ହାଇକୋର୍ଟଙ୍କ ରାୟ ପରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ବିରୁଦ୍ଧରେ ପୁଲିସ ମାମଲା ରୁଜୁ କରିବା ସହ ତଦନ୍ତ କରିପାରିବ ।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଶ୍ରବଣବାଧିତ ଦିବସ ୨୦୨୪ ପାଳିତ



ବାରିପଦା, ୨୪/୯ (ନି.ପ୍ର): ସ୍ଥାନୀୟ ସ୍ୱତନ୍ତ୍ର ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ, ଲକ୍ଷ୍ମୀପୋଷିର ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତିକ ଶ୍ରବଣବାଧିତ ଦିବସ ପାଳିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମଟି ଅଗ୍ରଣୀ ସେଚ୍ଛାସେବୀ ଅନୁଷ୍ଠାନ ସାଧନା, ସମଗ୍ର ଶିକ୍ଷା ଓ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଅଛି । ପିଲା, ଅଭିଭାବକ ଓ ସ୍ୱତନ୍ତ୍ର ବିଦ୍ୟାଳୟର କର୍ମଚାରୀମାନଙ୍କୁ ନେଇ ଏକ ସଚେତନତା ରାଲି ବିଦ୍ୟାଳୟ ଠାରୁ ବାହାରି କେନ୍ଦ୍ରୀୟ ବିଦ୍ୟାଳୟ ପର୍ଯ୍ୟନ୍ତ ପରିକ୍ରମା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲୀକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥିଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ନାରାୟଣ ଚନ୍ଦ୍ର ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଡେଫ ଚାଇଲ୍ଡ ୱାର୍ଲଡୱାଇଡ (ଡଡଡ) ର ରାଜ୍ୟ ସଂଯୋଜକ ଶ୍ରୀ ସଂଗ୍ରାମ କେଶରୀ ତ୍ରିପାଠୀ, ସାଧନାର ନିର୍ଦ୍ଦେଶକ ଶ୍ରୀ ରଂଜିତ କୁମାର ମହାପାତ୍ର, ସମଗ୍ର ଶିକ୍ଷା ମୟୁରଭଞ୍ଜର ଜିଲ୍ଲା ସମନ୍ୱିତ ଶିକ୍ଷା ସଂଯୋଜକ ଶ୍ରୀ ନିରଞ୍ଜନ ନାୟକ ଆଦି ଯୋଗଦେଇଥିଲେ । ସମସ୍ତ ଅତିଥିବୃନ୍ଦ ଶ୍ରବଣ ଓ ବାକ ବାଧିତମାନଙ୍କ ଉଦେଶ୍ୟରେ ସାଂକେତିକ ଭାଷା ଏକ ଭାଷାଗତ ଅଧିକାର ହେବା ଉଚିତ ବୋଲି ଗୁରୁତ୍ୱ ଆରୋପ କରିଥିଲେ । ଏହାଛଡା ସେମାନଙ୍କ ପାଇଁ ଉଦିଷ୍ଟ ଆଇନରେ ଥିବା ଅଧିକାର ସମ୍ପର୍କରେ ଆଲୋକ ପାତ କରି କହିଥିଲେଯେ ତାଙ୍କୁ ଦୟା ନକରି ତାଙ୍କର ଅଧିକାର ସେମାନଙ୍କ ପାଖରେ ପହଞ୍ଚାଇବା ଉଚିତ । ଉକ୍ତ ଦିବସର ଆଭିମୁଖ୍ୟ ବିଷୟରେ କହିଥିଲେ ଯେ ସାଙ୍କେତିକ ଭାଷାର ଅଧିକାର ପାଇଁ ଦାବି , ଅନ୍ତର୍ନିବେଶି ଶିକ୍ଷା ଓ ଶ୍ରୁତିବାଧିତ ଲୋକଙ୍କ ସଂସ୍କୃତିର ପ୍ରସାର ଏହି ଦିବସର ମୁଖ୍ୟ ଲକ୍ଷ୍ୟ । ବିଦ୍ୟାଳୟର ଦୃଷ୍ଟିବାଧିତ ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ମନୋବିକାଶ ସ୍ୱତନ୍ତ୍ର ବିଦ୍ୟାଳୟର ବଧିର ଛାତ୍ରୀମାନେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ଶୁଳିଆପଦା ଓ ବାରିପଦା ବ୍ଲକର ଗୋଷ୍ଠୀ ସମ୍ବଳ ଶିକ୍ଷକ ଶ୍ରୀ ଶ୍ରୀଧର ପ୍ରସାଦ ସାହୁ, ଶ୍ରୀ ପ୍ରଦୀପ କୁମାର ଦଳେଇ, ଶ୍ରୀ ଦିଲୀପ କୁମାର ଦାସ ଓ ଶ୍ରୀମତୀ ରେଖାରାଣୀ ଦାସଙ୍କୁ ସେମାନଙ୍କର ସମନ୍ୱିତ ଶିକ୍ଷା କ୍ଷେତ୍ରରେ ଅବଦାନ ପାଇଁ ଏହି ଦିବସରେ ସମ୍ମାନିତ କରାଯାଇଥିଲା । ସାଧାରଣ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ଦୁଇଜଣ ଶିକ୍ଷୟିତ୍ରି ଶ୍ରୀମତୀ ସୁରମଣି ହେମ୍ବ୍ରମ ଓ ଚିତ୍ରଲେଖା ପାତ୍ରଙ୍କୁ ସେମାନଙ୍କର ଭିନ୍ନକ୍ଷମ ପିଲାମାନଙ୍କ ପ୍ରତିଥିବା ଅବଦାନ ପାଇଁ ପୁରସ୍କୃତ କରାଯାଇଥିଲା । ସେହିପରି ଚାରିଜଣ ଅଭିଭାବକ ଓ ତିନିଜଣ ଆନନ୍ଦଦାୟକ ଶିକ୍ଷା କେନ୍ଦ୍ରର ପରିଚାଳକଙ୍କୁ ସମ୍ମାନିତ କରାଯାଇଥିଲା । ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ପ୍ରତିଯୋଗୀତା ହୋଇଥିଲା । କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଚିତ୍ରାଙ୍କନ ପ୍ରତିଯୋଗୀତାରେ ଭାଗ ନେଇଥିବା ଲକ୍ଷ୍ମୀପୋଷି ବିଦ୍ୟାଳୟ, ସାଧନା, ରୋଜ ଓ ମନୋବିକାଶର ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ମିଳିତ ସଂଗୀତ, ମିଳିତ ନୃତ୍ୟରେ କୃତି ପ୍ରତିଯୋଗୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ୧୬ ଜଣ ଶ୍ରବଣ ବାଧିତ ପିଲାଙ୍କୁ କାନଯନ୍ତ୍ର ପ୍ରଦାନ କରାଯାଇଥିଲା । ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ ଅନିରୁଦ୍ଧ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ଶ୍ରୀ କୈଳାଶ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରଥିଲେ । ପ୍ରଧାନ ଶିକ୍ଷୟତ୍ରୀ ହେମାଙ୍ଗିନୀ ରାଉତ, ସାଧନାର କର୍ମୀ ଶ୍ରୀ ଲାଲୁ ପ୍ରସାଦ ଖଣ୍ଡୁଆଳ, ଶ୍ରୀ ସଞ୍ଜୟ ସି, ଶ୍ରୀମତୀ ସ୍ୱର୍ଣଜିତ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ ପରିଚାଳନା ହୋଇଥିଲା ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା 8

# ବରିଷ୍ଠ ନାଗରିକ ମଞ୍ଚର ଦ୍ୱିତୀୟ ବାର୍ଷିକ ଉତ୍ସବ

ବଡସାହି, ୨୪/୯ (ନି.ପ୍ର): ବଡସାହି ବରିଷ୍ଠ ନାଗରିକ ମଞ୍ଚର ଦ୍ୱିତୀୟ ବାର୍ଷିକ ଉତ୍ସବ ସଭାପତି ସୁନୀଲ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥ ଭାବେ ବଡସାହି ବିଧାୟକ ସନାତନ ବିଜୁଳି ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ମଞ୍ଚର ସାଧାରଣ ସମ୍ପାଦକ ଡ. ଶ୍ୟାମସୁନ୍ଦର ଦାସ, ସମ୍ମାନିତ ଅତିଥି ଭାବେ ଅଲଇଣ୍ଡିଆ ରେଡିଓ ବାରିପଦା ଶାଖାର ନିର୍ଦ୍ଦେଶକ ସତ୍ୟାନନ୍ଦ ସେଜପଡ଼ା ଓ ବୈଶିଙ୍ଗା ମଞ୍ଚର ସଭାପତି ଓ ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ । ସଭାପତି ଶ୍ରୀ ଦାଶ ପ୍ରାରମ୍ଭିକ ଅଭିଭାଷଣ ଦେଇ ମଞ୍ଚର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ବେତନଟୀ- ବଡସାହି- ନୀଳଗିରି- ବାରିପଦା ଭାୟା ଉଦଳା ରେଳଲାଇନର ପ୍ରଚଳନ, ବଡସାହି- ବେତନଟୀ- ଉଦଳାରାସ୍ତାକୁ ଷ୍ଟେଟ ହାଇୱେର ମାନ୍ୟତା ପ୍ରଦାନ, ବଡସାହିକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା, ବରିଷ୍ଠ ନାଗରିକ ମାନଙ୍କ ରେଳ ଯାତ୍ରାରେ ରିହାତି ପ୍ରଦାନ, ମଞ୍ଚର ସ୍ଥାୟୀ ଗୃହ ନିର୍ମାଣ, ବଡସାହିରେ ସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ, କଉଡିଖେଣୀ ମା' ହିଙ୍ଗୁଳା ପୀଠ ଓ ପାଉଁଶିଆ ପାନୁଆ ବନ୍ଧକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ନେଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ବୟୋଜ୍ୟେଷ୍ଠ ବରିଷ୍ଠ ନାଗରିକ ନରେନ୍ଦ୍ର ମୋହନ ମୋଦିଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ । ନୂତନ ସଦସ୍ୟ କାହ୍ନୁଚରଣ ବେହେରା ଓ ରମାନାଥ ପ୍ରଧାନଙ୍କୁ ମଞ୍ଚ ପକ୍ଷରୁ ସ୍ୱାଗତ କରାଯାଇଥିଲା । ସାଧାରଣ ସମ୍ପାଦକ ରତ୍ନାକର ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ବାରିପଦାରୁ ବାଙ୍ଗାଲୋର ଓ ଦିଲ୍ଲୀକୁ ବନ୍ଦେ ଭାରତ ଟ୍ରେନ ଚଳାଚଳ ଓ ବାରିପଦାରୁ ପୁରୀ ରାତ୍ରିକାଳୀନ ଟ୍ରେନ ପ୍ରତିଦିନ ଚଳାଚଳ ଉପରେ ମୁଖ୍ୟବକ୍ତା ଗୁରୁତ୍ୱାରୋପ କରିଥିଲେ । ଏହାବ୍ୟତୀତ ଡାକ୍ତର ନିଯୁକ୍ତି, ବଡସାହି ହେଡକ୍ୱାର୍ଟର ସହିତ ସମସ୍ତ ରାସ୍ତାର ଯୋଗାଯୋଗ ଓ ସିଂହଟିଆ- ବଘୁଆପାଳ ପୋଲ ନିର୍ମାଣ ସହିତ ବଡସାହିର ସର୍ବାଙ୍ଗୀନ ଉନ୍ନତି ଉପରେ ଗୁରୁତ୍ୱ ଦେବାକୁ ବିଧାୟକଙ୍କୁ ଅନୁରୋଧ କରାଯାଇଥିଲା ଓ ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ କୁମାର ବେହେରା, ସୁବୋଧ କୁମାର ଦଣ୍ଡପାଟ ସୁବୋଧ କୁମାର ଦାସ, ଅଶୋକ କୁମାର ବେହେରା ସରୋଜ କୁମାର ବେହେରା ଓ ମନୋରଞ୍ଜନ ବଳ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଉପସଭାପତି ସୁଷମା କୁମାରୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାତୀୟ ସେବା ଯୋଜନା ଶିବିରରେ ରକ୍ତଦାନ ଶିବିର




ଲଙ୍ଗଳେଶ୍ୱର , ୨୪/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚ ବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ତୃତୀୟ ଦିନରେ ରକ୍ତ ଦାନ ଶିବିର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବାଲିଆପାଳ ବିଡ଼ିଓ ବିନୋଦ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ରକ୍ତଦାନ ସମ୍ପର୍କରେ ଗ୍ରାମାଞ୍ଚଳର ଯୁବ ବର୍ଗ ସଚେତନ ହେଲେ ରକ୍ତଦାତାଙ୍କ ସଂଖ୍ୟା ବଢିବା ସହିତ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି କହିଛନ୍ତି । ବିଦ୍ୟାଳୟର ଅଧକ୍ଷା ସୁଦିପ୍ତା ବିଶ୍ୱାଳ, ସମାଜସେବୀ ଅଜୟ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଫିତା କାଟି ଉଦଘାଟନ କରିଥିଲେ । ଏହି ଶିବିରରୁ ମୋଟ ୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ୭ ଦିନିଆ ଏହି କାର୍ଯ୍ୟକ୍ରମରେ ବୃକ୍ଷ ରୋପଣ, ବନ୍ୟା ପ୍ରଭାବିତ ଲୋକଙ୍କୁ ଡେଙ୍ଗୁ, ମ୍ୟାଲେରିଆ ନିରାକରଣ ପାଇଁ ସଚେତନ କରିବା ଏହି ଶିବିରର ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀମତୀ ବିଶ୍ୱାଳ ସୂଚନା ଦେଇଛନ୍ତି । ପ୍ରୋଗ୍ରାମ ଅଫିସର୍ ରମେଶ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଅଧ୍ୟାପକ ରାଜେନ୍ଦ୍ର ବାରିକ , ବରେନ୍ଦ୍ର ବେହେରା, ଉତ୍ତମ ମାହାନା, ଅପର୍ଣ୍ଣା ମାଝି, ସନ୍ୟାସୀ ବେହେରା, ବିନୋଦ ବେହେରା, ଦିଗାମ୍ବର ବେହେରା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ ।

# ବିକାଶ ମେଳାର ଉଦଯାପନୀ ଦିବସ

ଖୋର୍ଦ୍ଧା , ୨୪/୯ (ନି.ପ୍ର): ଆଜି ବିକାଶ ମେଳା ର ଉଦଯାପନୀ ଦିବସ ହାବେଳିପଡିଆ ଜନ ସମାଗମ ରେ ଭରପୁର ରହିଥିଲା ଏଥି ସହିତ ପ୍ରାରମ୍ଭରେ ଖୋର୍ଦ୍ଧା ଜିଲ୍ଲା ର ସ୍ଥାନୀୟ କଳାକାର ମାନଙ୍କ ମାଧମରେ ସରକାର ଙ୍କ ଉନ୍ନତି ମୂଳକ କାର୍ଯ୍ୟକ୍ରମ ସାଂସ୍କୃତିକ କାର୍ଯ୍ୟକ୍ରମ ର ପରିବେଷଣ କରାଯାଇଥିଲା । ଏହାପରେ ଏକ ବୈଠକ ମୁଖ୍ୟ ଉନ୍ନୟନ -ତଥା - କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କସ୍ତୁରି ବାଲା ଜେନା ଙ୍କ ଅଧକ୍ଷତା ରେ ହୋଇଥିଲା । ପ୍ରଥମେ ଜଗନ୍ନାଥ ଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପରେ ସମସ୍ତ ଅତିଥିଙ୍କୁ ପୁଷ୍ପ ଗୁଚ୍ଛ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ପ୍ରଥମେ ଓରମାସ ର ଉପ -ମୁଖ୍ୟ ନିର୍ବାହୀ ଅଧିକାରୀ ରାଜଗୋପାଳ ଦାସ ସ୍ୱାଗତ ଭାଷଣ ରଖିଥିଲେ ଏବଂ ସ୍ୱଚ୍ଛତା ବାର୍ତ୍ତା ଉପରେ ଜନ ସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ ।ପରେ ପରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତାଙ୍କର ବକ୍ତବ୍ୟ ରଖିଥିଲେ । ଓଡିଶା ର ବିକାଶ ସମସ୍ତଙ୍କ ସହଯୋଗରେ ସମ୍ଭବ । ମାଆ ମାନଙ୍କୁ ବ୍ୟାଙ୍କ ମାନଙ୍କ ରେ ବିନା ସୁଧ ରେ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଉଛି । ସରକାର ଙ୍କ ଯେତେ ଯୋଜନା ସବୁଥିରୁ ଲାଭ ଉଠେଇ ଓଡିଶା କୁ ଅଗ୍ରଣୀ ରାଜ୍ୟ କରିବାରେ ଆଗେଇ ଚାଲନ୍ତୁ । ସେପଟ୍ମ୍ବେର ୧୭ ତାରିଖ ରୁ ଅକଟୋବର ୨ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ମିଶନ ଚାଲୁ ରହିଛି । ଆମେ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲହୋଇ ଆମର ପରିବେଶ ସ୍ୱଚ୍ଛ ରଖି ଚାରିଆଡେ ସ୍ୱଚ୍ଛତା ବାର୍ତ୍ତା ପ୍ରଚାର କରିବା ପାଇଁ ସମସ୍ତ ଙ୍କୁ ଆହ୍ୱାନ କରିଥିଲେ । ବିଭିନ୍ନ ବିଭାଗର ଷ୍ଟଲ ରେ ଭାଗ ନେଇଥିବା କାର୍ଯ୍ୟାଳୟଙ୍କୁ ସାର୍ଟିଫିକେଟ ପ୍ରଦାନ କରା ଯାଇଥିଲା । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନା ମୟୀ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ପରିଶେଷ ରେ ସଭା ସାଙ୍ଗ କରାଯାଇଥିଲା ।

# ଯାତ୍ରୀବାହୀ ବସକୁ ସାଇଡ ଦେବାକୁ ଯାଇ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟିଲା ଟ୍ରକ୍



ନୀଳଗିରି, ୨୪/୯ (ନି.ପ୍ର): ନୀଳଗିରି ବ୍ଲକ୍ ଅନ୍ତର୍ଗତ ଶେରଗଡ ଝରଣଘାଟି ୧୯ ନମ୍ବର ରାଜ୍ୟ ରାଜପଥ ଗରଡିହି ଛକ ନିକଟରେ ଏକ ଅଶୋକ ଲିଲେଣ୍ଡ ବାଲି, ସିମେଣ୍ଟ ମିକଷ୍ଟର ଟ୍ରକ୍ ଟି ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡିଥିବାର ଦେଖାଯାଇଛି । ସୂଚନାରୁ ଜଣାଯାଇଛି, ଶେରଗଡ ଝରଣାଘାଟି ରାସ୍ତାର ନୀଳଗିରି ଦିଗରୁ ମୟୂରଭଞ୍ଜର ଉଦଳାକୁ ଯାଉଥିବା ଓଡି- ୩୩ ଏ-ଏମ - ୨୩୬୭ ନମ୍ବର ବିଶିଷ୍ଟ ଟିଏମ୍ ଅଶୋକ ଲିଲେଣ୍ଡ ଟ୍ରକଟି ବାଲି, ସିମେଣ୍ଟ, ଚିପ୍ସ ମସଲା ନେଇ ଯାଉଥିବା ବେଳେ, ଅପରାହ୍ନ ୧୨ଟା ସମୟରେ ଗରଡିହି ଛକ ନିକଟରେ ଅପର ପଟୁ ଆସୁଥିବା ଏକ ଯାତ୍ରୀବାହୀ ବସକୁ ସାଇଟ୍ ଦେଉଥିବା ସମୟରେ, ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡିଥିଲା । ଏଥିରେ ଟ୍ରକରେ ଥିବା ଡ୍ରାଇଭର ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତୀ ଯାଇଥିଲେ । ଘଟଣା ସ୍ଥଳରେ ବରହମପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

# ଆପ୍ ବିଧାୟକ ଅମାନତୁଲ୍ଲାହ ଖାନଙ୍କ ନ୍ୟାୟିକ ହେପାଜତ ଅକ୍ଟୋବର ୭ ଯାଏ ବୃଦ୍ଧି

ନୂଆଦିଲ୍ଲୀ, ୨୪/୯ (ନି.ପ୍ର): ଦିଲ୍ଲୀର ରାଉଜ ଏଭିନ୍ୟୁ କୋର୍ଟ ୱାକଫ ବୋର୍ଡର ନିଯୁକ୍ତି ସହିତ ଜଡିତ ମନିଲଣ୍ଡରିଂ ମାମଲାରେ ଗିରଫ ଆମ ଆଦମୀ ପାର୍ଟିର ବିଧାୟକ ଅମାନତୁଲ୍ଲାହ ଖାନଙ୍କୁ ଅକ୍ଟୋବର ୭ ଯାଏ ନ୍ୟାୟିକ ହେପାଜତକୁ ପଠାଇ ଦେଇଛନ୍ତି । ଅମାନତୁଲ୍ଲାହ ଖାନଙ୍କୁ ଜେଲ ଭିତରକୁ ଇଲେକ୍ଟ୍ରିକ କେଟିଲ ଓ ଗ୍ଲୁକୋମିଟର ନେଇଯିବାର ଅନୁମତି ମାଗିଥିବା ବେଳେ କୋର୍ଟ ଏନେଇ ଜେଲ ପ୍ରଶାସନକୁ ରିପୋର୍ଟ ତଲବ କରିଛନ୍ତି । ଅମାନତୁଲ୍ଲାହ ଖାନଙ୍କ ଏହି ଆବେଦନ ଉପରେ କୋର୍ଟ ସେପଟ୍ମ୍ବେର ୨୫ରେ ଶୁଣାଣି କରିବେ ।

# କପ୍ତିପଦା ବ୍ଲକରେ ଜନଶୁଣାଣି କାର୍ଯ୍ୟକ୍ରମ




କପ୍ତିପଦା, ୨୪/୯ (ନି.ପ୍ର): ମନରେଗା ଯୋଜନା ସହିତ ଅନ୍ୟାନ୍ୟ ଯୋଜନାଗୁଡିକର କାର୍ଯ୍ୟକାରିତାକୁ ନେଇ କପ୍ତିପଦା ବ୍ଲକରେ ଏକ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସାମାଜିକ ସମୀକ୍ଷକ ପ୍ରଦୀପ କୁମାର ଚକ୍ରବର୍ତ୍ତୀଙ୍କ ଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ କପ୍ତିପଦା ବିଡିଓ ତଥା ଉକ୍ତ ଜନଶୁଣାଣୀର ଆବାହକ ସିଦ୍ଧେଶ୍ୱର ନାୟକ ପରିଚାଳନା କରିଥିଲେ । ବ୍ଲକ ସାମାଜିକ ସମୀକ୍ଷକ ଦିବ୍ୟଜ୍ୟୋତି ମହାପାତ୍ର ପଞ୍ଚାୟତଗୁଡିକର ସମ୍ପନ୍ନ ହୋଇଯାଇଥିବାର ସମୀକ୍ଷାଗୁଡିକର ଫଳାଫଳ ଆଲୋଚନା କରିଥିଲେ । ଏଥିମଧ୍ୟରୁ ବଡଖଲାଡି, ଦେବଳା ଓ ପେଡାଗଡି ପଞ୍ଚାୟତଗୁଡିକରେ ହୋଇଯାଇଥିବା ବ୍ୟକ୍ତିଗତ ପୋଖରୀ ଓ ଗାଈଗୁହାଳଗୁଡିକରେ ହୋଇଥିବା ଅନିୟମିତତା ଦେଖିବାକୁ ମିଳିଥିଲା ।ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା କରାଯାଇଥିବା ପୋଖରୀଗୁଡିକ କୌଣସି ସରପଞ୍ଚଙ୍କ ଗୋଚରରେ ହୋଇନଥିବାର ଦେବଳା, ବଡଗୁଡୁଗୁଡିଆ ଓ ବଡ ବିଶୋଳ ସରପଞ୍ଚ ଅଭିଯୋଗ କରିଥିଲେ । ଜିଲ୍ଲା ସାମାଜିକ ସମୀକ୍ଷକ ଶ୍ରୀ ଚକ୍ରବର୍ତ୍ତୀ ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀଙ୍କୁ ପ୍ରତି ପ୍ରକଳ୍ପକୁ ପଞ୍ଚାୟତ ଗ୍ରାମସଭାରେ ଅନୁମୋଦନ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଜନଶୁଣାଣୀ କାର୍ଯ୍ୟକ୍ରମରେ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ବୀରବଲ ସିଂ ୨୦୨୪-୨୫ ମସିହାର ମନରେଗା ଯୋଜନା ସବିଶେଷ ବିବରଣୀ ଉପସ୍ଥାପନ କରିଥିଲେ । ଏପ୍ରିଲ ମାସରୁ ଏଯାବତ୍ ବ୍ଲକରେ ମୋଟ ୪୬୭୨୪୪ କାର୍ଯ୍ୟଦିବସ ସୃଷ୍ଟି ହୋଇ ସାରିଥିବା ବେଳେ ମୋଟ ୧୯କୋଟି ୪୪ଲକ୍ଷ ୫୯ହଜାର ଟଙ୍କା ବ୍ୟୟ କରାଯାଇଥିବାର ଜଣାପଡିଛି । ଆଜି ପର୍ଯ୍ୟନ୍ତ ୧୮୫ ପରିବାର ୧୦୦ଦିନ କାର୍ଯ୍ୟ ପୂର୍ଣ୍ଣ କରିଛନ୍ତି । ବ୍ଲକର ୨୬ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ମେଟ୍, ଜନକାର୍ଡଧାରୀ ଓ ଜନସାଧାରଣ ଯୋଗଦେଇଥିଲେ । ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସଦାଶିବ ବେହେରା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ମେଘାସନ ମହାବିଦ୍ୟାଳୟ 'ଯୁବ ରେଡ଼କ୍ରସ' ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ



ଉଦଳା , ୨୪/୯ (ନି.ପ୍ର): କପ୍ତିପଦା ଉପଖଣ୍ଡ ସ୍ତରୀୟ ମେଘାସନ ମହାବିଦ୍ୟାଳୟ ଠାରେ 'ଯୁବରେଡ଼କ୍ରସ' ଦ୍ୱାରା ତଥା ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶିକ୍ଷାର୍ଥି ବାହିନୀର ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ଭାସ୍କରଚନ୍ଦ୍ର ମଢ଼େଇ, ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଈଶ୍ୱରଚନ୍ଦ୍ର ପଣ୍ଡା ଓ ଅଧକ୍ଷ ପ୍ରମୋଦ କୁମାର ରାଉତଙ୍କ ଗହଣରେ ଉଦ୍ ?ଘାଟନ କରି ଆୟୋଜକ ମାନଙ୍କୁ ସାଧୁବାଦ ଜଣାଇଥିଲେ । ଉଦଳା ଉପଖଣ୍ଡ ଚିକିତ୍ସାଳୟର ଡ଼ାକ୍ତର ପ୍ରଜ୍ଞାପାରମିତା ବେହେରାଙ୍କ ନେତୃତ୍ୱରେ ଏକ ଡ଼ାକ୍ତରି ଦଳ ଏଠାରେ ଉପସ୍ଥିତ ରହି ଶିକ୍ଷକ, କର୍ମଚାରୀ ଓ ଛାତ୍ର ଛାତ୍ରୀ ମାନଙ୍କ ଠାରୁ ୭୫ ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ଯୁବ ରେଡ଼କ୍ରସର ପ୍ରଗ୍ରାମ ଅଫିସର ବିଜୟ କୁମାର ନାୟକ, ଏନ୍.ସି.ସି.ର ପ୍ରଗ୍ରାମ ଅଫିସର ଲେଫ୍ଟନାଂଟ ଅରୁଣ କୁମାର ଜେନା ଓ ଏନ୍.ଏସ୍.ଏସ୍.ର ପ୍ରଗ୍ରାମ ଅଫିସର ଅଧାପିକା ସସ୍ମିତା ଲାୟା ଓ ଅଧାପକ ସମୀର କୁମାର ଭୋଇ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ । ସେହିପରି ଗତ ୨୧-୦୯-୨୦୨୪ରିଖ ଅପରାହ୍ନ ୧ ଘଟିକା ସମୟରେ ମହାବିଦ୍ୟାଳୟ ଯୁବ ରେଡ଼କ୍ରସ ତରଫରୁ ତଥା ଜାତୀୟ ସମର ଶିକ୍ଷାର୍ଥି ବାହିନର ସହାୟତାରେ 'ପ୍ରାଥମିକ ଚିକିତ୍ସା ଓ ଏହାର ଆବଶ୍ୟକତା' ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମହାବିଦ୍ୟଳୟ ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା । ବିଶ୍ୱପ୍ରାଥମିକ ଚିକିତ୍ସା ଦିବସ ଉପଲକ୍ଷେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶିକ୍ଷକ ଅଧାପକ ଚନ୍ଦ୍ରମୋହନ ପରିଡ଼ା ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ବିଭିନ୍ନ ଡ଼େମନଷ୍ଟ୍ରେସନ ମାଧ୍ୟମରେ ପ୍ରଦତ ଏହି ପ୍ରଶିକ୍ଷଣକୁ ଛାତ୍ର ଛାତ୍ରୀ ମାନେ ଆଗ୍ରହର ସହ ଗ୍ରହଣ କରିଥିଲେ । ଉଭୟ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ସମସ୍ତ ବରିଷ୍ଠ ଓ କନିଷ୍ଠ ଅଧାପକ, ଅଧାପିକା, କର୍ମଚାରୀ ଓ ସ୍ୱେଚ୍ଛାସେବୀ ଛାତ୍ର ଛାତ୍ରୀ ମାନେ ସହଯୋଗ କରିଥିଲେ ।

# ଜାତୀୟ ପୋଷଣ ମାସ କର୍ମଶାଳା ଆୟୋଜିତ



ଭଦ୍ରକ, ୨୪/୯ (ନି.ପ୍ର): ଭାରତ ସରକାରଙ୍କ ପ୍ରସାରଣ ମନ୍ତ୍ରଣାଳୟ ଅଧିନସ୍ତ କେନ୍ଦ୍ରୀୟ ସଂଚାର ବ୍ୟୁରୋ ବାଲେଶ୍ୱର ତରଫରୁ ଜାତୀୟ ପୋଷଣ ମାସ ୨୦୨୪ ଓ ମାଆଙ୍କ ନାମରେ ଗୋଟିଏ ଗଛ ଶୀର୍ଷକ ଏକ ସଚେତନତା କର୍ମଶାଳା ଭଦ୍ରକ ବ୍ଲକର ବ୍ରହ୍ମପୁର ଗ୍ରାମ ପଞ୍ଚାୟତ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଅଛି । କ୍ଷେତ୍ରପ୍ରଚାର ଅଧିକାରୀ ନିର୍ମାଲ୍ୟ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କମଧ୍ୟରେ ବ୍ରହ୍ମପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ନରହରି ସାହୁ, ଜିଲ୍ଲାପରିଷଦର ସଦସ୍ୟ ମଳୟ କୁମାର ଜେନା, ସମାଜସେବୀ ଉମାକାନ୍ତ ଜେନା, ହରିହର ମଲ୍ଲିକ୍, ଦେବକାନ୍ତ ପରିଡ଼ା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପଲତା ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସେକ୍ ସିରାଜ ଅକତର ଜିଲ୍ଲା କୋଡ଼ିନେଟର ପୋଷଣ ଏବଂ ଶୁଭେନ୍ଦୁ କୁମାର ବରାଳ, ଆସିଷ୍ଟାଣ୍ଟ ପ୍ରାଧାପକ, ଭଦ୍ରକ ଅଟୋ କଲେଜ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଦେଶରୁ କେମିତି କୁପୋଷଣ, ଛୋଟପିଲା, କିଶୋରୀ, ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମାଆମାନଙ୍କୁ ରକ୍ତ ହୀନତାରୁ ଦୂରେଇ ପାରିବା ଏବଂ ମାଆଙ୍କ ନାମରେ ଗଛଟିଏ ଲଗାଇ ଆମ ପରିବେଶକୁ କେମିତି ସୁରକ୍ଷିତ ରଖିବା ସେ ବିଷୟରେ ମୁଖ୍ୟଅତିଥି ତଥା ଅନ୍ୟତମ ଅତିଥିମାନେ ଆଲୋକପାତ କରିଥିଲେ । ଏଥିରେ ମୁଖ୍ୟତଃ ଆଶାକର୍ମୀ, ଅଙ୍ଗନୱାଡ଼ୀ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏବଂ ଗ୍ରାମବାସୀବୃନ୍ଦ ଅଂଶ ଗ୍ରହଣ କରିଥିଲେ । ଅଂଶ ଗ୍ରହଣକାରୀମାନଙ୍କୁ ନେଇ କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ କେନ୍ଦ୍ରୀୟ ସଂଚାର ବ୍ୟୁରୋ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ବିଭାଗର ଫାଇନାସ୍ ଏକ୍ସପର୍ଟ ଭଗବାନ ବାରିକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ସଂଚାର ବ୍ୟୁରୋ ତରଫରୁ ପଦ୍ମଶ୍ରୀ ଶଚୀ ରାଉତଙ୍କ ଲେଖା "ଛୋଟ ମୋର ଗାଁଟି" ଉପରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ବାଦୀପାଲା ପରିବେଷଣ କରାଯାଇଥିଲା ।

# ଜାତୀୟ ସେବା ସଂସ୍ଥାର ପ୍ରତିଷ୍ଠା ଦିବସ ଉପଲକ୍ଷେ ବେତନଟୀ ମହାବିଦ୍ୟାଳୟରେ ରକ୍ତ ଦାନ ଶିବିର ଓ ପରିବେଶ ପଞ୍ଚାୟତ ଅନୁଷ୍ଠିତ




ବେତନଟୀ , ୨୪/୯ (ନି.ପ୍ର): ସରକାରଙ୍କ କ୍ରୀଡା ଏବଂ ଯୁବ ବିଭାଗ ପକ୍ଷରୁ ୧୯୬୯ମସିହା ସେପଟ୍ମ୍ବେର ମାସ ୨୪ତାରିଖରେ ଜାତୀୟ ସେବା ସଂସ୍ଥା ତତ୍କାଳୀନ ଶିକ୍ଷାମନ୍ତ୍ରୀ ବିଜୟେନ୍ଦ୍ର କସ୍ତୁରୀରଙ୍ଗ ଭାରଦ୍ୱାଜ ରାଓଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା । ଏହାକୁ ସ୍ମରଣୀୟ କରିବା ପାଇଁ ପ୍ରତିବର୍ଷ ସେପଟ୍ମ୍ବେର ମାସ ୨୪ତାରିଖକୁ ଜାତୀୟ ସେବାସଂସ୍ଥା ପ୍ରତିଷ୍ଠା ଦିବସ ପାଳନ କରାଯାଏ । ଚଳିତ ବର୍ଷ ପ୍ରଥମ କରି ଦୈନିକ ସମ୍ବାଦ ଖବର କାଗଜ ଏବଂ ସମ୍ବାଦ ସାହିତ୍ୟ ଘର ପରିବାର ପକ୍ଷରୁ ପରିବେଶ ପଞ୍ଚାୟତ ମଧ୍ୟ ଅନୁଷ୍ଠିତ ହୋଇ ଥିଲା । ବଡ଼ସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବେତନଟୀ ମହାବିଦ୍ୟାଳୟରେ 'ପରିବେଶ ପଞ୍ଚାୟତ' ସମ୍ବାଦ ବାଲେଶ୍ୱର ସଂସ୍କରଣର ମୁଖ୍ୟ ଚିତ୍ତରଞ୍ଜନ ଚିରଞ୍ଜୀବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବରେ ବଡ଼ସାହି ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ସନାତନ ବିଜୁଳି ଯୋଗଦାନ କରି ସମ୍ବାଦ ପରିବାର ପକ୍ଷରୁ ଅନୁଷ୍ଠିତ ହେଉଥିବା ପରିବେଶ ପଞ୍ଚାୟତ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବରେ ବେତନଟୀ ମହାବିଦ୍ୟାଳୟର ଅଧକ୍ଷ ମନୋରଞ୍ଜନ ମହାନ୍ତ, ବେତନଟୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ସଂଯୁକ୍ତା ଜୀ,ପରିଚାଳନା କମିଟି ସଭାପତି ଅଲେଖ କୁମାର ବିଶ୍ୱାଳ,ଅଖିଳ ଭାରତୀୟ ବହୁଭାଷୀ ସାହିତ୍ୟ ପରିଷଦ 'କବି ସଙ୍ଗମ'ର ସଭାପତି ବାସୁଦେବ ନାପିତ,ଇକୋ କ୍ଲବର ମାଷ୍ଟର ଟ୍ରେନର ତଥା ଜିଲ୍ଲା ସଂଯୋଜକ ଡ଼କ୍ଟର ରମାକାନ୍ତ ମହାନ୍ତ, ବେତନଟୀ ବ୍ଲକ ସମ୍ବାଦ ସାହିତ୍ୟ ଘର ସଭାପତି ଡ଼କ୍ଟର ମନ୍ଦାକିନୀ ସାହୁ,ବଡ଼ସାହି ବ୍ଲକ ସମ୍ବାଦ ସାହିତ୍ୟ ଘର ସମ୍ପାଦକ ରାଜେନ୍ଦ୍ର ବିଶ୍ୱାଳ,ସାହିତ୍ୟିକ ସଚିନ୍ଦ୍ର ବିଶ୍ୱାଳ, ସିଭିଲ ସୋସାଇଟିର ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି, ପ୍ରମୁଖ ପରିବେଶ ପଞ୍ଚାୟତର ଲକ୍ଷ୍ୟ, ଉଦ୍ୟମ ଅତି ମହାନ ବୋଲି କହିଥିଲେ । ସମ୍ବାଦ 'ଆମ ଓଡିଶା' ବେତନଟୀ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ବିଭାଗ ଏବଂ ଯୁବ ରେଡକ୍ରସର ମିଳିତ ଉଦ୍ୟମରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୪୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଜାତୀୟ ସେବାସଂସ୍ଥାର କାର୍ଯ୍ୟକ୍ରମ ଅଧିକାରୀ ସୀମାନ୍ତ କୁମାର ଜେନା, ଯୁବ ରେଡକ୍ରସ ଅଧିକାରୀ ଡ଼କ୍ଟର ଚିତ୍ତରଞ୍ଜନ ରାଉତ, ବେତନଟୀ ସମ୍ବାଦ ପ୍ରତିନିଧି ଅନୁପ କୁମାର ଦଣ୍ଡପାଟଙ୍କ ସଂଯୋଜନାରେ ଅନୁଷ୍ଠିତ ରକ୍ତଦାନ ଶିବିର ପ୍ରତିକୂଳ ପାଣିପାଗ ସତ୍ତ୍ୱେ ସଫଳ ହୋଥିବାରୁ ଅଧକ୍ଷ ମନୋରଞ୍ଜନ ମହାନ୍ତ ରକ୍ତଦାତା ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ କ୍ଷଅତିଥି ମାନଙ୍କୁ ସ୍ୱାଗତ କରିଥିଲେ ବଡ଼ସାହି ବ୍ଲକ ସମ୍ବାଦ ପ୍ରତିନିଧି ଅମୀୟ କୁମାର ୍ଳା,ଧନ୍ୟବାଦ ଅର୍ପଣ କରିଥିଲେ ସମ୍ବାଦର ମୟୂରଭଞ୍ଜ ଜିଲ୍ଲା ପ୍ରତିନିଧି ଶ୍ରୀକାନ୍ତ ସାହୁ ।

# ରାମକୃଷ୍ଣ ମିଶନ ପକ୍ଷରୁ ବନ୍ୟା ପୀଡିତ ଲୋକଙ୍କୁ ରିଲିଫ୍ ବଣ୍ଟନ

ଲଙ୍ଗଳେଶ୍ୱର ୨୪/୯ ( ନିପ୍ର) ବାଲିଆପାଳ ବନ୍ୟା ପୀଡ଼ିତଙ୍କୁ ସାହାଯ୍ୟର ହାତ ବଢାଇଛନ୍ତି ଭୁବନେଶ୍ୱର ରାମକୃଷ୍ଣ ମିଶନ ମଠ । ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ସହଯୋଗରେ ମଠର କେତେକ ସ୍ୱେଚ୍ଛାସେବୀ ବାଲିଆପାଳ ଓ ଭୋଗରାଇ ବ୍ଲକ ପରିଦର୍ଶନ କରିବା ସହ ଚୁଡ଼ା ଏବଂ ଗୁଡ ବଣ୍ଟନ କରିଛନ୍ତି । ମଠର ସ୍ୱାମୀ ଅଦୟ୍ୟା ନନ୍ଦ ଏବଂ ତାଙ୍କର କେତେକ ସହଯୋଗୀ ବିଷ୍ଣୁ ପୁର, ଜାମକୁଣ୍ଡା ,ମଧୁପୁରା , ବାଲିଆପାଳ ଆଦି ପଞ୍ଚାୟତରେ ପହଞ୍ଚିଥିଲେ । ସେମାନେ ବନ୍ୟା ପୀଡିତ ୫ ହଜାର ଲୋକଙ୍କୁ ସହାୟତା ଦେବେ ବୋଲି ଜଣାପଡ଼ିଛି । ସମାଜ ସେବୀ ର୍ୱୀନ୍ଦ୍ର ନାଥ ଅଣ୍ଡିଆ,ବାପି ପଣ୍ଡା, ଲମ୍ବୋଦର ମାହାନା, କମଳ ଲୋଚନ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo